ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୪ ଜାନୁଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 24 JANUARY 2025

Vol.No. 36 ■ No.23 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଯା ଦେବୀ ସର୍ବଭୂତେଷୁ............

ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# ଟ୍ରମ୍ପଙ୍କ ଧମକ ପରେ ନରମିଲା ରୁଷ



ମସ୍କୋ , ୨୩/୧ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷମତାକୁ ଆସିବା ପରେ ଯୁଦ୍ଧ ଶେଷ କରିବାକୁ ରୁଷକୁ କହିଛନ୍ତି । ଏହାପରେ ରୁଷର ବୟାନ ଆସିଛି। ରୁଷ୍ ମଧ୍ୟ ଏବେ ଯୁଦ୍ଧ ଶେଷ କରିବାକୁ ପ୍ରସ୍ତୁତ ବୋଲି କହିଥିବା ବେଳେ ଏଭଳି ଆଲୋଚନା ପାରସ୍ପରିକ ସମ୍ମାନ ଉପରେ ଆଧାରିତ ହେବା ଉଚିତ ବୋଲି କହିଛି। ଅର୍ଥାତ୍ ଆଲୋଚନାରେ ଏକତରଫା ନିଷ୍ପତ୍ତି ନ ନେବାକୁ ରୁଷ ଦାବି କରିଛି। ଗୁରୁବାର ଦିନ ରୁଷିଆ ଟ୍ରମ୍ପଙ୍କୁ ଜବାବ ଦେଇ କହିଛି ଯେ ଟ୍ରମ୍ପଙ୍କ ସହ ପାରସ୍ପରିକ ସମ୍ମାନଜନକ କଥାବାର୍ତ୍ତା ପାଇଁ ସେ ପ୍ରସ୍ତୁତ ଅଛନ୍ତି। ପୁଟିନଙ୍କ ମନ୍ତବ୍ୟ ସମ୍ପର୍କରେ ସାମ୍ବାଦିକମାନେ ପଚାରିବାରୁ କ୍ରେମଲିନ ମୁଖପାତ୍ର ଦିମିତ୍ରୀ ପେସ୍କୋଭ୍ କହିଛନ୍ତି, ଆମେ ଏଥିରେ କିଛି ନୂଆ ଦେଖୁନାହୁଁ। ତାଙ୍କ ବୟାନ ଉପରେ ରୁଷ୍ ତୀକ୍ଷ୍ଣ ନଜର ରଖିଛି। ବୁଧବାର ଟ୍ରମ୍ପ ଧମକ ଦେଇଥିଲେ ଯେ ଯଦି ପୁଟିନ୍ ଯୁଦ୍ଧ ଶେଷ କରିବାକୁ ରାଜି ନହୁଅନ୍ତି ତେବେ ମସ୍କୋ ଉପରେ ଆହୁରି ଅଧିକ ପ୍ରତିବନ୍ଧକ ଲଗାଇବେ। ଯଦି ଆମେ କୌଣସି ଚୁକ୍ତିରେ ପହଞ୍ଚିପାରିବୁ ନାହିଁ, ତେବେ ରଷିଆ ଆମେରିକା କିମ୍ବା ଅନ୍ୟ ଦେଶକୁ ବିକ୍ରି କରୁଥିବା ସମସ୍ତ ଜିନିଷ ଉପରେ ଉଚ୍ଚ ଟିକସ ଏବଂ ପ୍ରତିବନ୍ଧକ ଲଗାଇବା ବ୍ୟତୀତ ଆମ ପାଖରେ ଅନ୍ୟ କୌଣସି ବିକଳ୍ପ ରହିବ ନାହିଁ ବୋଲି ସେ କହିଥିଲେ।

# ମାଘରେ ରୌଦ୍ର ରାଜୁତି: କୋରାପୁଟରେ ୫୨ ବର୍ଷର ରେକର୍ଡ ଭାଙ୍ଗିଲା ଜାନୁଆରୀ ତାତି



ଭୁବନେଶ୍ୱର, ୨୩/୧(ନି.ପ୍ର) : ଜାନୁଆରୀ ନ ଯାଉଣୁ ବଢ଼ିଲାଣି ତାତି । କୋରାପୁଟରେ ୫୨ ବର୍ଷର ରେକର୍ଡ ଭାଙ୍ଗିଲା ଜାନୁଆରୀ ତାପମାତ୍ରା । ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସଙ୍କ ସୂଚନା ଅନୁଯାୟୀ ଗତକାଲି କୋରାପୁଟରେ ସର୍ବାଧିକ ତାପମାତ୍ରା ଥିଲା ୩୩.୨ ଡିଗ୍ରୀ । ଯାହା ୫୨ ବର୍ଷର ରେକର୍ଡ ଭାଙ୍ଗିଛି । ମାଳଭୂମିରୁ ହଠାତ୍ ଉଭାନ ହୋଇଯାଇଛି ଶୀତ । ରାତିରେ ହାଲକା ଥଣ୍ଡା ପରିବେଶ ରହୁଥିଲେ ବି ସୂର୍ଯ୍ୟୋଦୟ ପରେ କିନ୍ତୁ ଦିନରେ ଟାଇଁ ଟାଇଁ ଖରା । ଜାନୁଆରୀ ନ ସରୁଣୁ ଏବେଠୁ ଦରକାର ପଡିଲାଣି ଫ୍ୟାନ୍ । ଯେଉଁଠି ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବି ଲାଗିରହେ ଶୀତ, ଏ ବର୍ଷ କିନ୍ତୁ ଏବେଠାରୁ ଗରମ ଅନୁଭୂତ ହେଲାଣି । ଆଜି ବି କୋରାପୁଟରେ ୩୦ ଡିଗ୍ରୀ ଉପରେ ରହିଛି ପାରଦ। ଖାଲି କୋରାପୁଟ କାହିଁକି ରାଜ୍ୟର ଅନ୍ୟ ଅଞ୍ଚଳରୁ ବି ଶୀତ ଗାଏବ । ଭୁବନେଶ୍ୱରରେ ଗତ ୨୦ ତାରିଖରେ ସକାଳ ସାଢେ ୫ଟାରେ ତାପମାତ୍ରା ୧୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଆଜି ସମାନ ସମୟରେ ତାପମାତ୍ରା ଥିଲା ୧୯ ଡିଗ୍ରୀ । ସେହିପରି ଝାରସୁଗୁଡାରେ ୨୦ ତାରିଖରେ ତାପମାତ୍ରା ଥିଲା ୯.୬ ଡିଗ୍ରୀ ସେଲସିଅସ୍ । ଆଜି ପହଞ୍ଚିଛି ୧୩.୨ ଡିଗ୍ରୀରେ । ୩ ଦିନ ଭିତରେ ପାଖାପାଖି ୪ ଡିଗ୍ରୀ ବଢିଛି ପାରଦ । ପଶ୍ଚିମ ଓଡ଼ିଶା ଏବଂ ବଙ୍ଗୋପସାଗର ଉପରେ ଏବେ ଏକ ଆଣ୍ଟି ସାଇକ୍ଲୋନିକ୍ ଷ୍ଟର୍ମ ରହିଛି । ଏହାର ପ୍ରଭାବରେ ଆଦ୍ରତାଯୁକ୍ତ ବାୟୁ ବହୁଛି । ଏଥିସହ ଏବେ ଦକ୍ଷିଣ-ପଶ୍ଚିମ ଦିଗରୁ ବହୁଛି ପବନ । ସେଠାରେ ତାପମାତ୍ରା ଅଧିକ ଥିବାରୁ ଏଠାରେ ବି ଗରମ ଅନୁଭୂତ ହେଉଥିବା ପାଣିପାଗ ବିଜ୍ଞାନୀ କହିଛନ୍ତି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଆସନ୍ତା ୩ ଦିନ ଭିତରେ ଆହୁରି ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବଢିପାରେ ତାପମାତ୍ରା ।

## ଭୁବନେଶ୍ୱରରେ ନୂଆ ମଡେଲରେ ତିଆରି ହେବ ସହର

ଭୁବନେଶ୍ୱର, ୨୩/୧ (ନି.ପ୍ର): ଆଗକୁ ଭୁବନେଶ୍ୱର ସମ୍ପ୍ରସାରଣ ହେବ। ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଭୁବନେସ୍ୱଶ୍ୱରରେ ନୂଆ ସହର ତିଆରି ହେବ । ନୂଆ ମଡେଲର ସହର ତିଆରି ହେବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ମହାପାତ୍ର କହିଛନ୍ତି। ଆଗକୁ ଭୁବନେଶ୍ୱର ଭଳି ଅନ୍ୟ କର୍ପୋରେସନରେ ମଧ୍ୟ ଏଭଳି ଯୋଜନା ପାଇଁ ଚେଷ୍ଟା କରାଯିବ। ଏବେ ଅଧିକରୁ ଅଧିକ ସହରକୁ ଟିପି ସ୍କିମରେ ସାମିଲ ପାଇଁ ଯୋଜନା ରଖାଯାଇଛି। ସହର ବଢେଇବା ପାଇଁ ଚେଷ୍ଟା କରାଯାଉଛି।

# ନେତାଜୀଙ୍କ ସଶସ୍ତ୍ର ସଂଗ୍ରାମ ହୋଇନଥିଲେ, ବ୍ରିଟିଶ ସରକାର ହୁଏତ ଆହୁରି କିଛି ବର୍ଷ ଭାରତରେ ଶାସନ କରିଥାନ୍ତେ : ମୁଖ୍ୟମନ୍ତ୍ରୀ





କଟକ, ୨୩/୧ (ନି.ପ୍ର): ନେତାଜୀ ସୁଭାଷ ଚନ୍ଦ୍ର ବୋଷ ନିଜ ମାତୃଭୂମି ପାଇଁ ଉଚ୍ଚ ପଦପଦବୀକୁ ତ୍ୟାଗ କରି ଜନ୍ମମାଟିର ସେବା ପାଇଁ ନିଜକୁ ଉତ୍ସର୍ଗୀକୃତ କରିଥିଲେ। ଅଦମ୍ୟ ସାହସରେ ସାମରିକ ଉପାୟରେ ବ୍ରିଟିଶ ସାମ୍ରାଜ୍ୟକୁ ନଷ୍ଟ କରିବା ପାଇଁ ସେ ଜାପାନ ସମର୍ଥନରେ ସିଙ୍ଗାପୁରଠାରେ ନିର୍ବାସିତ ଭାରତୀୟ ଜାତୀୟତାବାଦୀଙ୍କ ଦ୍ୱାରା ଏକ ଅସ୍ଥାୟୀ ଭାରତୀୟ ସରକାର ଗଠନ କରିଥିଲେ। ଏହାର ନାମ ରଖିଥିଲେ 'ଆଜାଦ୍ ହିନ୍ଦ୍ ଫୌଜ' ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ନେତାଜୀ ଜୟନ୍ତୀ ଅବସରରେ କଟକରେ ଆୟୋଜିତ 'ପରାକ୍ରମ ଉତ୍ସବ'ରେ ଯୋଗଦେଇ ଗୁରୁବାର ଶ୍ରୀ ମାଝୀ କହିଛନ୍ତି ୧୯୪୩ ମସିହା ଡିସେମ୍ବରରେ ଜାପାନ ସହାୟତାରେ ଆଣ୍ଡାମାନ ଓ ନିକୋବର ଦ୍ୱୀପରେ ଆଜାଦ୍ ହିନ୍ଦ ଫୌଜର ପ୍ରଥମ ସରକାର ପ୍ରତିଷ୍ଠା କରିଥିଲେ। ଏହାକୁ ସମ୍ମାନ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୮ ମସିହା ଡିସେମ୍ବର ୩୦ ତାରିଖ ଦିନ ସେଠାରେ ଥିବା ୩ ଗୋଟି ଦ୍ୱୀପ ଯେପରିକି ରସ୍ ଦ୍ୱୀପକୁ ନେତାଜୀ ସୁବାସ ବୋଷ ଦ୍ୱୀପ, ନିଲ୍ ଦ୍ୱୀପକୁ ସହିଦ ଦ୍ୱୀପ ଏବଂ ହାଭେଲକ ଦ୍ୱୀପକୁ ସ୍ୱରାଜ ଦ୍ୱୀପ ଭାବେ ନାମକରଣ କରିଛନ୍ତି।

▶▶ପୃଷ୍ଠା ୭

# ୭୨ ଗ୍ରାମ୍ ବ୍ରାଉନସୁଗାର ଜବତ: ଜଣେ ଗିରଫ

ଜଳେଶ୍ୱର/କମର୍ଦ୍ଦା: ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅବକାରୀ ସେଟ ଲାଇଟ୍ ୟୁନିଟ ପକ୍ଷରୁ ଆଜି କମର୍ଦ୍ଦା ଥାନା ଅଧିନସ୍ଥ ବାରମାଇଲ ପେଟ୍ରୋଲ ପମ୍ପ ନିକଟରେ ଚଢ଼ାଉ କରି ୭୨ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏହି ମାମଲାରେ ଜଣକୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗର ର ମୂଲ୍ୟ ୭.୨୦ ଲକ୍ଷ ହେବ ବୋଲି ଆକଳନ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି କସବା କମର୍ଦ୍ଦା ଗ୍ରାମର ଦିବାକର ନାୟକ(୩୦)। ଅବକାରୀ ସେଟ ଲାଇଟ୍ ୟୁନିଟ୍‌କୁ ମିଳିଥିବା ଏକ ଗୋପନୀୟ ସୂଚନା ଆଧାରରେ ଆଜି ପୂର୍ବାହ୍ନ ୭ଟା ସମୟରେ ଜଳେଶ୍ୱର

▶▶ପୃଷ୍ଠା ୭

## କମିସନରେଟ୍ ପୋଲିସର ସ୍ପେଶାଲ ଡ୍ରାଇଭ: ବିପୁଳ ପରିମାଣର ମାଦକ ଦ୍ରବ୍ୟ ଜବତ

ଭୁବନେଶ୍ୱର, ୨୩/୧ (ନି.ପ୍ର): କମିସନରେଟ ପୋଲିସର ସ୍ପେଶାଲ ଡ୍ରାଇଭ । ବିଭିନ୍ନ ସ୍ଥାନରେ ରେଡ୍ ସମୟରେ ମାଦକ ଦ୍ରବ୍ୟ ଜବତ ହୋଇଥିବା ସୂଚନା ଦେଇଛନ୍ତି ପୋଲିସ କମିସନର ସୁରେଶ ଦେବଦତ୍ତ ସିଂ । ମୈତ୍ରୀ ବିହାର ହାତୀଆଶୁଣି ଅଂଚଳରୁ ୪୨କେଜି ଗଞ୍ଜେଇ ଜବତ ହୋଇଛି । ଏହି ଘଟଣାରେ ୫ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୋଲିସ । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ଲକ୍ଷ ରୁ ଅଧିକ ଟଙ୍କା ହେବ । ଏହାସହିତ ନଗଦ ୨୦ହଜାର ଟଙ୍କା ଓ ୩ଟି ବାଇକ ମଧ୍ୟ ଜବତ କରିଛି ପୋଲିସ । ସେହିଭଳି ବାଲିଅନ୍ତା ଥାନା ପୋଲିସ ପକ୍ଷରୁ ୨୬୦ଗ୍ରାମ ବ୍ରାଉନସୁଗର ଜବତ କରିଛି । ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବାଲିଅନ୍ତା ଥାନା ପୋଲିସ । ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୨୬ଲକ୍ଷ ଟଙ୍କା ହେବ । ଗୋଟିଏ କାର ଓ ୨୨୦୦୦ ନଗଦ ଟଙ୍କା ଜବତ କରିଛି ପୋଲିସ ।

# ନବ ଦାସ ହତ୍ୟାକାଣ୍ଡର ନିଷ୍ପତ୍ତି ଖୁବ୍ ଶୀଘ୍ର: ଆଇନମନ୍ତ୍ରୀ



ଭୁବନେଶ୍ୱର, ୨୩/୧(ନି.ପ୍ର) : ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ତଦନ୍ତ ପ୍ରକ୍ରିୟା କ'ଣ ହେବ, ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ସରକାର। ଆଜି ଏପରି ଚାଂଚଲ୍ୟକର ବୟାନ ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ କହିଛନ୍ତି, ନବ ଦାସଙ୍କ ହତ୍ୟା ମାମଲା ବିଚାରାଧୀନ ଅଛି। ଖୁବଶୀଘ୍ର ସରକାର ନିଷ୍ପତ୍ତି ନେବେ। ବିଭିନ୍ନ ତଥ୍ୟ ଗୋଟି ଗୋଟି କରି ସାମ୍ନାକୁ ଆସୁଛି। ପୂର୍ବ ସରକାର ସମୟରେ ଭୟର ବାତାବରଣ ଥିବାରୁ ଅନେକ ଲୋକ ମୁହଁ ଖୋଲୁ ନଥିଲେ। ଏପରିକି ନବ ଦାସଙ୍କ ପରିବାର ଲୋକ ମଧ୍ୟ ମୁହଁ ଖୋଲିବାକୁ ସାହସ କରୁନଥିଲେ। ଏବେ ସେ ଭୟ ଦୂରେଇ ଯାଇଛି। ଅନେକ ତଥ୍ୟ ଧୀରେ ଧୀରେ ସାମ୍ନାକୁ ଆସିବା ଆରମ୍ଭ ହୋଇଛି। ସେସବୁ ତଥ୍ୟକୁ ହୁଏତ ଆଗାମୀ ଦିନରେ ତଦନ୍ତ ପରିସରଭୁକ୍ତ କରାଯିବ। ସବୁ ଘଟଣାକୁ ତଦନ୍ତ ପରିସରଭୁକ୍ତ କଲେ କିଏ ଓ କାହିଁକି ନବ ଦାସଙ୍କୁ ହତ୍ୟା କଲା ? ଷଡ଼ଯନ୍ତ୍ରରେ କିଏ ଭାଗିଦାରୀ ? ଏସବୁ କଥା ନିଷ୍ଚିତ ଭାବେ ଆସିବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ। ଗତ କିଛି ଦିନ ହେବ ନବ ଦାସଙ୍କ ହତ୍ୟା ମାମଲାକୁ ନେଇ ରାଜନୀତି ତେଜିଛି। କିଛି ଦିନ ତଳେ ନବଙ୍କ ରକ୍ତ ଭିଜା ସାର୍ଟକୁ ଏକ ଘରୋଇ ହସପିଟାଲର କର୍ତ୍ତୃପକ୍ଷ ପୋଡ଼ି ଦେବା କଥା

▶▶ପୃଷ୍ଠା ୭

# ବିଶୃଙ୍ଖଳିତ ବିଧାୟକଙ୍କୁ ବାଚସ୍ପତିଙ୍କ ଚେତାବନୀ: ଗୃହରେ ଶୃଙ୍ଖଳା ବନ୍ଧ ଡେଇଁଲେ ହେବ କଡ଼ା ଆକ୍ସନ



ଭୁବନେଶ୍ୱର, ୨୩/୧(ନି.ପ୍ର) : ଆଉ ଚଳିବନି ବିଶୃଙ୍ଖଳା । ବିଧାନସଭାର ଶୃଙ୍ଖଳା ଗଣ୍ଡି ବାହାରକୁ ଗଲେ ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠାନ । ବଜେଟ୍ ଅଧିବେଶନ ପୂର୍ବରୁ ବିରୋଧୀ ଦଳର ବିଶୃଙ୍ଖଳିତ ବିଧାୟକଙ୍କୁ ଏଭଳି ସତର୍କ ବାଣୀ ଶୁଣାଇଛନ୍ତି ବାଚସ୍ପତି। ଯାହାକୁ ନେଇ ତେଜିଛି ରାଜନୀତି। ବାଚସ୍ପତିଙ୍କ ନାଲି ଆଖିକୁ ଡର ନାହିଁ ବୋଲି ବିଜେଡି ଓ କଂଗ୍ରେସ କହିଥିବାବେଳେ ବିଜେପି କହିଛି, ବିଶୃଙ୍ଖଳିତ ଆଚରଣ ପାଇଁ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ।

▶▶ପୃଷ୍ଠା ୭

# ଡିଇଓଙ୍କ ଘରୁ ବାହାରୁଛି ବିଡା ବିଡା ଟଙ୍କା: ବାବୁଙ୍କ ସମ୍ପତ୍ତି ଦେଖି ଭିଜିଲାନ୍ସ ଅଧିକାରୀ ଟେରା



ପାଟନା, ୨୩/୧: ଜିଲ୍ଲା ଶିକ୍ଷାଧିକାରୀଙ୍କ ଘରେ ପୁଳା ପୁଳା ଟଙ୍କା । ନୋଟ୍ ଦେଖି ଭିଜିଲାନ୍ସ ଅଧିକାରୀଙ୍କ ଉଡ଼ିଗଲା ହୋସ୍ । ଟଙ୍କା ହାତରେ ଗଣି ପାରିଲେନାହିଁ, ଶେଷରେ ମେସିନ୍ ମଗାଇବାକୁ ପଡ଼ିଲା । ବିହାରରୁ ସାମ୍ନାକୁ ଆସିଛି ଏଭଳି ଦୃଶ୍ୟ । ବେତିହା ଜିଲ୍ଲାର ଶିକ୍ଷା ଅଧିକାରୀ ରଜନୀକାନ୍ତ ପ୍ରବୀଣଙ୍କ ଘରେ ଗୁରୁବାର ଭିଜିଲାନ୍ସ ରେଡ୍ ମାରିଥିଲା । ଏହି ଚଢ଼ାଉ ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ହୋଇଥିଲା । ମାତ୍ର ରେଡ୍ ବେଳେ ଡିଇଓଙ୍କ ଘରୁ ପୁଳା ପୁଳ ନଗଦ ଟଙ୍କା ମିଳିଛି । ତାଙ୍କ ଶୋଇବା ବେଡ୍ ତଳେ ବିଡ଼ା ବିଡ଼ା ଟଙ୍କା ଲୁଚାଇ ରଖିଥିଲେ ଶିକ୍ଷା ଅଧିକାରୀ । ରଜନୀକାନ୍ତ ପ୍ରବୀଣ ଗତ ତିନି ବର୍ଷ ହେଲା ବେତିହା ଜିଲ୍ଲାରେ ଶିକ୍ଷାଧିକାରୀ ଭାବେ କାର୍ଯ୍ୟରତ ରହିଛନ୍ତି । ବସନ୍ତ ବିହାରରେ ଥିବା ବାସଭବନରେ ପୋଲିସ ସହିତ ଭିଜିଲାନ୍ସ ଟିମ୍ ରେଡ୍ ମାରିଥିଲା । ଏବେବି ଡିଇଓ ଘରେ ଛାନଭୀନ ଜାରି ରହିଛି । ବର୍ତ୍ତମାନ ସୁଦ୍ଧ କେତେ ଟଙ୍କା ଜବତ ହୋଇଛି ଏନେଇ ଭିଜିଲାନ୍ସ ପକ୍ଷରୁ କୌଣସି ସୂଚନା ମିଳିନାହିଁ । ମାତ୍ର କୋଟିଏରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଜବତ ହୋଇଥିବା ସୂଚନା ମିଳିଛି । ଏନେଇ ଭିଜିଲାନ୍ସ ପକ୍ଷରୁ ଟଙ୍କା ଗଣିବା

▶▶ପୃଷ୍ଠା ୭

## ଘନ କୁହୁଡି କାରଣରୁ ରାଜ୍ୟରେ ଜନ ଜୀବନ ପ୍ରଭାବିତ

ଭୁବନେଶ୍ୱର, ୨୩/୧ (ନି.ପ୍ର): ଭୁବନେଶ୍ୱର ଓ କଟକ ସମେତ ଓଡିଶାର ବିଭିନ୍ନ ଅଂଚଳରେ ଗୁରୁବାର ସକାଳେ ଘନ କୁହୁଡି ଦେଖିବାକୁ ମିଳିଥିଲା । ଏହି କାରଣରୁ ବିଭିନ୍ନ ଅଂଚଳରେ ଜନଜୀବନ ପ୍ରଭାବିତ ହୋଇଥିଲା। ରାଜ୍ୟର ଅନେକ ସହରୀ ଓ ଗ୍ରାମୀଣ ଅଂଚଳରେ ସମାନ ସ୍ଥିତି ଦେଖାଯାଇଥିଲା । ରାସ୍ତାରେ ଗାଡି ଗୁଡିକର ଚଳାଚଳ ଉପରେ ଏହାର ସର୍ବାଧିକ ପ୍ରଭାବ ଦେଖିବାକୁ ମିଳିଥିଲା । ମିଳିଥିବା ସୂଚନା ଅନୁସାରେ, ଅନେକ ଅଂଚଳରେ ଦୃଶ୍ୟତା ୧୦ ଠାରୁ ୨୦ ମିଟର ପର୍ଯ୍ୟନ୍ତ ସୀମିତ ଥିଲା, ଯାହାରେ ଡ୍ରାଇଭର ଓ ବାଇକ୍ ଚଳାଉଥିବା ଲୋକ ମାନେ ସଡ଼କରେ ଗାଡ଼ି ଚଳାଇବା ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

# ଦିଲ୍ଲୀ ନିର୍ବାଚନ : କେଜ୍ରିୱାଲଙ୍କୁ ଅଣନିଶ୍ୱାସୀ କଲେଣି କଂଗ୍ରେସ-ବିଜେପି



ନୂଆଦିଲ୍ଲୀ, ୨୩/୧ : ଜମୁଛି ଦିଲ୍ଲୀ ନିର୍ବାଚନ ପ୍ରଚାର ଲଢେଇ । ହାତରେ ୧୫ ଦିନ ଥିବା ବେଳେ ରଣହୁଙ୍କାର ଦେଉଛନ୍ତି ତିନି ପ୍ରମୁଖ ଦଳର ନେତା । କେମିତି ଜନତାଙ୍କ ଭୋଟ୍ ନେବେ ସେନେଇ ରଣନୀତି ବି ପ୍ରସ୍ତୁତ କରୁଛନ୍ତି । ହେଲେ କେଜ୍ରିୱାଲଙ୍କୁ ଘେରିବାକୁ ବିରୋଧୀ ବିଜେପି ଓ କଂଗ୍ରେସ ଯେଉଁ ରଣନୀତି ଆପଣାଇଲେଣି ସେଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି କି, ଆଗାମୀ ନିର୍ବାଚନରେ ଆପର ଅଖଚକ ପୂରା ଜାମ ହୋଇଯିବ । ଲଗାତାର ଦ୍ୱିତୀୟ ଥର କ୍ଷମତା ପାଇବା ପରେ ତୃତୀୟ ଥର ସିଏମ ଚୌକିରେ ବସିବାକୁ ଚେଷ୍ଟା କରୁଛନ୍ତି କେଜ୍ରିୱାଲ । ହେଲେ ଏଥର ସତ୍ତାକୁ ଫେରିବାକୁ ଆଦୌ ସହଜ ହେବନି । ଖାସ କରି ବହୁଚର୍ଚ୍ଚିତ ମଦ ଦୁର୍ନୀତିରେ ଛନ୍ଦି ହୋଇ କେଜ୍ରିୱାଲ ଓ ତାଙ୍କ ଦଳୀୟ ନେତାମାନେ ଜେଲ୍ ଯିବାଠୁ ଆରମ୍ଭ କରି ମାଳମାଳ ମାମଲାରେ ଫଶିଛନ୍ତି । ତେଣୁ ସାଧାରଣ ଜନତା ଆପ୍ ସରକାର ଉପରେ ଏଥର ଆଉ ବିଶ୍ୱାସ କରିବେ ନାହିଁ ବୋଲି କୁହାଯାଉଛି । ଦିଲ୍ଲୀ ନିର୍ବାଚନ ତାରିଖ ଘୋଷଣା ହେବା ପରେ ଆପ୍ ପକ୍ଷରୁ ପ୍ରଥମେ ପ୍ରାର୍ଥୀ ଘୋଷଣା ହୋଇଥିଲା । ଦଳର ରଣନୀତି ଦେଖିଲେ ସ୍ପଷ୍ଟ ଭାବରେ ବୁଝାପଡୁଥିଲା କି, ଏଥର କୌଣସି ପରିସ୍ଥିତିରେ ବିରୋଧୀ ଦଳରେ ବସିବାକୁ ସେମାନେ ରାଜି ନାହାନ୍ତି । ସେଇଥି ଲାଗି ତ କେଜ୍ରିୱାଲ ମୋଦି ଓ ରାହୁଲଙ୍କୁ ଟାର୍ଗେଟ୍ କରିଥିଲେ ତାହା ପୁଣି ସିଧାସଳଖ । ହେଲେ ସେହି ଟାର୍ଗେଟ୍ ଏବେ ଆପ୍ ଉପରେ ଭାରି ପଡ଼ିଛି । ଅର୍ଥାତ୍, ବିଜେପି ଓ କଂଗ୍ରେସ ପକ୍ଷରୁ ଆପ ଉପରେ ଜୋରଦାର ହମଲା କରାଯାଉଛି ।

▶▶ପୃଷ୍ଠା ୭

# ଓଜସ୍ୱିନୀ ଲାଇଭଲିହୁଡ୍ ଫୋରମ ପକ୍ଷରୁ ସବାଇ କଳା ମହୋତ୍ସବ




ବାଲିଆପାଳ, ୨୩/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଡଗରା ଡ଼ାକବଙ୍ଗଳା ପରିସର ରେ ବୁଧବାର ଉଜ୍ଜୟିନୀ ଲାଇଭଲିହୁଡ ଫୋରମ୍ ପକ୍ଷରୁ ସବାଇ କଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କାରିଗରଙ୍କୁ ପ୍ରୋତ୍ସାହିତ କରିବା ଉକ୍ତ ମହୋତ୍ସବର ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନର ମୁଖ୍ୟ ଅଜିତ୍ କୁମାର ରାଉତରାୟ ସୂଚନା ଦେଇଛନ୍ତି , ଆୟୋଜିତ ସଭାରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧିରେନ୍ଦ୍ର ନାଥ ହାଜିରା, ସମ୍ମାନିତ ଅତିଥି ଉଜ୍ଜୟିନୀ ନିର୍ଦ୍ଦେଶକା ସଂଧ୍ୟା ରାଣୀ ମହାନ୍ତି, ସହ ନିର୍ଦ୍ଦେଶକ ଅଜିତ୍ କୁମାର ରାଉତ ରାୟ, ଭୁବନେଶ୍ୱରରେ କଳା ସମାଲୋଚକ ଓ ଲେଖକ ସୁମିତ୍ରା ପାଢ଼ୀ ଯୋଗଦେଇଥିଲେ।ଏହି ସବାଇ କଳା ମହୋତ୍ସବ ସର୍ବବୃହତ ମୁକ୍ତାକାଶ ମଞ୍ଚ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସବାଇ ଘାସରୁ କିପରି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରାଯାଉଛି, ମେଳାରେ ମହିଳା କାରିଗରମାନେ ତାହା ପ୍ରଦର୍ଶନ କରିବା ସହ ମହିଳା ସଶକ୍ତିକରଣ, ଇକୋ ଫ୍ରେଣ୍ଡ୍ଲି କାରିଗରୀକୁ ପ୍ରୋତ୍ସାହନ ଦେବା ମହୋତ୍ସବର ଉଦ୍ଦେଶ୍ୟ ରହିଛି। ମହୋତ୍ସବରେ ଶ୍ରେଷ୍ଠ କାରିଗରଙ୍କ ଠାରୁ ଆରମ୍ଭ କରି ସମୁଦାୟ ୧୧ଟି ବିଭାଗରେ ପୁରସ୍କାର ପ୍ରଦାନ କରାଯାଇ ଥିଲା, ବାଲିଆପାଳ ବ୍ଲକ ର ବେତଗଡିଆ,ପ୍ରତାପ ପୁର, ଡଗରା,ନୂଆଁ ଗାଁ ପ୍ରଭୃତି ପଞ୍ଚାୟତ ରୁ ୨୦୦ ମହିଳା ସବାଇ ଘାସ ଏବଂ ଖଜୁରି ପିଞ୍ଚ ରୁ ବିଭିନ୍ନ ପ୍ରକାରର ଘରୋଇଉପକରଣ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି, ଯାହା କି ରାଜ୍ୟ ତଥା ରାଜ୍ୟ ବାହାରେ ଭଲ ଚାହିଦା ରହିଛି, ତାଛଡା ଦେଶ ବିଦେଶରେ ମଧ ବେଶ ଆଦୃତ ହୋଇପାରିଛି, ଗୃହୀଣୀ ଜୀବନ ର ବ୍ୟସ୍ତତା ସତ୍ତ୍ୱେ ସମୟ ବାହାର କରି ଅବସର ସମୟ ଏହି ସବୁ ସାମଗ୍ରୀ ପ୍ରସ୍ତୁତ କରି ୫ ହଜାର ଟଙ୍କା ପର୍ଯ୍ୟନ୍ତ ରୋଜଗାର କରି ନିଜେ ସ୍ୱାବଲମ୍ବୀ ହୋଇପାରୁଛନ୍ତି ଏବଂ ବହୁତ ଖୁସି ଅନୁଭବ କରୁଛନ୍ତି ବୋଲି ତୁଳସୀ ସାହୁ,ସୁମତୀ ବାରିକ, ଗୀତା ରାଣୀ ବାରିକ ପ୍ରମୁଖ ମହିଳା ମାନେ କହିଛନ୍ତି। ଏହା ଛଡ଼ା ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ବଦଳରେ ଏହି ପ୍ରାକୃତିକ ସାମିଗ୍ର ରେ ଆବଶ୍ୟକତା ରହିଛି ବୋଲି ଉପରୋକ୍ତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଆଗକୁ ୨୦୦ ନୁହଁ ପ୍ରତ୍ୟେକ ପରିବାର ର ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ଉଜ୍ଜୟିନୀ ଲାଇବହୁଡ ଫୋରମ୍ ର ଲକ୍ଷ୍ୟ ରହିଛି ବୋଲି ସଂଗଠନ ର ନିର୍ଦ୍ଦେଶିକା ସନ୍ଧ୍ୟା ରାଣୀ ମହାନ୍ତି କହିବା ସହିତ ୨୦୦ ମହିଳା ଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସୁନ୍ଦର କାରୁକାର୍ଯ୍ୟର ତାଲିମ ପ୍ରଦାନ କରୁଥିବା ଜଗନ୍ନାଥ ଦାସ ଙ୍କୁ ସଂଗଠନ ପକ୍ଷରୁ ଧନ୍ୟବାଦ୍ ଅର୍ପଣ କରିଛନ୍ତି।

# ସମ୍ବିଧାନକୁ ସର୍ବୋଚ୍ଚ ସମ୍ମାନ ଦେଇଛି ବିଜେପି ସରକାର : ମନ୍ତ୍ରୀ କୈଳାଶ ବିଜୟବର୍ଗୀୟ

ରାଉରକେଲା , ୨୩/୧ (ନି.ପ୍ର): ଭାରତୀୟ ଜନତା ପାର୍ଟି ପାନପୋଷ ସାଂଗଠନିକ ଜିଲ୍ଲା ତରଫରୁ ସମ୍ବିଧାନ ଗୌରବ ଅଭିଯାନର ସମ୍ମିଳନୀ ଛେଣ୍ଡ ସ୍ଥିତ ହକି ଭିଲେଜ ମେଫେୟାର , ବଲ ରୁମ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ଜିଲ୍ଲା ସଭାପତି ଲତିକା ପଟ୍ଟନାୟକ ଙ୍କ ସଭାପତିତ୍ୱ ଓ ମୁଖପାତ୍ର ଗଙ୍ଗାଧର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ ସରକାରଙ୍କ ନଗର ବିକାଶ ଓ ଆବାସ ତଥା ସଂସଦୀୟ ମନ୍ତ୍ରୀ ଶ୍ରୀ କୈଳାଶ ବିଜୟ ବର୍ଗୀୟ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ବିରମିତ୍ରପୁର ପ୍ରାକ୍ତନ ବିଧାୟକ ଶଙ୍କର ଓରାମ, ରାଜ୍ୟ ବିଜେପି ସାଧାରଣ ସମ୍ପାଦିକା ପୂର୍ଣ୍ଣିମା କେରକେଟା, ବିଜେପି ବୁଦ୍ଧିଜୀବୀ ସେଲର ସଂଯୋଜକ ଚନ୍ଦ୍ରଶେଖର ଶତପଥୀ, ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସୁଜିତ ସିଂ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ବିଜୟବର୍ଗୀୟ କାର୍ଯ୍ୟକ୍ରମ ର ଆଭିମୁଖ୍ୟ ସମ୍ପର୍କରେ ମତ ରଖି କହିଲେ ଯେ ଭାରତବର୍ଷ ସବୁଠାରୁ ବଡ ଗଣତନ୍ତ୍ର ଦେଶ। ପ୍ରତି ଦଶକୋଶ ଦୂରରେ ବେଶ ଓ ଭାଷା ବଦଳିଥାଏ। ତେବେ ବିଭିନ୍ନତା ମଧ୍ୟରେ ଏକତା ହେଉଛି ଆମର ଶକ୍ତି। ବାବା ସାହେବ ଆଂବେଦକର ଦେଶକୁ ଏକତା ସୂତ୍ରରେ ବାନ୍ଧି ରଖିବା ପାଇଁ ସମ୍ବିଧାନ ପ୍ରସ୍ତୁତ କରିଥିଲେ। ଆମ ପ୍ରଧାନମନ୍ତ୍ରୀ ସେହି ସମ୍ବିଧାନ କୁ ସୁରକ୍ଷା ଦେବାରେ ପ୍ରତିଶ୍ରୁତିବଦ୍ଧ। ମାତ୍ର କଂଗ୍ରେସର ନେହେରୁଙ୍କ ଠାରୁ ରାହୁଲଙ୍କ ପର୍ଯ୍ୟନ୍ତ ସମ୍ବିଧାନକୁ ସମ୍ମାନ ଦେବା ଶିଖି ନାହାଁନ୍ତି। ଆମେ ସମ୍ବିଧାନକୁ ମୁଣ୍ଡ ଉପରେ ରଖୁଥିବାବେଳେ ରାହୁଲ ପକେଟରେ ରଖି ବୁଲୁଛନ୍ତି। ୧୯୫୦ ର ସମ୍ବିଧାନ କାର୍ଯ୍ୟକାରୀ ହୋଇଥିବା ବେଳେ ଏହାର ୨୫ ବର୍ଷ ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି କରି ସମ୍ବିଧାନ କୁ ଏକପ୍ରକାର ପଙ୍ଗୁ କରିଦେଇଥିଲେ। ସେହିପରି ବିରୋଧୀ ଦଳର ନେତା ଭାବେ ରାହୁଲ ବିଦେଶକୁ ଯାଇ ଭାରତକୁ ବଦନାମ କରିବା ପାଇଁ ଲାଗିଥାନ୍ତି। ଏହାସହ ସେ ତତ୍କାଳୀନ ପ୍ରଧାନମନ୍ତ୍ରୀ ନରସିଂହରାଓ ସମୟରେ ଅଟଳ ବିହାରି ବାଜପେୟୀ କିପରି ବିଶ୍ୱ ଦରବାରରେ ଭାରତର ଗରିମାକୁ ବଜାୟ ରଖିଥିଲେ,ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ପୂର୍ବତନ ପ୍ରଧାନ ମନ୍ତ୍ରୀ ଜବାହର ଲାଲ ନେହେରୁଙ୍କ ତୃଷ୍ଟିକରଣ ନୀତି ଯୋଗୁ ୩୭୦ ଧାରାକୁ ଯୋଡ଼ା ଯାଇ ଥିଲା ଯାହାଦ୍ୱାରା ଭାରତରେ ଜାମୁ ଓ କଶ୍ମୀରକୁ ସ୍ୱତନ୍ତ୍ର ଅଧିକାର ଦିଆ ଯାଇ ଏକ ଦେଶରେ ଦୁଇ ବିଧାନ, ଦୁଇ ପ୍ରଧାନ, ଦୁଇ ନିଶାନ ଲାଗୁ କରା ଯାଇ ଥିଲା ଯାହାକୁ ବିରୋଧ କରି ଜନସଂଘର ପ୍ରତିଷ୍ଠାତା ଡ ଶ୍ୟାମା ପ୍ରସାଦ ମୁଖାର୍ଜୀ ବିରୋଧ କରିଥିଲେ ଏବଂ ବନ୍ଦୀ ହୋଇ ସନ୍ଦେହ ଜନକ ଭାବେ ମୃତ୍ୟୁ ବରଣ କରିଥିଲେ । ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଙ୍କ ସାହବାନୁ କେସରେ ଦେଇଥିବା ନିର୍ଣ୍ଣାୟକକୁ କଂଗେସ ସରକାର ବଦଳାଇ ଦେଇଥିଲେ । ଏହି ପରି ଭାବରେ ସମ୍ବିଧାନକୁ ବାରମ୍ବାର କଂଗ୍ରେସ ସରକାର କୁଚଳୀ ଦେଇଛନ୍ତି । ଏନ୍ ଡି ଏ ସରକାର କେନ୍ଦ୍ରରେ ଆଦିବାପରେ ୩୭୦ ଧାରାକୁ ଉଚ୍ଛେଦ କରି ବା ସହିତ ସମ୍ବିଧାନକୁ ସମ୍ମାନ ଦେଇ ଆସୁଛନ୍ତି । ସେ ଡ ସର୍ଦ୍ଦାର ପଟେଲଙ୍କ ଭୂମିକା କୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ବିଧାୟକ ଶ୍ରୀ ଆଚାର୍ଯ୍ୟ ଏଭଳି କାର୍ଯ୍ୟକ୍ରମ ପ୍ରାୟ ୫୦ଟି ସ୍ଥାନରେ ହେବାକୁ ଥିବା ବେଳେ ପ୍ରଥମେ ଭୁବନେଶ୍ୱର, ଏବେ ରାଉରକେଲା ଓ ପରେ ସମ୍ବଲପୁରରେ ହେବ ବୋଲି କହିବା ସହ କଂଗ୍ରେସର ସମ୍ବିଧାନ ବିରୋଧୀ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଇନ୍ଦିରା ଙ୍କ ଶାସନକାଳରେ ସର୍ବାଧିକ ସମ୍ବିଧାନ ବିରୋଧୀ କାର୍ଯ୍ୟକ୍ରମ ହୋଇଥିବା ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ବୁଦ୍ଧିଜୀବୀମାନେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ବିଧାୟକ ଶ୍ରୀ ତନ୍ତୀ ବିଜେପି ସମ୍ବିଧାନ କୁ ଅଧିକ ସମ୍ମାନ ଦେଉଥିବା ଦଳ ବୋଲି କହିବା ସହ ବାବା ସାହେବଙ୍କ ୫ଟି ସ୍ଥାନ ପବିତ୍ର ସ୍ଥାନ ବୋଲି ମତ ରଖିଥିଲେ।

# ଟିଟିଲାଗଡ଼ ଆଥଲେଟିକ ଆସୋସିଏସନ ତରଫରୁ ମାରାଥନ ଦୌଡ ପ୍ରତିଯୋଗିତା ଅନୁଷ୍ଠିତ

ବଲାଙ୍ଗିର, ୨୩/୧ (ନି.ପ୍ର): ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଟିଟିଲାଗଡ଼ ଆଥଲେଟିକ ଆସୋସିଏସନ୍ ପକ୍ଷରୁ ବୁଧବାର ଦିନ ସକାଳୁ ଉଭୟ ପୁରୁଷ ଓ ମହିଳା ବର୍ଗରେ ମାରାଥନ ଦୌଡ ସଭାପତି ରାଧାକାନ୍ତ ପାଢ଼ୀ ଏବଂ ସମ୍ପାଦକ ଶୁଭ୍ରାଂଶୁ ଦାସଙ୍କ ଅଧ୍ୟକ୍ଷତାରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମହିଳା ମାନେ ସ୍ଥାନୀୟ ପିପଲପଦର ମାତୃ ଶିଶୁ ହସ୍ପିଟାଲ ଠାରୁ ଓ ପୁରୁଷମାନେ ବାଞ୍ଜିଝାଲ ଠାରୁ ଦଉଡ଼ି ଥିଲେ । ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ ପୌରାଧକ୍ଷା ମମତା ଦେବୀ ଜୈନ । ଏହି ପ୍ରତିଯୋଗିତାରେ ପୁରୁଷ ବର୍ଗରେ ଧରଣୀ ପାଣ୍ଡେ (ବାଙ୍କେଲ), ଦ୍ୱିତୀୟ ସ୍ଥାନ ପ୍ରଶାନ୍ତ ନାଏକ (ମୁରିବାହାଲ), ତୃତୀୟ ସ୍ଥାନ ସିଦ୍ଧେଶ୍ୱର ମାଝୀ (ଖୋଲାନ୍) ହୋଇଥିବା ବେଳେ ମହିଳା ବର୍ଗରେ ସମସ୍ତେ ସିହିନୀ ଗ୍ରାମର ପ୍ରଥମ ଆରତି ମାଝୀ, ଦ୍ୱିତୀୟ ସ୍ଥାନ ରାକ୍ଷୀ ମାଝୀ, ତୃତୀୟ ସ୍ଥାନ ପାୟଲ ଛତର ହୋଇଛନ୍ତି । ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଟିଟିଲାଗଡ଼ ପୌର ପରିଷଦର ଅଧକ୍ଷା ଶ୍ରୀମତୀ ମମତା ଦେବୀ ଜୈନ ମାନପତ୍ର ପ୍ରଦାନ କରିଥିଲେ । କୃତି ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସରେ ହାଇସ୍କୁଲ ଖେଳ ପଡ଼ିଆରେ ପୁରସ୍କୃତ କରାଯିବ ବୋଲି ସୂଚନା ଦେଇଛନ୍ତି । ତିନି ମହିଳା କୃତି ପ୍ରତିଯୋଗୀଙ୍କୁ ପ୍ରଦୀପ ସାହୁ ଏକ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାକୁ ପରିଚାଳନା କରିବାରେ ଆସୋସିଏସନର ଧ୍ରୁବଲେ ଦଳବେହେରା, ବୈରାଗୀ ବିଶି, ଜନାର୍ଦ୍ଦନ ହୋତା, ସନ୍ତୋଷ ପ୍ରଧାନ, ଶରତ ମିଶ୍ର, ଚକ୍ର ପଟ୍ଟନାୟକ, ଦୀପକ ସମାଦ୍ଦାର, ଈଶ୍ୱର ଜୈନ, ମାମରାଜ ଜୈନ, ହେମନ୍ତ ବେହେରା, ଘିନୁ ଆଡଯୁଆଡ, ରମାନାଥ ଖମାରୀ, ଆନନ୍ଦ ପାଣ୍ଡେ ଅନ୍ୟ ମାନଙ୍କ ମଧ୍ୟରେ ସମାଜ କଲ୍ୟାଣ ପରିଷଦର ପ୍ରମୋଦ ସରାଫ, ପ୍ରକାଶ ସରାଫ, ଧରିତ୍ରୀ ମହାନ୍ତି, ପ୍ରକାଶ ଗୋୟଲ, ଲିଙ୍ଗରାଜ ସାହୁ, ପ୍ରଦୀପ ସାହୁ, ଖ୍ୱାଜ ମହମ୍ମଦ, ଦେବବ୍ରତ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ସହଯୋଗ କରିଥିଲେ । ସେହିପରି ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆମ୍ବୁଲାନ୍ସ ସେବା ଯୋଗାଇଥିଲେ ଅଶୋକ ଦୋରା, ନରେନ୍ଦ୍ର ପଣ୍ଡା, ସର୍ବେଶର ମହାନନ୍ଦ ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ମହିଳା ଅଧିକାରୀଙ୍କ ପାଇଁ ନେତୃତ୍ୱ ଉନ୍ନତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ରାଉରକେଲା, ୨୩/୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନାର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ମହିଳା ଅଧିକାରୀଙ୍କ ପାଇଁ ନେତୃତ୍ୱ ଉନ୍ନତିକରଣ ସମ୍ପର୍କିତ ଦୁଇ ଦିନିଆ କାର୍ଯ୍ୟକ୍ରମ ଜାନୁଆରୀ ୨୦ ଏବଂ ୨୧ ତାରିଖରେ ଅନୁଷ୍ଠିତ ହୋଇଥିଲା। ନିଜର ଗଭୀର ଅନ୍ତଃଦୃଷ୍ଟି ତଥା ସ୍ୱତନ୍ତ୍ରତା ସହ ପୁନଃସଂଯୋଗୀକରଣ ଏବଂ ଉତଥାନ ପତନର ବିଶ୍ଳେଷଣ, ସମେତ ନିଜ ଭିତରେ ଆବଶ୍ୟକ ପରିବର୍ତ୍ତନର ଅନୁସନ୍ଧାନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଥିଲା।



ଏହାର ଉଦଘାଟନୀ କାର୍ଯ୍ୟକ୍ରମରେ ଆଇନ ବିଭାଗର ସିଜିଏମ ଡକ୍ଟର ଚିନ୍ମୟ ସମଜଦାର ଅଧକ୍ଷତା କରି ବିଭିନ୍ନ ନେତୃତ୍ୱ ଗୁଣ ଉପରେ ଗୁରୁତ୍ୱ ଦେଇ ଏହି ତାଲିମ କାର୍ଯ୍ୟକ୍ରମର ସର୍ବୋତ୍ତମ ଉପଯୋଗ କରିବାକୁ ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଏମଏସ ଏବଂ ଏଲ ଆଣ୍ଡ ଡ଼ି ବିଭାଗର ସିଜିଏମ୍ ଶ୍ରୀ ପି କେ ସାହୁ ଏବଂ ଆଇଆଇଏମ୍, ରାୟପୁରର ପ୍ରୋଗ୍ରାମ ନିର୍ଦ୍ଦେଶକ ତଥା ଅଧିବେଶନର ଫେକଲ୍ଟି ସୁଶ୍ରୀ ସୁନିତା ସୁଗାର୍ଥୀ ମଞ୍ଚାସୀନ ଥିଲେ। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ମୁଖ୍ୟତଃ ଆତ୍ମବିଶ୍ଳେଷଣ, ପ୍ରତିଫଳନ ଏବଂ ଅନ୍ତର୍ଦୃଷ୍ଟି ଉପରେ ଆଧାରିତ କାର୍ଯ୍ୟକ୍ରମମାନ ସ୍ଥାନ ପାଇ ଥିଲା । 'ମୋ ଭିତରେ ସମ୍ପଦ' ଶୀର୍ଷକ ଉକ୍ତି ଉପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଯାହା ଅଂଶଗ୍ରହଣକାରୀମାନଙ୍କୁ ନିଜ ଜୀବନ ଯାତ୍ରାର ସ୍ମୃତି ଚାରଣ କରିବାରେ ସାହାଯ୍ୟ କରିଥିଲା । ଏହା ସହିତ ଜଡିତ ବିଭିନ୍ନ ଗୁଣ, ଜୀବନ ମୂଲ୍ୟବୋଧ ଏବଂ ଲକ୍ଷ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପରେ ଦୃଢ ନେତୃତ୍ୱ ନେବାର ବିଭିନ୍ନ ଦିଗ ଯଥା , ସ୍ଥାନ, ସୀମା, ବିଶ୍ୱାସ ପ୍ରଣାଳୀ, ସାହସ ପ୍ରଣାଳୀ, ଆଚରଣ, ଭୂମିକା, ଦାୟିତ୍ୱ, ଚାପ ପରିଚାଳନା ଏବଂ ଅବରୋଧକ ଓ ନିମ୍ନଧାରା ଉପରେ ଆଲୋଚନା କରାଯାଇଥିଲା । ଏଥିରେ ଏକ କାର୍ଯ୍ୟ-ଯୋଜନା ସହିତ ଅଧିବେଶନରେ ଅଂଶଗ୍ରହଣକାରୀ ମାନଙ୍କୁ ପରିତ୍ୟାଗ, ଜାରି ରଖିବା ଅଥବା ନୂତନ ରୂପେ ଗ୍ରହଣ ପାଇଁ ନିମନ୍ତେ ଅଭ୍ୟାସ ଚିହ୍ନଟରେ ସହାୟକ ହୋଇଥିଲା। ପ୍ରତ୍ୟେକ ଅଧିବେଶନରେ ଅଂଶଗ୍ରହଣ କାରୀଙ୍କ ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା।

ମତାମତ ସଂଗ୍ରହ ଓ ଉଦଯାପନୀ ଅଧିବେଶନରେ ସିଜିଏମ ଇଲେକ୍ଟ୍ରିକଲ ଶ୍ରୀ ଆର କେ ମୁଦୁଲି ଯୋଗଦେଇ ସମସ୍ତ ଅଂଶଗ୍ରହଣକାରୀଙ୍କୁ କାର୍ଯ୍ୟକ୍ରମ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ ଆର କେ ମୁଦୁଲି ମହିଳାମାନଙ୍କୁ ପରିବର୍ତ୍ତନକୁ ଗ୍ରହଣ କରିବା, ଉଚ୍ଚ ଉଦ୍ଦେଶ୍ୟ ପାଇଁ ନବସୃଜନକୁ ଆଗେଇ ନେବା ଏବଂ ଆର୍ଥିକ ଲାଭଠାରୁ ଅଧିକ ବ୍ୟାପକ ଅନ୍ତର୍ଭୁକ୍ତ ସଫଳତା ଉପରେ ଧ୍ୟାନ ଦେବାକୁ ଉତ୍ସାହିତ କରିଥିଲେ। ନେତୃତ୍ୱ ହେଉଛି ପ୍ରଗତି, ଆତ୍ମ-ପ୍ରେରଣା ଏବଂ ଅନ୍ୟମାନଙ୍କ ଉପରେ ଏକ ଅର୍ଥପୂର୍ଣ୍ଣ ପ୍ରଭାବ ଛାଡ଼ିବା ବୋଲି ସେ ମତ ରଖିଥିଲେ।

ଏହି ଅଧିବେଶନ ର ଉଭୟ ଉଦଘାଟନୀ ଏବଂ ଉଦଯାପନୀ ସମାରୋହରେ ସି ଜି ଏମ ଶ୍ରୀ ପି କେ ସାହୁ, ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଏଚ୍ ଆର୍ - ଏଲ୍ ଆଣ୍ଡ ଡି ବିଭାଗ ର ଜି ଏମ ଶ୍ରୀ ଏଚ୍ ଏନ୍ ପତି, ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀ ହିମାଂଶୁ ମିଶ୍ର କାର ?ୟକ୍ରମର ପରିଚାଳନା କରିଥିଲେ। ଏଚଆର ଏଲ ଏଣ୍ଡ ଡି ବିଭାଗର ସିନିୟର ମ୍ୟାନେଜର ଶ୍ରୀମତୀ ଅର୍ଣ୍ଣପୂର୍ଣ୍ଣା ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜୟପୁରରେ ଗଞ୍ଜେଇ ଗୋଦାମ: ଟାଉନ ପୋଲିସର ଚଢାଉ ଜଣେ ଗିରଫ

ଜୟପୁର , ୨୩/୧ (ନି.ପ୍ର): ଜୟପୁରରେ ଗଞ୍ଜେଇ ଗୋଦାମ କୁ ଠାବ କଲା ଜୟପୁର ଟାଉନ ପୋଲିସ । ଏହି ମାମଲାରେ ଜଣେ ଅଭିଯୁକ୍ତକୁ କୁ ଗିରଫ କରିଛି ଟାଉନ ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଉତ୍ତର ପ୍ରଦେଶର ମିଥୁନ ନାଥ (୨୭) । ଏହି ମାମଲାରେ ଅଟକ ରହିଥିବା ଜୟପୁର ପ୍ରସାଦରାଓ ପେଟା ଦ୍ୱିତିୟ ଲାଇନର ରେ ରହୁଥିବା କୋରାପୁଟ ଜିଲା ଯୁବ ବିଜେପି ଉପ ସଭାପତି ଏ. ଦୁର୍ଗା ପ୍ରସାଦ । ଜୟପୁର ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇଙ୍କ ସୁଚନା ଅନୁଯାଇ ବିଳମ୍ବିତ ରାତ୍ର ରେ ବିଜେପି ଯୁବ ମୋର୍ଚ୍ଚ ଜିଲା ଉପ ସଭାପତି ଏ ଦୁର୍ଗା ପ୍ରସାଦ ଙ୍କ ଘରେ ଜୟପୁର ଟାଉନ ପୋଲିସର ଚଢାଉ କରିଥିଲା । ବିଳମ୍ବିତ ରାତ୍ର ରେ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ସୁଚନା ପାଇ ଗଞ୍ଜେଇ ଗୋଦାମ ଉପରେ ଚଢାଉ କରିଥିଲା । ବିଳମ୍ବିତ ରାତ୍ର ରେ ଏସଡିପିଓ ଅଙ୍କିତ କୁମାର ବର୍ମା, ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ, ମାଜିଷ୍ଟ୍ରେଟ ଉପସ୍ଥିତିରେ ଚଢାଉ ଚଢାଉ କରିଥିଲେ । ଚଢାଉ କରି ବକେଟରୁ ୨୫୦ କେଜି ଗଞ୍ଜେଇ ଜବତ କରିଛି । ୫୦ଟି ବକେଟରେ ଗଞ୍ଜେଇ ସିଲ ହୋଇ ରହିଥିଲା । ଯାହାର ଆନୁମାନିକ ମୁଲ୍ୟ ୨୫ ରୁ ୩୦ ଲକ୍ଷ ଟଙ୍କା ହେବ । ଅଭିଯୁକ୍ତ ମିଥୁନ ୨୫ ଦିନ ହେବ ଏ ଦୁର୍ଗା ପ୍ରାସଦାଙ୍କ ଘରେ ୩ ହଜାର ଟଙ୍କା ଦେଇ ଭଡା ରହୁଥିଲେ । ସେହି ଘରେ ହିଁ ଗଞ୍ଜେଇ ଥିବା ପୋଲିସ ସୁଚନା ପାଇ ଚଢାଉ କରିଥିଲା । ବକେଟ୍ ରେ ଗଞ୍ଜେଇ ଭର୍ତ୍ତି କରି ଅଭିଯୁକ୍ତ ମିଥୁନ ଦିଲ୍ଲି, ଉତ୍ତର ପ୍ରଦେଶ କୁ ଚାଲାଣ କରୁଥିବା ପୋଲିସ ତଦନ୍ତ ରୁ ଜାଣି ବାକୁ ପାଇଛି । ପୋଲିସ ଅଭିଯୁକ୍ତ କୁ ମିଥୁନ ଓ ବିଜେପି ନେତା ଏ ଦୁର୍ଗା ପ୍ରସାଦଙ୍କୁ ଜୟପୁର ଟାଉନ ଥାନା କୁ ଆଣି ପଚରା ଉଚରା କରୁଛି । ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତ ମିଥୁନ କୁ ଗିରଫ କରିଛି । ସହରରେ ମଧ ଏପରି ଗୋଦାମ ଥିବା ପୋଲିସ ଅନୁମାନ କରୁଛି । ଏନେଇ ଅଧିକ ତଦନ୍ତ ଜାରି ରହି ଥିବା ବିଷୟ ଆଜି ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ଆଜି ସୁଚନା ଦେଇଛନ୍ତି । ଏହା ସହ ଜୟପୁର ବାସୀ ଙ୍କୁ ମଧ ଗଣମାଧମ ଜରିଆରେ ସଚେତନ କରିଛନ୍ତି । ଘର ଭଡା ଦେବା ଆଗରୁ ପୋଲିସ କୁ ସୁଚନା ଦେବା ସହ ଘର ମାଲିକ ମାନେ ସମ୍ପୁର୍ଣ୍ଣ ତଥ୍ୟ ରଖି ପୋଲିସ ଅନୁମତିରେ ଭଡା ଦେବାକୁ ପରମର୍ଶ ଦିଆଯାଇଛି ।

# ଶ୍ରୀ ବଳଦେବଜୀଉ ମନ୍ଦିର ପ୍ରକଳ୍ପ ପାଇଁ ଭିତିଭୂମୀର ପର୍ଯ୍ୟବେକ୍ଷଣ

କେନ୍ଦ୍ରାପଡ଼ା, ୨୩/୧ (ନି.ପ୍ର): କେନ୍ଦ୍ରାପଡ଼ାର ଆରାଧ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ପରିସର ଓ ମନ୍ଦିରର ଚତୁପାର୍ଶ୍ୱର ବିକାଶ ପ୍ରକଳ୍ପ ପାଇଁ ଭିତିଭୂମୀ ର ପର୍ଯ୍ୟବେକ୍ଷଣ କରାଯାଇଥିବା ଜଣାପଡିଛି । ବୁଧବାର ସକାଳେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ସମେତ ଉଚ୍ଚ ପଦସ୍ଥ ଅଧିକାରୀ ଓ ପ୍ରକଳ୍ପ କାର୍ଯ୍ୟର ନକ୍ସା ପ୍ରସ୍ତୁତ କରୁଥିବା ଆରଟିଟେକ କମ୍ପାନୀର ପ୍ରତିନିଧି ମନ୍ଦିର ପରିସର ଓ ମନ୍ଦିରର ଚତୁପାର୍ଶ୍ୱ ପରିଦର୍ଶନ କରି ଉନ୍ନତି ମୂଳକ କାର୍ଯ୍ୟର ବାହ୍ୟ ଆକଳନ କରିଥିଲେ । ମନ୍ଦିରକୁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଯାନ ବାହନର ପାର୍କିଂ ସ୍ଥାନ, ଆନନ୍ଦ ବଜାର ର ନବୀକରଣ, ମନ୍ଦିର ପଚ୍ଛପଟ ପାଚେରୀକୁ ଲଗାଇ ସିନ୍ଦୁକ ଘର, ଶୌଚାଳୟ, ପୋଲିସ ଆଉଟ ପୋଷ୍ଟ ଗୃହ, ସୂଚନା କେନ୍ଦ୍ର ଗୃହ ପ୍ରଭୃତି ଉନ୍ନତ ମାନର ଓ ମନ୍ଦିର ଢାଂଚା ରେ ନିର୍ମାଣ ପାଇଁ ଘଟଣା ସ୍ଥଳ ପରିଦର୍ଶନ କରିଥିଲେ ।

# ସରସରା ହାଇସ୍କୁଲଠାରେ ଜୁନିୟର ରେଡ଼କ୍ରସ ଜିଲ୍ଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବୌଦ୍ଧ , ୨୩/୧ (ନି.ପ୍ର): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ସରସରା ଠାରେ ଥିବା ବାବା ବୈଦ୍ୟନାଥ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଠାରେ ଜୁନିୟର ରେଡ଼କ୍ରସର ଜିଲ୍ଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଓ ରକ୍ତଦାନ ଶିବିର ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ସଭାରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ତିନିଟି ମା, ୩ ଟି ଓ ୩ ଟି ସେବାର ପ୍ରେରଣାଦାୟୀ ବକ୍ତବ୍ୟ ମାଧ୍ୟମରେ ରେଡ଼କ୍ରସ ଜୁନିଅରଙ୍କୁ ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା, ସୁବର୍ଣ୍ଣପୁର ଜୁନିଅର ରେଡ଼କ୍ରସ ଅଧିକାରୀ ରବିଚନ୍ଦ୍ର ପଶାୟତ,ଜିଲ୍ଲା ଜୁନିଅର ରେଡ଼କ୍ରସ ଅଫିସର ନବ କିଶୋର ଦୀପ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ୍ମଜା ପତି ମଂଚାସୀନ ଥିଲେ । ପ୍ରଶିକ୍ଷଣ ଶିବିରରେ ରେଡ଼କ୍ରସ ଇତିହାସ,ଫାଷ୍ଟଏଡ଼, ଏଡ୍ସ,ବ୍ଲଡ଼ ଡୋନେସନ ମୋଟିଭେସନ ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଜିଲ୍ଲାର ଚାଳିଶଟି ହାଇସ୍କୁଲରୁ ରେଡ଼କ୍ରସ କାଉନସେଲର ଓ ୧୪୦ ଜଣ ଜୁନିଅର ଯୋଗ ଦେଇଥିଲେ । ନବ କିଶୋର ଦୀପ, କୃଷ୍ଣ ଚନ୍ଦ୍ର ସେଠୀ, ବଲାଙ୍ଗୀରରୁ ରାମନାରାୟଣ ଦାଶ, ପ୍ରଭାକର ଛନ୍ଦ ଓ ସୁବର୍ଣପୁରରୁ ଚନ୍ଦ୍ରକାନ୍ତ ମିଶ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରମୋଦ କୁମାର ମହାରଣା ସାଧନ କର୍ମୀ ଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏକ ରକ୍ତଦାନ ଶିବିରରେ କାଉନସିଲର ମାନେ ରକ୍ତ ଦାନ କରିଥିଲେ । ବନମାଳୀ ମେହେର ମଂଚ ପରିଚାଳନା କରିଥିବା ବେଳେ ପଦ୍ମଜା ପତି ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଧାନ ଶିକ୍ଷକ ତୃପ୍ତିରଂଜନ ଦାନୀ, ଗୋପାଳ ଅମାତ, ଝସକେତନ ପ୍ରଧାନ ଓ ସରସରା ହାଇସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ମା' ଝାଡେଶ୍ୱରୀ ଡିଗ୍ରୀ କଲେଜର ଅଧ୍ୟୟନ ଯାତ୍ରା

ସୁବର୍ଣ୍ଣପୁର, ୨୩/୧ (ନି.ପ୍ର): ମଙ୍ଗଳବାର ଦିନ ମା ଝାଡେଶ୍ୱରି ସ୍ନାତକ ମହାବିଦ୍ୟାଳୟ, ଧମାର ଅଧ୍ୟୟନ ଯାତ୍ରା ପାତାଳୀ ଶ୍ରୀକ୍ଷେତ୍ର, ସୁବର୍ଣ୍ଣପୁରକୁ ହୋଇଛି । ଅଧକ୍ଷ ଅନିଲ ପ୍ରଧାନ ପାତାଳୀ ଶ୍ରୀକ୍ଷେତ୍ରର ଗୁରୁତ୍ୱ ବୁଝାଇଥିବାବେଳେ ଇତିହାସ ଅଧ୍ୟାପକ ସଂସାର ପଧାନ ମୋଗଲ ସମ୍ରାଟ ରକ୍ତବାହୁ ଆକ୍ରମଣରୁ ଓଡିଶାର ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହକୁ ସୁରକ୍ଷା ପ୍ରଦାନ କରିବା ବିଷୟରେ ଅବଗତ କରାଇଥିଲେ । ଏଥିରେ ୯୦ ଜଣ ଛାତ୍ର ଛାତ୍ରୀଙ୍କ ସହ ଅଧ୍ୟାପକ ଅଧ୍ୟାପିକାମାନେ ପାତାଳୀ ପର୍ବତକୁ ଆରୋହଣ କରି ପାତାଳୀ ଗୁମ୍ଫାକୁ ପରିଦର୍ଶନ କରିଥିଲେ । ପ୍ରମୋଦ ଦେହେରୀ, ସଂଜୟ ସାହୁ, ସୁଦିପ୍ତା ଦାସ, ତନ୍ମୟା ବେହେରା, ଅର୍ମ୍ରିତା ପଟ୍ଟନାୟକ, ସୁଶ୍ରୀ ପାଢୀ, ସୁନୀତା ସେଠ୍, ମନିଷା ବେହେରା ପ୍ରମୁଖ ଅଧ୍ୟାପକ ଅଧ୍ୟାପିକାଗଣ ପାତାଳୀ ଶ୍ରୀକ୍ଷେତ୍ରର ଐତିହାସିକ ପୃଷ୍ଠଭୂମିକୁ ବୁଝାଇଥିଲେ ଏବଂ ଏ ବିଷୟରେ ଅଧିକ ଗବେଷଣାର ଆବଶ୍ୟକତା ଅଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଲମ୍ବୋଦର ପାଢ଼ୀ, ଏକାଦଶୀଆ ଦଳେଇ, ଦିଲୀପ ଗୁରୁ, ଯଦୁମଣି ସାହୁ, ଚିନ୍ମୟ ପାଣିଗ୍ରାହୀ, ରତନ ଲୁହୁର ପ୍ରମୁଖ କର୍ମଚାରିଗଣ ସହଯୋଗ କରିଥିଲେ । ଏଥିରେ କଲେଜର ପରିଚାଳନା କମିଟିର ସଦସ୍ୟଗଣ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ।

# ସମ୍ବଲପୁର 'ଶ୍ରୀକୃଷ୍ଣ ଗୌଶାଳା'ର ୧୨୫ତମ ସ୍ଥାପନା ଦିବସରେ କେନ୍ଦ୍ରମନ୍ତ୍ରୀ



ପୋତାପାଲି/ସମ୍ବଲପୁର, ୨୩/୧ (ନି.ପ୍ର): ସନାତନୀ ହିନ୍ଦୁ ସମାଜର ଆସ୍ଥାର ପ୍ରତୀକ ହେଉଛନ୍ତି ଗୋ ମାତା । ମାନବ ସମାଜକୁ ଗୋ ମାତାର ଅବଦାନ ଅନେକ । ଗୋ ମାତା ସୁଖ ଓ ସ୍ୱାସ୍ଥ୍ୟର ଆଧାର ବୋଲି ବୁଧବାର ସମ୍ବଲପୁର ଜିଲ୍ଲା ପୋତାପାଲି ସ୍ଥିତ 'ଶ୍ରୀକୃଷ୍ଣ ଗୌଶାଳା' ଅନୁଷ୍ଠାନର ୧୨୫ତମ ସ୍ଥାପନା ଦିବସ ଅବସରରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଶ୍ରୀ ପ୍ରଧାନ ଏହି ଅବସରରେ ଶ୍ରୀକୃଷ୍ଣ ଗୌଶାଳା ପରିସରରେ ନୂଆ ପ୍ରକଳ୍ପ ନିର୍ମାଣ ପାଇଁ ଭୂମିପୂଜନ ସହ ଶ୍ରୀ ରାଧାକୃଷ୍ଣ ମନ୍ଦିରର ପ୍ରାଣ ପ୍ରତିଷ୍ଠା ସମାରୋହରେ ସାମିଲ ହୋଇଥିଲେ । ଆଜିର ଏହି ପବିତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଗୋସେବା କରି ସୌଭାଗ୍ୟ ଲାଭ କରିଥିବା କହିଥିଲେ କେନ୍ଦ୍ରମନ୍ତ୍ରୀ । ସେ କହିଥିଲେ, ଗୋ ମାତାର ଲାଳନପାଳନ ସହ ସେମାନଙ୍କ ସୁରକ୍ଷା ଦିଗରେ 'ଶ୍ରୀ କୃଷ୍ଣ ଗୌଶାଳା' ଅନୁଷ୍ଠାନର କାର୍ଯ୍ୟ ପ୍ରଶଂସନୀୟ। ୧୯୪୦ ମସିହାରେ ଜଣେ ବଦାନ୍ୟ ବ୍ୟକ୍ତି ଏହି ଗୋଶାଳା ପାଇଁ ୬୦ ଏକର ଜମି ଦେଇଥିଲେ । ସେ ସମୟର ସ୍ଥିତିକୁ ଦେଖିଲେ ଏପରି ବଦାନ୍ୟତା ସମସ୍ତଙ୍କ ପାଖରେ ଦେଖିବାକୁ ମିଳେନାହିଁ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଗୋ ମାତା ଆମ ପରିବାରର ସୁଖ ଓ ସମୃଦ୍ଧିର ଆଧାର । ଗୋସେବା କେବଳ ସାମାଜିକ ଏବଂ ଆଧାତ୍ମିକ ବିଷୟ ନୁହେଁ, ଏହା ଆର୍ଥିକ, ପରିବେଶ ସୁରକ୍ଷା, ସାଂସ୍କୃତିକ ବିଷୟ । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସଂସ୍କାରରେ ଗୋ ସେବା ଏକ ମହତ୍ୱପୂର୍ଣ୍ଣ ତତ୍ତ୍ୱ ଥିଲା । ଓଡ଼ିଶା ସାମାଜିକ ଜୀବନରେ ଗୋମାତା ପ୍ରତି ଅନନ୍ୟ ସମ୍ପର୍କ ରହିଛି । ଗୋ ସମ୍ପଦର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ । ଆମ ଦେଶରେ ରାଷ୍ଟ୍ରୀୟ ଶିକ୍ଷା ନୀତି ମାଧ୍ୟମରେ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆଧାତ୍ମିକ ଶିକ୍ଷା ପ୍ରଦାନ କରାଯାଉଛି । ଜାତୀୟ ଶିକ୍ଷା ନୀତି ଗୁଣାତ୍ମକ, ସର୍ବବ୍ୟାପୀ, ସର୍ବସ୍ପର୍ଶୀ, ଉତ୍ତରଦାୟୀ, ଭଳି ୫ଟି ସ୍ତମ୍ଭ ଉପରେ ପ୍ରସ୍ତୁତ ହୋଇଛି । ରାଜ୍ୟରେ ସ୍କୁଲରୁ ଉଚ୍ଚ ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ୧ କୋଟି ଛାତ୍ରଛାତ୍ରୀ ଅଛନ୍ତି । ଏହି ୧ କୋଟି ଛାତ୍ରଶକ୍ତିଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଜାତୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟ ରହିଛି ବୋଲି ସେ କହିଥିଲେ ।

# ୧୭ ବର୍ଷରୁ ହିଁ ପାଚିଗଲାଣି କି ଚୁଟି ? ନଡ଼ିଆତେଲରେ ମିଶାଇ ଲଗାନ୍ତୁ ଏହି ଗୋଟିଏ ପାଉଡର୍ , କିଛି ଦିନ ଭିତରେ ଧଳାରୁ ହେବ କଳା



ବର୍ତ୍ତମାନର ଖରାପ ଜୀବନଚର୍ଯ୍ୟା ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଜହର ସଦୃଶ । ଫାଷ୍ଟଫୁଡ୍ , ଠିକ୍ ସମୟରେ ନ ଖାଇବା , ବ୍ରେକଫାଷ୍ଟରେ ବିଳମ୍ବ , ରାତିରେ ପେଟ ଫାଟିଲା ପର୍ଯ୍ୟନ୍ତ ଖାଇବା ଏବଂ ନନଭେଜ୍ ହେଲେ ଜମେଇକି ଖାଇବା ଅଭ୍ୟାସ ଆମ ସ୍ୱାସ୍ଥ୍ୟକୁ ଆହୁରି ଖରାପରୁ ଖରାପ ଆଡକୁ ନେଉଛି । ବୟସ ନ ହୋଇ ବି ଚୁଟି ପାଚିବା , ଚୁଟି ଝଡ଼ିବା , ଗ୍ୟାସ୍ ସମସ୍ୟା ଉପୁଜିବା ଏବଂ ଅନେକ ସମୟରେ ଦେହ ଖରାପ ରହିବା ଏସବୁ ଆମର ଖାଦ୍ୟପେୟ ସହ ହିଁ ଜଡ଼ିତ ।

୧୭ ବର୍ଷରୁ ହିଁ ପାଚିଗଲାଣି କି ଚୁଟି ? ନଡ଼ିଆତେଲରେ ମିଶାଇ ଲଗାନ୍ତୁ ଏହି ଗୋଟିଏ ପାଉଡର୍ , କିଛି ଦିନ ଭିତରେ ଧଳାରୁ ହେବ କଳା ବର୍ତ୍ତମାନର ଖରାପ ଜୀବନଚର୍ଯ୍ୟା ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଜହର ସଦୃଶ । ଫାଷ୍ଟଫୁଡ୍ , ଠିକ୍ ସମୟରେ ନ ଖାଇବା , ବ୍ରେକଫାଷ୍ଟରେ ବିଳମ୍ବ , ରାତିରେ ପେଟ ଫାଟିଲା ପର୍ଯ୍ୟନ୍ତ ଖାଇବା ଏବଂ ନନଭେଜ୍ ହେଲେ ଜମେଇକି ଖାଇବା ଅଭ୍ୟାସ ଆମ ସ୍ୱାସ୍ଥ୍ୟକୁ ଆହୁରି ଖରାପରୁ ଖରାପ ଆଡକୁ ନେଉଛି । ବୟସ ନ ହୋଇ ବି ଚୁଟି ପାଚିବା , ଚୁଟି ଝଡ଼ିବା , ଗ୍ୟାସ୍ ସମସ୍ୟା ଉପୁଜିବା ଏବଂ ଅନେକ ସମୟରେ ଦେହ ଖରାପ ରହିବା ଏସବୁ ଆମର ଖାଦ୍ୟପେୟ ସହ ହିଁ ଜଡ଼ିତ । ଆଜିର ସମୟରେ ୧୭ , ୧୮ ବର୍ଷର ପିଲାଙ୍କ ଚୁଟି ବି ପାଚି ଧଳା ହୋଇଯାଉଛି । ଏଭଳି ସ୍ଥିତିରେ କିଶୋରବସ୍ଥାରୁ ହିଁ ପିଲା ହେୟାର୍ ଡାଏ କରିବାରେ ଲାଗିପଡୁଛନ୍ତି । କିଏ କଲର୍ କରିବାକୁ ପସନ୍ଦ କରୁଛନ୍ତି ତ ଆଉ କିଏ କଳା । କିନ୍ତୁ ଏହାର ପରିଣତି କ'ଣ ହେଉଛି ଚୁଟିର ପ୍ରାକୃତିକ ଚମକ ମଧ୍ୟ ହ୍ରାସ ପାଉଛି ଏବଂ ଚୁଟି ଡ୍ରାଏ ହୋଇ ଝଡୁଛି । ତେବେ ଏମିତି ସ୍ଥିତିରେ ଆଜି ଆମେ ଆପଣଙ୍କୁ ଏହି ସମସ୍ୟାରୁ ଉପସମ ଦେବା ପାଇଁ



ଏକ ଉପାୟ ବିଷୟରେ ଅବଗତ କରାଇବୁ । ଚୁଟିରେ ଏହି ପେଷ୍ଟ୍ ଲଗାଇଲେ ପ୍ରାକୃତିକ କଳା ପାଇବା ସଙ୍ଗେ ସଙ୍ଗେ ଆପଣ ଡ୍ୟାମେଜ୍ ହେୟାରର ଜାଲରୁ ମଧ୍ୟ ବାହାରି ପାରିବେ । ଏହି ପେଷ୍ଟକୁ ପ୍ରସ୍ତୁତ କରିବା ପାଇଁ ନଡ଼ିଆ ତେଲରେ ଅଁଳା ପାଉଡର୍ ପକାଇ ଗ୍ୟାସ୍ ରେ କଳା ହେବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ । ପେଷ୍ଟ୍ କଳା ହୋଇଗଲେ କିଛି ସମୟ ଥଣ୍ଡା ହେବା ପାଇଁ ଛାଡ଼ିଦିଅନ୍ତୁ ଏବଂ ରାତିରେ ଶୋଇବା ପୂର୍ବରୁ ଚୁଟିରେ ଲଗାଇ ପରଦିନ ଶାମ୍ପୁରେ ଚୁଟି ଧୋଇନିଅନ୍ତୁ । ଏହି ପେଷ୍ଟ୍ ଚୁଟିକୁ ପ୍ରାକୃତିକ କଳା କରିବା ସହ ଚମକ ମଧ୍ୟ ଦେଇଥାଏ । ଏହି ପେଷ୍ଟକୁ ଲଗାତାର ଲଗାନ୍ତୁ ଫରକ୍ ଜାଣିପାରିବେ ।

# ଓଜନ କମାଇବାରୁ ଆରମ୍ଭ କରି ଥାଇରଏଡ୍ କଣ୍ଟ୍ରୋଲ୍ କରିବାରେ ସାହାଯ୍ୟ କରେ ଏହି ଶୀତଦିନିଆ ଫଳ

ଶୀତଦିନରେ ବଜାରରେ ବିଭିନ୍ନ କିସମର ଫଳର ଚାହିଦା ବଢ଼େ । ଯାହାକୁ ସିଜନାଲ୍ ଫ୍ରୁଟ୍ କୁହାଯାଏ । ବର୍ଷସାରା ଶୀତଳ ଭଣ୍ଡାରରେ ଫଳ ରହୁଥିଲେ ହେଁ ଶୀତରେ ତଟକା ମିଠା ଫଳ ଖାଇବାର ମଜା ହିଁ କିଛି ଅଲଗା । ଯେଉଁଥିରେ ସେଓ, କମଳା, ସାକରକନ୍ଦା,ଅଙ୍ଗୁର , ବିଭିନ୍ନ ପ୍ରକାର କୋଳୀ ମଧ ସାମିଲ୍ ଥାଏ । କିନ୍ତୁ ଏହି ସମୟରେ ପାଣି ସିଙ୍ଗଡା ମଧ ଖୁବ୍ ବିକ୍ରି ହୁଏ । ଯାହା ପାଟିକୁ ଖାଇବାକୁ ତ ଭଲଲାଗେ କିନ୍ତୁ ଏଥିରେ ଥିବା ଔଷଧୀୟ ଗୁଣ ଶରୀର ପାଇଁ ମଧ ଖୁବ୍ ଉପକାରୀ । ପାଣି ସିଙ୍ଗଡ଼ାରେ ଥିବା ପ୍ରୋଟିନ୍ , ଫାଇବର୍ , ପୋଟାସିୟମ୍ ଏବଂ ଭିଟାମିନ୍ ବି୬ ଭଳି ପୋଷକ ତତ୍ତ୍ୱ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭକାରୀ । ଏହି ଫଳକୁ ପାଣି ଫଳ ବୋଲି ମଧ କୁହାଯାଏ । ଯାହା ନିୟମିତ ଖାଇବା ଦ୍ୱାରା ଶରୀରରେ ପାଣିର ଅଭାବ ଦୂର ହେବା ସହ ଓଜନ କମିବା ଏବଂ ଥାଇରଏଡ୍ ଭଳି ସମସ୍ୟାରୁ ମଧ ମୁକ୍ତି ମିଳେ । ତାହେଲେ ଆସନ୍ତୁ ଦେଖିବା ପାଣି ସିଙ୍ଗଡା ଖାଇବା ଦ୍ୱାରା ଶରୀରକୁ କେଉଁ ପ୍ରକାରର ଫାଇଦା ମିଳେ ।





ଥାଇରଏଡ୍ : ପାଣି ସିଙ୍ଗଡ଼ାରେ ଥିବା ଆୟୋଡିନ୍ ଥାଇରଏଡ୍ ସମସ୍ୟା ପାଇଁ ଖୁବ୍ ଲାଭକାରୀ ହୋଇଥାଏ । ଏହି ଫଳରେ ଥିବା ଆୟୋଡ଼ିନ୍ ଗଳା ସମ୍ବନ୍ଧୀୟ ରୋଗ ପାଇଁ ମଧ ଭଲ ହୋଇଥାଏ । ଆପଣ ଯଦି ଥାଇରଏଡ୍ ସମସ୍ୟା ପାଇଁ ବ୍ୟତିବ୍ୟସ୍ତ ହେଉଛନ୍ତି ତାହେଲେ ଡାକ୍ତରଙ୍କ ପରାମର୍ଶ ନେଇ ପାଣି ସିଙ୍ଗଡ଼ାକୁ ଖାଇପାରିବେ ।



ଡିହାଇଡ୍ରେସନ୍ : ପାଣି ସିଙ୍ଗଡ଼ାରେ ପର୍ଯ୍ୟାପ୍ତ ପରିମାଣରେ ପାଣି ମହଜୁଦ୍ ହୋଇଥାଏ । ଏହାର ସେବନ ଦ୍ୱାରା ଶରୀରରେ ଡିହାଇଡ୍ରେସନର ସମସ୍ୟା ଦୂର ହୋଇଥାଏ ।

ସୁସ୍ଥ କେଶ ପାଇଁ ଲାଭକାରୀ : ନିୟମିତ ପାଣି ସିଙ୍ଗଡ଼ା ଖାଇବା ଦ୍ୱାରା ଚୁଟି ଝଡ଼ିବା ସମସ୍ୟା କମ୍ ହୁଏ । ଏଥିରେ ଥିବା ଲରିକ୍ ଏସିଡ୍ ଚୁଟିକୁ ମଜବୁତ ରଖିବାରେ ସହାୟକ ହୋଇଥାଏ ।

ଓଜନ କମାଏ : ଯଦି ଆପଣ ନିଜ ବଢୁଥିବା ଓଜନକୁ ନେଇ ଚିନ୍ତିତ ତାହେଲେ ନିୟମିତ ପାଣି ସିଙ୍ଗଡ଼ା ଖାଇବା ଆରମ୍ଭ କରନ୍ତୁ । ଏହି ଫଳରେ ବହୁତ କମ୍ ମାତ୍ରାରେ କ୍ୟାଲୋରୀ ଥିବାରୁ ଏହା ପେଟ କମାଇବାରେ ସହାୟକ ହୁଏ । ଏହି ଫଳକୁ ବ୍ରେକଫାଷ୍ଟରେ ସାମିଲ୍ କରିବା ନିହାତି ଆବଶ୍ୟକ ।

# ଅଧିକ ବ୍ୟାୟାମ ବିପଦ

ବ୍ୟାୟାମ ଯୋଗୁ ଆମର ଅନେକ ଉପକାର ହୋଇଥାଏ । ହୃଦୟ ସ୍ଥିତିରେ ଉନ୍ନତି, ସୁନିଦ୍ରା, ଶାରୀରିକ ଶକ୍ତି ବୃଦ୍ଧି ଆତ୍ମବିଶ୍ୱାସରେ ବୃଦ୍ଧି ହେବା ଇତ୍ୟାଦିର ଲାଭ ଆମକୁ ବ୍ୟାୟାମରୁ ହିଁ ମିଳିଥାଏ । ଆଇବିଏଫ୍ ଏକ୍ସପର୍ଟ ଡ଼ ପାର୍ଥ ଜୋଶୀଙ୍କ ଅନୁସାରେ ବ୍ୟାୟାମ ଦ୍ୱାରା ମଧ୍ୟ କିଛି ନକରାତ୍ମକ ପରିସ୍ଥିତି ସୃଷ୍ଟି ହୁଏ, ଯାହା ପ୍ରତି କମ୍ ଲୋକଙ୍କ ଦୃଷ୍ଟି ଯାଇଥାଏ । ଯେପରି ଅଧିକ ବ୍ୟାୟାମ ବନ୍ଧ୍ୟାପଣର କାରଣ ମଧ୍ୟ ହୋଇପାରେ । ତେଣୁ ଏହି ଉର୍ବରାତ ବା ଫର୍ଟିଲିଟିର ହ୍ରାସ ପୁରୁଷ ବା ସ୍ତ୍ରୀମାନଙ୍କ ମଧ୍ୟରେ ଦେଖାଯାଇଥାଏ । ଏହାକୁ ଏମେନୋରିୟା ବା ରଜୋରୋଧ କୁହାଯାଏ । ଏହି ସ୍ଥିତିକୁ ସାମ୍ନା କରିବାକୁ ପଡ଼େ ଯେତେବେଳେ ମହିଳାମାନଙ୍କୁ ୩ ମାସ ପର୍ଯ୍ୟନ୍ତ ପିରିୟଡ୍ସ ଆସେନାହିଁ । ମହିଳାମାନଙ୍କର ଏପରି ସ୍ଥିତି ହେବାର କାରଣ ସେମାନେ ଶରୀରର ଆବଶ୍ୟକତା ଅନୁଯାୟୀ ଜରୁରୀ କ୍ୟାଲୋରୀ ଥିବା ଖାଦ୍ୟ ଖାଆନ୍ତି ନାହିଁ ଓ ନିୟମିତ ବ୍ୟାୟାମ କରନ୍ତି । ଶରୀରରେ କ୍ୟାଲୋରୀର ଅଭାବ ସିଧା ଉର୍ବତରା ଉପରେ ପଡ଼ିଥାଏ ତା ନୁହେଁ । ଯୌନ ଇଚ୍ଛା ଉପରେ ମଧ୍ୟ ଏହାର ପ୍ରଭାବ ପଡ଼େ । ଏହାବ୍ୟତି ଅତ୍ୟଧିକ ସ୍ୱାସ୍ଥ୍ୟ ଯୋଗୁଁ ଶରୀରରେ ଏଷ୍ଟ୍ରୋଜେନ୍ ହର୍ମୋନର ଉତ୍ପନ୍ନ ବୃଦ୍ଧି ପାଇଥାଏ, ଯାହାଦ୍ୱାରା ସ୍ତ୍ରୀର ପ୍ରଜନନ ପ୍ରଣାଳୀ ସହିତ ସଂଯୋଗ ଅଣ୍ଡା ଉତ୍ସର୍ଜନ ଓ ପିରିୟଡ୍ସ ଉପରେ ପ୍ରଭାବ ପଡ଼ିବା ଦ୍ୱାରା ବନ୍ଧ୍ୟାପଣର ବିପଦ ବଢ଼ିଯାଏ । ପୁରୁଷମାନଙ୍କ ମଧ୍ୟରେ ହେଭି ଟ୍ରେନିଂ ନେବା ସମୟରେ ଶରୀରରେ ଶୁକ୍ରାଣୁ ବା ସ୍ପର୍ମ ସଂଖ୍ୟାରେ ହ୍ରାସ ପାଇଥାଏ । ଅଧିକ ସମୟ ବ୍ୟାୟାମ କରିବା ଯୋଗୁ ନା କେବଳ ସ୍ପର୍ମର ସଂଖ୍ୟାରେ ହ୍ରାସ ପାଏ ତାହା ନୁହେଁ ରିପ୍ରଡକ୍ସନର କ୍ଷମତା ମଧ୍ୟ ହ୍ରାସ ପାଇଥାଏ ।



# ଜଳପାନର ଆବଶ୍ୟକତା

- ନିୟମିତ ଭାବେ ଆବଶ୍ୟକ ପରିମାଣରେ ଜଳ ନପିଇଲେ, ଶରୀରରେ ବିଭିନ୍ନ ଅସୁବିଧା ଉପୁଜିଥାଏ ।
- ବିଶେଷଜ୍ଞଙ୍କ ପରୀକ୍ଷାରୁ ପ୍ରକାଶିତ ଯେ ଶରୀରରେ ଜଳର ମାତ୍ରା କମ୍ ହେଲେ ରକ୍ତ ଗାଢ଼ ହୋଇଥାଏ । ରକ୍ତସଂଚାଳନ ଶରୀରରେ ଠିକ୍ ଭାବେ ହୁଏ ନାହିଁ । ପାଣି କମ୍ ପିଇଲେ ରକ୍ତଚାପ ବଢ଼େ ।
- ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ବ୍ୟକ୍ତି ନିୟମିତ ୧୦ ଗିଲାସ ପାଣି ପିଇବା ଉଚିତ୍ ।
- ନିୟମିତ ଆବଶ୍ୟକ ପରିମାଣରେ ପାଣି ପିଇଲେ ତ୍ୱଚା ସମ୍ବନ୍ଧୀୟ ରୋଗ, ବୃକକ୍ ରୋଗରୁ ମଧ୍ୟ ମୁକ୍ତି ମିଳେ ।

ଦୈନିକ ପ୍ରତ୍ୟେକ ବର୍ଗର ବ୍ୟକ୍ତି ଅତି କମରେ ୭ରୁ ୮ ଗିଲାସ ପାଣି ପିଇବା ଉଚିତ । ଜଳର ଆବଶ୍ୟକତା ଶରୀର ନିମନ୍ତେ ରହିଛି, ଏହା ସମସ୍ତେ ବୁଝିନେବା ଆବଶ୍ୟକ । କାନାଡାର ବିଶେଷଜ୍ଞଗଣ ଏହା ଉପରେ ତଥ୍ୟ ପ୍ରକାଶ କରିଛନ୍ତି ।





# ହୋଟେଲ ରୁମରେ କାହିଁକି ବିଛାଯାଇଥାଏ ହ୍ୱାଇଟ୍ ବେଡସିଟ୍ ?

ହୋଟେଲମାନଙ୍କରେ ପ୍ରାୟତଃ ଧଳା ବେଡସିଟ୍ ବିଛାଯାଇଥିବା ଆପଣମାନେ ନିଶ୍ଚିତ ଦେଖିଥିବେ । ସମସ୍ତ ହୋଟେଲରେ ଧଳା ଚାଦର କାହିଁକି ବିଛାଯାଇଥାଏ ବୋଲି ଆପଣଙ୍କ ମନରେ କେବେ ନା କେବେ ପ୍ରଶ୍ନ ଉଠିଥିବ । ତେବେ ଆସନ୍ତୁ ଜାଣିବା ହୋଟେଲ ରୁମର ବେଡରେ କାହିଁକି ଧଳା ଚାଦର ବିଛାଯାଇଥାଏ ଓ ଅନ୍ୟ ରଙ୍ଗର ଚାଦର କାହିଁକି ବ୍ୟବହାର କରାଯାଇନଥାଏ ?

ସବୁବେଳେ ଆମ ମନକୁ ଆସେ ଯେ, ଧଳା ବେଡସିଟ୍ ଅଧିକ ମଇଳା ହୋଇଯାଏ । କିନ୍ତୁ ଆପଣ ଜାଣନ୍ତି କି, ହୋଟେଲରେ ଧଳା ବେଡସିଟ୍ ରଖିବାର ସବୁଠାରୁ ବଡ କାରଣ ହେଉଛି ଏହାକୁ ସଫା କରିବା ଅତି ସହଜ । ତେବେ ହୋଟେଲ ରୁମ୍ ଗୁଡିକ ବ୍ଲିଚ୍ ଏବଂ କ୍ଲୋରାଇନରେ ଧୁଆଁଯାଇଥାଏ । ଏହି କାରଣରୁ ବେଡସିଟ୍ ସହଜରେ ସଫା ହୋଇଯାଏ ଏବଂ ଗଭୀର ଦାଗ ମଧ ବାହାର କରାଯାଇଥାଏ । ଯଦି ଏକ ରଙ୍ଗୀନ ଚାଦର ପକାନ୍ତି, ତେବେ ଏହାକୁ ବ୍ଲିଚରେ ଧୋଇହେବ ନାହିଁ, କାରଣ ନୀଳ ରଙ୍ଗରେ ରଖାଯିବାବେଳେ ରଙ୍ଗୀନ ସିଟ୍ ମଳିନ ପଡ଼ିଯିବ । ଏହା ବ୍ୟତୀତ ବ୍ଲିଚ୍ ଏବଂ କ୍ଲୋରାଇନ୍ ସହିତ ସଫା କରିବା ହେତୁ ଧଳା ଚାଦରରୁ କୌଣସି ପ୍ରକାରର ଗନ୍ଧ ଆସିନଥାଏ ।

ଏହା ସହ ଧଳା ରଙ୍ଗ ସବୁବେଳେ ବିଳାସପୂର୍ଣ୍ଣ ଜୀବନଶୈଳୀ ସହିତ ଜଡିତ ବୋଲି ବିବେଚନା କରାଯାଏ, ତେଣୁ ହୋଟେଲ ରୁମରେ ଧଳା ଚାଦର ରଖାଯାଏ । ଯାହାଦ୍ୱାରା ରୁମକୁ ବିଳାସପୂର୍ଣ୍ଣ ଲୁକ୍ ଦିଆଯାଇପାରିବ । ଏହା ବ୍ୟତୀତ ରୁମଟି ଧଳା ରଙ୍ଗରେ ଅଧିକ ବଡ଼ ଦେଖାଯାଏ, ତେଣୁ ଖଟ ଉପରେ ଧଳା ବେଡସିଟ୍ ବିଛାଯାଏ । କମ୍ ମୂଲ୍ୟରେ ଚାଦର କିଣିବା ପାଇଁ ଧଳା ରଙ୍ଗ ହେଉଛି ସର୍ବୋତ୍ତମ ବିକଳ୍ପ ।

***ଧଳା ରଙ୍ଗ ହେଉଛି ଶାନ୍ତିର ପ୍ରତୀକ :-***

ଧଳା ରଙ୍ଗ ଶାନ୍ତିର ପ୍ରତୀକ ଭାବରେ ବିବେଚନା କରାଯାଏ ଏବଂ ସକରାତ୍ମକତା ଆଣିଥାଏ । ଏପରି ପରିସ୍ଥିତିରେ, ଧଳା ଚାଦର ଉପରେ ଶୋଇବା ମନକୁ ଶାନ୍ତ ରଖେ ଏବଂ ଲୋକମାନେ ଶାନ୍ତିରେ ଶୋଇଥାନ୍ତି । ମନକୁ ଶାନ୍ତ ରଖିବା ସହିତ ଧଳା ରଙ୍ଗ ହୃଦୟକୁ ଖୁସି ରଖିବାରେ ମଧ ସହାୟକ ହୋଇଥାଏ । ସେଥିପାଇଁ ଅଧିକାଂଶ ହୋଟେଲ ରୁମରେ କେବଳ ଧଳା ବେଡସିଟ୍ ବ୍ୟବହାର କରନ୍ତି । ହୋଟେଲ ରୁମର ବେଡ ଉପରେ ଧଳା ଚାଦର ବିଛାଇବାର ଅଭ୍ୟାସ ୯୦ ଦଶକ ପରେ ଆରମ୍ଭ ହୋଇଥିଲା ।



# କେଉଁ ସମୟରେ ଦରକାର ପଡିଥାଏ ଇନସୁଲିନ ?

ଅଗ୍ନାଶୟରେ ଉତ୍ପାଦିତ ଏକ ହରମୋନ ହେଉଛି ଇନସୁଲିନ । ଯାହା ବ୍ଲଡ ଗ୍ଲୁକୋଜକୁ ସନ୍ତୁଳିତ କରିବା ସହ ଶରୀରକୁ ଗ୍ଲୁକୋଜକୁ ଶକ୍ତି ଭାବେ ବ୍ୟବହାର କରିଥାଏ । ତେବେ ଏହା ପେଟର ତଳିଭାଗରେ ହେଉଥିବା ଏକ ଗ୍ଲାଣ୍ଡ । ଡାଇବେଟିସ ରୋଗୀମାନଙ୍କୁ ଅନେକ ସମୟରେ ଇନସୁଲିନର ଆବଶ୍ୟକତା ପଡିଥାଏ । ତେବେ ଆସନ୍ତୁ ଜାଣିବା ଶରୀରରେ ଇନସୁଲିନର ଆବଶ୍ୟକତା କ'ଣ ଏବଂ କେବେ ପଡିଥାଏ ।

ଇନସୁଲିନ ମୁଖ୍ୟତଃ ବ୍ଲଡ ସୁଗାର ନିୟନ୍ତ୍ରଣ କରିଥାଏ । ଯେବେ ଆମ ଶରୀରରେ ରକ୍ତିରେ ଗ୍ଲୁକୋଜର ପରିମାଣ ଅଧିକ ହୁଏ, ତେବେ ଇନସୁଲିନ ଗ୍ଲୁକୋଜକୁ ଲିଭରରେ ଜମା କରିବା ଭଳି କାମ କରିଥାଏ । ତେବେ ବ୍ଲଡ ସୁଗାର କମ୍ ନ ହେବା ପର୍ଯ୍ୟନ୍ତ ଷ୍ଟୋର ହୋଇ ରହିଥିବା ଗ୍ଲୁକୋଜ ବାହାରି ନଥାଏ । ମଣିଷ ଶରୀରରେ ଇନସୁଲିନର ସଠିକ ଉପଯୋଗ ନ ହେବା କିମ୍ବା ଶରୀରରେ ଇନସୁଲିନ ନିର୍ମାଣ ନ ହେବା ଦ୍ୱାରା ଡାଇବେଟିସ ଭଳି ରୋଗ ଦେଖା ଦେଇଥାଏ । ଏହି ସମୟରେ ଅତିରିକ୍ତ ଇନସୁଲିନର ବ୍ୟବହାର ଆବଶ୍ୟକ ହୁଏ ।ଡାଇବେଟିସ ମୁଖ୍ୟତଃ ଟାଇପ-୧ ଏବଂ ଟାଇପ-୨ ପ୍ରକାରର ହୋଇଥାଏ । ଟାଇପ-୧ ଡାଇବେଟିସ ଏକ ଅଟୋମ୍ୟୁନ ରୋଗ ଅଟେ । ଏହି ରୋଗରେ ଶରୀର ନିଜେ ନିଜ ଉପରେ ଆକ୍ରମଣ କରିଥାଏ । ଏହି ରୋଗ ସମୟରେ ।ଶୀର ସଠିକ ଭାବରେ ଇନସୁଲିନ ପ୍ରସ୍ତୁତ କରିପାରିନଥାଏ । କାରଣ ରକ୍ଷା କରୁଥିବା ସେଲ୍ସ ଅଗ୍ନାଶୟରେ ଇନସୁଲିନ ପ୍ରସ୍ତୁତକାରୀ ସେଲ୍ସଗୁଡିକୁ କ୍ଷତି ପହଞ୍ଚାଇଥାନ୍ତି । ତେବେ ବିଶେଷ କରି ଯୁବବର୍ଗରେ ଏପରି ଡାଇବେଟିସ ଦେଖା ଦେଇଥାଏ । ସେହିପରି ଟାଇପ-୨ ଡାଇବେଟିସରେ ଶରୀରକୁ ସାଧାରଣଭବେ ରଖିବା ପାଇଁ ଅଧିକ ମାତ୍ରାରେ ଇନସୁଲିନର ଆବଶ୍ୟକତା ପଡିଥାଏ । ତେବେ ଅଧିକ ଉତ୍ପାଦନ ପରେ ଅଗ୍ନାଶୟରେ ଇନସୁଲିନ ପ୍ରସ୍ତୁତକାରୀ ସେଲଗୁଡିକ ଜଳିଯାଇଥାନ୍ତି । ତେବେ ଏହି ପ୍ରକାରର ଡାଇବେଟିସ କୌଣସି ବୟସର ବ୍ୟକ୍ତିଙ୍କୁ ହୋଇପାରେ ।



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର ୪
୨୪ ଜାନୁଆରୀ ୨୦୨୫, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନଦୀ କାହାର ?

କାହିଁ କେଉଁ ଅନାଦି କାଳରୁ ନଦୀ ଜୀବଜଗତର ଜୀବନରେଖା ରୂପେ ଶାଖାପ୍ରଶାଖା ମେଲି ପୃଥିବୀର କୋଣ ଅନୁକୋଣକୁ ସ୍ପର୍ଶ କରିଚାଲିଛି। ସେ ମାନି ନାହିଁ କୌଣସି ସୀମା-ସରହଦ, କୌଣସି ଜାତି-ଧର୍ମ ଅବା ପର-ଆପଣା। ମାତ୍ର ନଦୀଜଳକୁ ନେଇ ବିବାଦ ରାଜ୍ୟ-ରାଜ୍ୟ ମଧ୍ୟର ବଢ଼ିବାରେ ଲାଗିଛି। ଏଠି ପ୍ରଶ୍ନ ଉଠେ କାହିଁକି ଏ ବିବାଦ? ନଦୀଜଳକୁ ନେଇ ସୃଷ୍ଟ ବିବାଦର ସମାଧାନର ରାସ୍ତା ଆଜି ପର୍ଯ୍ୟନ୍ତ ସହୃଦୟତାର ସହିତ କେହି ବିଚାର କରିଥିବା ପରି ମନେ ହୁଏ ନାହିଁ। ପ୍ରକୃତି ଦତ୍ତ ଉପାଦାନ ଉପରେ କାହାର ଏକଚାଟିଆ ଅଧିକାର ନାହିଁ। ମାତ୍ର ବିଡ଼ମ୍ବନା ଯେ ସବୁଠାରୁ ବୁଦ୍ଧିମାନ ଜୀବ ମଣିଷ ଏହାର ବ୍ୟତିକ୍ରମ। ଭାରତୀୟ ସମ୍ବିଧାନ ଅନୁସାରେ ଗୋଟିଏ ରାଜ୍ୟ ମଧ୍ୟରେ ପ୍ରବାହିତ ନଦୀର ଜଳ ପରିଚାଳନା ଅଧିକାର ସ୍ୱତନ୍ତ୍ର ଭାବରେ ସେହି ରାଜ୍ୟକୁ ପ୍ରଦାନ କରେ। କିନ୍ତୁ ଆନ୍ତଃରାଜ୍ୟ ନଦୀଗୁଡ଼ିକ କେନ୍ଦ୍ର ଅଧୀନରେ ରହିଥାଏ। ବ୍ୟବସ୍ଥାରେ ଅସ୍ପଷ୍ଟତା ଯୋଗୁଁ ଦୁଇ ବା ତତୋଧିକ ରାଜ୍ୟ ମଧ୍ୟରେ ପ୍ରବାହିତ ନଦୀଜଳର ବ୍ୟବହାର ଓ ନିୟନ୍ତ୍ରଣକୁ ନେଇ ବିବାଦ ସୃଷ୍ଟି ହୋଇଥାଏ। ମଧୁର ଜଳଭାବ ବୃଦ୍ଧି ସହିତ କଳକାରଖାନାରେ ଜଳର ମାତ୍ରାଧିକ ଉପଯୋଗ ଏବଂ ବିବାଦୀୟ ରାଜନୈତିକ କାର୍ଯ୍ୟକଳାପ ଏହି ବିବାଦକୁ ଆହୁରି ଉଗ୍ର କରିଚାଲିଛି। ଭାରତରେ ସିନ୍ଧୁ, ବ୍ରହ୍ମପୁତ୍ର, ଗଙ୍ଗା, ଯମୁନା, ନର୍ମଦା, ତାପ୍ତି, ଗୋଦାବରୀ, କ୍ରୀଷ୍ଣା, କାବେରୀ ଓ ମହାନଦୀ ପରି ପ୍ରମୁଖ ୨୫ଟି ନଦୀ ଅବବାହିକା ସମେତ ପ୍ରାୟତଃ ୪୦୦ ନଦୀ ପ୍ରବାହିତ ହେଉଛି। ସେଥିମଧ୍ୟରୁ ଅଧିକାଂଶ ପ୍ରମୁଖ ନଦୀ ଦୁଇ ବା ତତୋଧିକ ରାଜ୍ୟ ମଧ୍ୟରେ ପ୍ରବାହିତ। ସେହିପରି ଓଡ଼ିଶାରେ ପ୍ରବାହିତ ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବଂଶଧାରା, ନାଗାବଳୀ ଆଦି ପ୍ରମୁଖ ୧୨ଟି ନଦୀ ମଧ୍ୟରୁ ଅଧିକାଂଶ ଅନ୍ୟରାଜ୍ୟର ସୀମା ମଧ୍ୟରେ ରହିଛି। ଯେହେତୁ ନଦୀ ଅବବାହିକାଗୁଡ଼ିକ ସମ୍ବଳ ସହଭାଗୀ ହୋଇଛି, ନଦୀ ଜଳର ସଂରକ୍ଷଣ, ସମବଣ୍ଟନ ଏବଂ ନିରନ୍ତର ଉପଯୋଗ ପାଇଁ କେନ୍ଦ୍ରର ପ୍ରଭୂତ ଯୋଗଦାନ ସହିତ ରାଜ୍ୟଗୁଡ଼ିକ ମଧ୍ୟରେ ଏକ ସମନ୍ୱିତ ଆଭିମୁଖ୍ୟ ଆବଶ୍ୟକ। ସ୍ୱାଧୀନତା ପରବର୍ତ୍ତି ସମୟରୁ ଘଟିଥିବା ଆନ୍ତଃରାଜ୍ୟ ନଦୀ ଜଳବିବାଦଗୁଡ଼ିକ ମଧ୍ୟରୁ କେତେକର ସମାଧାନ ହୋଇଥିଲେ ମଧ୍ୟ ଅନେକ ଏବେ ଯାଏଁ ଅସମାହିତ ହୋଇ ରହିଛି। ଏହା ସୂଚାଇ ଦେଉଛି ଯେ, ପ୍ରତ୍ୟେକ ଜଳବିବାଦର କାରଣ ରାଜ୍ୟ-ରାଜ୍ୟ ଓ କେନ୍ଦ୍ର-ରାଜ୍ୟ ମଧ୍ୟରେ ଉତ୍ତମ ବୁଝାମଣାର ଅଭାବ ଏବଂ ରାଜନୈତିକ ନ୍ୟସ୍ତ ସ୍ୱାର୍ଥ। ଆନ୍ତଃରାଜ୍ୟ ନଦୀଜଳ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ଗଠନ କରାଯାଇ ଅନେକଗୁଡ଼ିଏ ପଦକ୍ଷେପ ନିଆଯାଇଥିଲେ ମଧ୍ୟ ସେଗୁଡ଼ିକୁ ସଠିକ ଭାବରେ ପରିଚାଳନା କରିବାର ମନୋବୃତ୍ତିର ଅଭାବରୁ ଆଜି ସମସ୍ତେ ପ୍ରଭାବିତ। ଆନ୍ତଃରାଜ୍ୟ ଜଳ ବିବାଦ ପାଇଁ ଭାରତୀୟ ସମ୍ବିଧାନ ଅନୁଯାୟୀ କିଛି ନିୟମ ଓ ବ୍ୟବସ୍ଥା ରହିଛି। ଜଳ ଯୋଗାଣ, ଜଳସେଚନ, ଜଳ ସଂରକ୍ଷଣ ଓ ଜଳ ଶକ୍ତି ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ରାଜ୍ୟ ତାଲିକାର ଅନୁଚ୍ଛେଦ ୧୭ ଅଧୀନରେ ଉଲ୍ଲେଖ କରାଯାଇଥିବା ବେଳେ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଆନ୍ତଃରାଜ୍ୟ ନଦୀ ଓ ନଦୀ ଉପତ୍ୟକାର ନିୟମାବଳୀ ଏବଂ ବିକାଶ କେନ୍ଦ୍ର ତାଲିକାର ୫୬ ଅଧୀନରେ ଅଛି। ସମ୍ବିଧାନର ଧାରା ୨୬୨ (୧) ଅନୁଯାୟୀ, ସଂସଦ, ଆଇନ ଅନୁଯାୟୀ, କୌଣସି ଆନ୍ତଃରାଜ୍ୟ ନଦୀ କିମ୍ବା ନଦୀ ଉପତ୍ୟକା ଜଳର ବ୍ୟବହାର, ବଣ୍ଟନ କିମ୍ବା ନିୟନ୍ତ୍ରଣକୁ ନେଇ କୌଣସି ବିବାଦ କିମ୍ବା ଅଭିଯୋଗର ବିଚାର ପାଇଁ ପ୍ରଦାନ କରିପାରିବ। ଆନ୍ତଃରାଜ୍ୟ ନଦୀ ଜଳ ବିବାଦର ସମାଧାନ ପାଇଁ ସମ୍ବିଧାନର ଧାରା ୨୬୨ ରେ ଉଲ୍ଲେଖ କରାଯିବା ସହିତ ନଦୀ ବୋର୍ଡ ଅଧିନିୟମ-୧୯୫୬ ଏବଂ ଆନ୍ତଃରାଜ୍ୟ ନଦୀ ଜଳ ବିବାଦ ଆଇନ-୧୯୫୬ ଭଳି ଦୁଇଟି ନିୟମ ସଂସଦ ପ୍ରଣୟନ କରିଛି। ଧାରା ୨୬୨ ଜଳ ବିବାଦରେ ନ୍ୟାୟପାଳିକାର ଭୂମିକାକୁ ସୀମିତ ରଖିଥିବା ବେଳେ ସ୍ୱତନ୍ତ୍ର ଟ୍ରିବ୍ୟୁନାଲଗୁଡ଼ିକରେ ମନ୍ଥର ବିଚାର ପ୍ରକ୍ରିୟା ବିବାଦର ସଠିକ ସମୟରେ ଓ ସ୍ଥାୟୀ ସମାଧାନରେ ବାଧା ସୃଷ୍ଟି କରୁଛି। କାର୍ଯ୍ୟାନ୍ୱୟନ ପ୍ରଣାଳୀ ମାଧ୍ୟମରେ ଯାହା କରିବାକୁ ପଡ଼ିବ, ତାହା ପ୍ରାଥମିକତା ଭିତ୍ତିରେ କରାଯିବା ଉଚିତ ବୋଲି ଉଲ୍ଲେଖ କରାଯାଇଥିଲା। ନଦୀ ଜଳବିବାଦର ତ୍ୱରିତ ସମାଧାନ ପାଇଁ କେତେକ ପଦକ୍ଷେପ ଗ୍ରହଣ କରାଯାଇପାରେ। ସମ୍ବିଧାନ ନିୟମ ଅନୁଯାୟୀ ରାଜ୍ୟ ବା କେନ୍ଦ୍ର ଆନ୍ତଃରାଜ୍ୟ ନଦୀ ଜଳ ବିବାଦଗୁଡ଼ିକର ସମାଧାନ ପାଇଁ ଠିକ ସମୟରେ ତ୍ୱରିତ ପଦକ୍ଷେପ ନେବା, ନଦୀର ଉତ୍ପତ୍ତି ସ୍ଥଳରୁ ଆରମ୍ଭକରି ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ଥାନରେ ଉପଯୁକ୍ତ ସମୟ ବ୍ୟବଧାନରେ ନଦୀର ସ୍ୱଚ୍ଛତା ସର୍ବେକ୍ଷଣ କରିବା, କୌଣସି ମନୁଷ୍ୟକୃତ ପ୍ରଦୂଷିତ ପରିବେଶ ନଦୀ ସହ ସଂଯୋଗକୁ କଠୋର ଭାବରେ ନିଷିଦ୍ଧ କରିବା, ପ୍ରତ୍ୟେକ ରାଜ୍ୟ ପରିବେଶକୁ ସୁରକ୍ଷା ଯୋଗାଇ ନିଜ ବ୍ୟବହାର ପାଇଁ ନଦୀ ଜଳକୁ ବ୍ୟବହାର କରିବା ଆବଶ୍ୟକ। ଏଥିସହିତ ଜଳସେଚନ, ବିଦ୍ୟୁତ ଉତ୍ପାଦନ, କଳକାରଖାନା ନିର୍ମାଣ, ଗୃହ, ରାସ୍ତା ଇତ୍ୟାଦିର ନିର୍ମାଣ ପାଇଁ ପାରମ୍ପରିକ ଶକ୍ତିର ବ୍ୟବହାର ପରିବର୍ତ୍ତେ ଅଣପାରମ୍ପରିକ ଶକ୍ତିର ବିକାଶ ଉପରେ ଗୁରୁତ୍ୱାରୋପ କରିବା ଅପରିହାର୍ଯ୍ୟ। ସ୍ୱଚ୍ଛ ଜଳରେ କୃଷି, ବୁନ୍ଦା ଜଳସେଚନ, ହାଇଡ୍ରୋଫୋନିକ କୃଷି ଇତ୍ୟାଦିକୁ ଅଧିକ ପ୍ରୋତ୍ସାହନ ସହିତ ବର୍ଷାଜଳ ଅମଳ, ପୁଷ୍କରିଣୀଗୁଡ଼ିକର ପୁନରୁଦ୍ଧାର, ସୌରଶକ୍ତିର ବ୍ୟବହାର, କୃଷିକ୍ଷେତ୍ରରେ ଜୈବିକସାରର ବ୍ୟବହାର ଇତ୍ୟାଦିର ପ୍ରସାର କରାଗଲେ ବର୍ଷାଜଳରେ ରାସାୟନିକ ପଦାର୍ଥ ମିଶ୍ରଣ ଘଟି ନଦୀ ଜଳକୁ ପ୍ରଦୂଷିତ କରିପାରିବ ନାହିଁ। ସହରାଞ୍ଚଳରେ ଥିବା ଆପାର୍ଟମେଣ୍ଟ ଏବଂ କୋଠାଘରମାନଙ୍କରେ ବର୍ଷାଜଳ ଅମଳକୁ ବାଧ୍ୟତାମୂଳକ କରାଯିବା ସହିତ ଡ୍ରେନଗୁଡ଼ିକୁ ନୂତନ ବୈଷୟିକ ଜ୍ଞାନକୌଶଳର ଉପଯୋଗରେ ବର୍ଷାଜଳ ଅମଳ ସହିତ ସଂଯୋଗ କରିବା ଉଚିତ। ନଦୀର ଜଳକୁ ପରିଷ୍କାର ରଖିଲେ ତା'ର ବଣ୍ଟନରେ ସାରା ଜୀବଜଗତ ହିତରେ ସହାୟକ ହୋଇପାରିବ। ନଦୀ ଉପରେ ମନୁଷ୍ୟକୃତ ବିଭିନ୍ନ ଚାପ କମିଲେ ନଦୀକୁ ନେଇ ସୃଷ୍ଟ ବିବାଦ କମିଯିବ। ବିକାଶ ନାମରେ ନଦୀକୁ ନଷ୍ଟ ନକରି ଆମକୁ ନିରନ୍ତର ବିକାଶର ମାର୍ଗକୁ ଆପଣେଇବାକୁ ପଡ଼ିବ। ଜଳବିବାଦକୁ ସମାଧାନ ନିମିତ୍ତ ତ୍ୱରିତ ପଦକ୍ଷେପ ନ ନେଲେ ଜନସଂଖ୍ୟାର ଆକାର ଏବଂ ଜଳ ଉପଲବ୍ଧତା ମଧ୍ୟରେ ଥିବା ଅସମାନତା ଏକ ବିସ୍ଫୋଟକ ଅବସ୍ଥା ସୃଷ୍ଟି କରିପାରେ।

# ଜନ୍ମ ମୃତ୍ୟୁର ଚକ୍ର ଓ ଭଗବତ୍ ପ୍ରାପ୍ତିର ଫଳ



### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଆମ ସଭିଙ୍କ ମନରେ ଏକ ପ୍ରଶ୍ନ ଆସେ ଯେ ଏ ଯେଉଁ ଭଗବତ୍ ପ୍ରାପ୍ତି କଥା ଅଛି ତାହା କଣ ଅର୍ଥାତ୍ ଭଗବତ୍ ପ୍ରାପ୍ତିର ଫଳ କ'ଣ ? ତାହାର ସାଧାରଣ ଉତ୍ତର ହେଉଛି, ଯେଉଁମାନେ ଭଗବତ୍ ପ୍ରାପ୍ତି କରନ୍ତି, ସେମାନେ ଜନ୍ମ ମୃତ୍ୟୁର ଚକ୍ରରୁ ମୁକ୍ତ ହୋଇ ଭଗବାନଙ୍କର ଦିବ୍ୟ ଲୋକରେ ସ୍ଥାନ ପାଆନ୍ତି । ସେମାନଙ୍କୁ ପୁଣି ଏହି ସଂସାରରେ ଜନ୍ମନେବାକୁ ପଡ଼େ ନାହିଁ, ଯାହାକି ଦୁଃଖ ଭୋଗର ଏକ ସ୍ଥାନ ଅଟେ । ଆମେ ଜନ୍ମ ହେବାର କଷ୍ଟପ୍ରଦ ପ୍ରକ୍ରିୟା ଭୋଗ କରୁ ଏବଂ ଅସହାୟ ଭାବେ କ୍ରନ୍ଦନ କରେ । ଗୋଟିଏ ଛୋଟ ଶିଶୁ ଭାବରେ ଆମର ଅନେକ ଆବଶ୍ୟକତା ରହିଥାଏ ଯାହା ପ୍ରକାଶ କରି ନ ପାରି ଆମେ କାନ୍ଦିଥାଏ । କିଶୋର ଅବସ୍ଥାରେ ଆମେ ନିଜର ଶାରୀରିକ କାମନାକୁ ନେଇ ସଂଘର୍ଷରେ ମାନସିକ ଅଶାନ୍ତି ଭୋଗ କରେ । ବୈବାହିକ ଜୀବନରେ ସ୍ୱାମୀ/ସ୍ତ୍ରୀଙ୍କର ମନମୁଖୀ ସ୍ୱଭାବକୁ ସହ୍ୟ କରିବାକୁ ପଡିଥାଏ । ବୃଦ୍ଧାବସ୍ଥାରେ ଶାରୀରିକ କଷ୍ଟ ଭୋଗ କରେ । ଏହିପରି ସାରା ଜୀବନ ଆମେ ଶାରୀରିକ ଓ ମାନସିକ କଷ୍ଟ ସହିତ ଅନ୍ୟର ବ୍ୟବହାର ଏବଂ ପରିବେଶ ଜନିତ କ୍ଲେଶ ଭୋଗକରିଥାଏ । ଶେଷରେ ଆମେ ମୃତ୍ୟୁର କଷ୍ଟ ଅନୁଭବ କରିଥାଏ । ଏହି ସବୁ ଯାତନା ଅର୍ଥହୀନ ନୁହେଁ, ଭଗବାନଙ୍କର ବୃହତ୍ ଯୋଜନାରେ ଏହାର ଗୋଟିଏ ଉଦ୍ଦେଶ୍ୟ ରହିଛି । ଏହା ଆମର ହୃଦ୍‌ବୋଧ କରାଇଥାଏ ଯେ ଭୌତିକ ଜଗତ ଆମର ସ୍ଥାୟୀ ନିବାସ ନୁହେଁ । ଆତ୍ମମାନଙ୍କ ପରି ଭଗବତ୍ ବିମୁଖ ଜୀବାତ୍ମାମାନଙ୍କ ପାଇଁ ଏହା ଏକ ସୁଧାର ଗୃହ ସଦୃଶ ଅଟେ । ଦୁଃଖ କଷ୍ଟ ଭୋଗ ନ କଲେ ଆମେ କେବେ ବି ଭଗବାନଙ୍କର କାମନା କରନ୍ତେ ନାହିଁ । ଉଦାହରଣ ସ୍ୱରୂପ, ଯଦି ଆମେ ଅଗ୍ନିକୁ ସ୍ପର୍ଶ କରିବା ତେବେ ଦୁଇଟି କଥା ହେବ - ହାତ ପୋଡିଯିବ ଏବଂ ଆମେ ଯନ୍ତ୍ରଣା ଅନୁଭବ କରିବା । ହାତ ପୋଡିଯିବା ଖରାପ କଥା କିନ୍ତୁ ଯନ୍ତ୍ରଣା ଅନୁଭବ କରିବା ଆମ ପାଇଁ ଲାଭଦାୟକ ଅଟେ । ଆମେ ଯଦି ଯନ୍ତ୍ରଣା ଅନୁଭବ କରି ନଥାନ୍ତେ, ତାହେଲେ ଆମେ ହାତକୁ ନିଆଁଠାରୁ ଦୂରେଇ ନେଇ ନ ଥାନ୍ତେ ଏବଂ ତଦ୍ୱାରା ଆମର ବହୁତ କ୍ଷତି ହୋଇଥାଆନ୍ତା । ତେଣୁ ଯନ୍ତ୍ରଣାଟି ଏକ ସୂଚନା ଯେ କେଉଁଠି କିଛି ଭୁଲ ରହିଯାଇଛି ଏବଂ ତାକୁ ସୁଧାରିବା ଆବଶ୍ୟକ । ସେହିପରି ମାୟିକ୍ ଜଗତରେ ଅନୁଭବ କରୁଥିବା ଦୁଃଖ କଷ୍ଟ ମାଧ୍ୟମରେ ଭଗବାନ ଆମକୁ ସତର୍କ କରାଇ ଥାଆନ୍ତି ଯେ ଆମର ଚେତନା ଦୋଷଯୁକ୍ତ ଅଟେ । ସଂସାରିକ ଚେତନାରୁ ଆମେ ଭଗବତ୍ ଚେତନାଯୁକ୍ତ ହେବା ନିମନ୍ତେ ଅଗ୍ରସର ହେବା ଆବଶ୍ୟକ ।

ବ୍ୟକ୍ତିର ଜୀବନବ୍ୟାପୀ ଅଭ୍ୟାସ ଏବଂ ସଙ୍ଗର ପରିଣାମ ସ୍ୱରୂପ ଯାହାର ଚିନ୍ତନ ଏବଂ ଅନୁଧ୍ୟାନ ସେ ନିରନ୍ତର କରିଥାଏ, ତାହା ହିଁ ତା'ର ଅନ୍ତିମ ବିଚାର ନିର୍ଦ୍ଧାରଣ କରିବା ସ୍ୱାଭାବିକ । ପୁରାଣରେ ମହାରାଜ ଭରତଙ୍କର ଆଖ୍ୟାନ ବର୍ଣ୍ଣନା କରାଯାଇଛି। ସେ ଜଣେ ରାଜା ଥିଲେ। କିନ୍ତୁ ଭଗବତ୍ ପ୍ରାପ୍ତି କରିବା ଉଦ୍ଦେଶ୍ୟରେ ସେ ରାଜ୍ୟ ତ୍ୟାଗ କରି, ବନରେ ସନ୍ୟାସୀ ଭାବରେ ଜୀବନଯାପନ କରୁଥିଲେ । ଦିନେ ସେ ଗୋଟିଏ ହରିଣକୁ ବାଘର ଗର୍ଜନ ଶୁଣି ପାଣି ମଧ୍ୟକୁ ଡ଼େଇଁ ପଡ଼ିବାର ଦେଖିଲେ । ଅତିଶୟ ଭୟ ଯୋଗୁଁ ଗର୍ଭିଣୀ ମୃଗଟି ଗର୍ଭରୁ ଗୋଟିଏ ଶାବକ ଜନ୍ମ ଲାଭ କରି ପାଣିରେ ଭାସିବାରେ ଲାଗିଲା । ଶାବକଟି ପ୍ରତି ଭରତଙ୍କ ମନରେ ଦୟା ଉତ୍ପନ୍ନ ହେଲା ଏବଂ ସେ ତାକୁ ପାଣିରୁ ଉଦ୍ଧାର କରି ତାଙ୍କ କୁଟୀରକୁ ଆଣି ତା'ର ଲାଳନ ପାଳନ କରିବାକୁ ଲାଗିଲେ । ଅତି ଆଗ୍ରହର ସହିତ ସେ ତାର ଚପଳତାପୂର୍ଣ୍ଣ ଚାଲିକୁ ନିରୀକ୍ଷଣ କରିବାରେ ଲାଗିଲେ । ସେ ଖାଇବା ପାଇଁ ଘାସ ସଂଗ୍ରହ କରୁଥିଲେ ଏବଂ ତାକୁ ଉଷ୍ମତା ପ୍ରଦାନ ପାଇଁ କୋଳାଗ୍ରତ କରୁଥିଲେ । ଧୀରେ ଧୀରେ ତାଙ୍କର ମନ ଭଗବାନଙ୍କ ଠାରୁ ହଟିଯାଇ ସେହି ହରିଣ ଠାରେ କେନ୍ଦ୍ରିତ ହେବାକୁ ଲାଗିଲା । କ୍ରମଶଃ ସେହି ତନ୍ମୟତା ଏତେ ଗଭୀର ହେଲା ଯେ ଦିନସାରା ତାଙ୍କର ମନ ସେହି ହରିଣର ହିଁ ଚିନ୍ତନ କଲା । ଯେତେବେଳେ ସେ ମୃତ୍ୟୁବରଣ କରିବାକୁ ଯାଉଥିଲେ, ହରିଣଟି ପ୍ରତି ତାଙ୍କର ମମତା ଏବଂ ଚିନ୍ତା ଯୋଗୁଁ, ସେ ତାକୁ ପାଖକୁ ଡ଼ାକିଲେ । ପରିଣାମ ସ୍ୱରୂପ, ପରବର୍ତ୍ତୀ ଜନ୍ମରେ ସେ ମୃଗ ଯୋନିରେ ଜନ୍ମ ଗ୍ରହଣ କଲେ । କିନ୍ତୁ ଯେହେତୁ ସେ ଭଗବତ ସାଧନା କରିଥିଲେ, ପୂର୍ବଜନ୍ମର ସମସ୍ତ ତ୍ରୁଟି ସଂପର୍କରେ ସେ ସଚେତନ ଥିଲେ। ସେଥିପାଇଁ ହରିଣ ହେଲେ ମଧ୍ୟ ସେ ଜଙ୍ଗଲରେ ସାଧୁମାନଙ୍କ ଆଶ୍ରମ ପାଖରେ ରହୁଥିଲେ । ହରିଣ ଶରୀର ତ୍ୟାଗ କରିବା ପରେ ପୁନର୍ବାର ସେ ମନୁଷ୍ୟ ଜନ୍ମ ପ୍ରାପ୍ତ କରିଥିଲେ । ଏଥର ସେ ବିଖ୍ୟାତ ସନ୍ଥ ଜଡ଼ଭରତ ହେଲେ ଏବଂ ସାଧନା ସମାପ୍ତ କରି ଭଗବତ ପ୍ରାପ୍ତି କଲେ ।

ଏ ସଂସାରରେ ଯେଉଁମାନେ ଭଗବାନଙ୍କୁ ପ୍ରାପ୍ତ କରିବାକୁ ଇଚ୍ଛା କରନ୍ତି, ସେମାନେ ଭୌତିକ ଲାଭ ଉଦ୍ଦେଶ୍ୟରେ କର୍ମ କରନ୍ତି ନାହିଁ । ତେବେ ସେମାନେ ସାଂସାରିକ କର୍ମ କରନ୍ତି କାହିଁକି ? ତା'ର କାରଣ ଏହା ଯେ ସେମାନେ ଭଗବାନଙ୍କର ସେବା କରିବାକୁ ଚାହାଁନ୍ତି ଏବଂ ତାଙ୍କ ଖୁସି ପାଇଁ ସେମାନେ କର୍ମ କରିବାକୁ ପ୍ରେରିତ ହୁଅନ୍ତି। ଭଗବାନଙ୍କ ପ୍ରତି ବିମୁଖ ହୋଇ ଭୌତିକ ଜଗତରେ କଷ୍ଟଭୋଗ କରୁଥିବା ଜୀବାତ୍ମା ମାନଙ୍କୁ ଦେଖି ତାଙ୍କର ହୃଦୟ ତରଳି ଯାଏ ଏବଂ ସେମାନଙ୍କର ଆଧ୍ୟାତ୍ମିକ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ସେମାନେ ପ୍ରେରିତ ହୋଇଥାନ୍ତି । ଏକଦା ବୁଦ୍ଧଦେବ କହିଥିଲେ, "ଭଗବତ ପ୍ରାପ୍ତି ପରେ ତୁମ ସମ୍ମୁଖରେ ଦୁଇଟି ବିକଳ୍ପ ଥାଏ- ତୁମେ କିଛି କରି ନ ପାର, ବା ଅନ୍ୟର ଭଗବତ୍ ପ୍ରାପ୍ତି କରାଇବାରେ ସାହାଯ୍ୟ କରିପାର ।" ତେଣୁ ଯେଉଁ ମାନଙ୍କର ନିଜର ସ୍ୱାର୍ଥପୂର୍ତ୍ତି ଉଦ୍ଦେଶ୍ୟରେ କୌଣସି କାର୍ଯ୍ୟ କରିବାର ନ ଥାଏ, ସେମାନେ ଭଗବତ୍ ପ୍ରୀତ୍ୟର୍ଥ କର୍ମରେ ପ୍ରବୃତ୍ତ ହୁଅନ୍ତି । ଭକ୍ତି ଯୁକ୍ତ କର୍ମ ଭଗବାନଙ୍କର କୃପା ଆକର୍ଷିତ କରିଥାଏ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୮୨୪୯୫୦୨୭୭୬

# ଆସ୍ଥା ଓ ବିଶ୍ୱାସର ସଙ୍ଗମ କୁମ୍ଭ : ବିବିଧତାରେ ଏକତାର ଉତ୍ସବ



### ସୌର ଚନ୍ଦ୍ର ମହାପାତ୍ର

ବିଶ୍ୱାସ ଯେଉଁଠି, ଭଗବାନଙ୍କ ସ୍ଥାନ ସେଇଠି। ସନାତନ ଧର୍ମର ଆସ୍ଥା ଓ ବିଶ୍ୱାସର ମହାକୁମ୍ଭ ପ୍ରୟାଗରାଜ କୁମ୍ଭ ମେଳା। ନିକଟରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ନିୟମିତ ରେଡ଼ିଓ କାର୍ଯ୍ୟକ୍ରମ 'ମନ୍ କି ବାତ'ରେ ମହାକୁମ୍ଭ ଓ ରାମ ଲାଲାଙ୍କ ବିଷୟରେ ଆଲୋକପାତ କରିଛନ୍ତି। ମୋଦିଜୀ ତାଙ୍କ ଅଭିଭାଷଣରେ କହିଛନ୍ତି ଏହା ସାମାଜିକ ସଦଭାବର ଏଭଳି ସଙ୍ଗମ ଯେଉଁଠାରେ ଭେଦଭାବ କିମ୍ବା ଜାତିବାଦ ନାହିଁ। କୁମ୍ଭ ମେଳା ହେଉଛି ବିବିଧତାରେ ଏକତାର ଉତ୍ସବ। ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ ଏହା ଗୋଟିଏ ସୂତ୍ରରେ ବାନ୍ଧି ରଖିଛି। ଏହି ପରମ୍ପରା ହଜାର ହଜାର ବର୍ଷର। ଏହାସହ ମୋଦିଜୀ ଜାନୁଆରୀ ୧୧ରେ ପୌଷ ଶୁକ୍ଳ ଦ୍ୱାଦଶରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ଏହି ଦିନ ଏବେ ପ୍ରତିଷ୍ଠା ଦ୍ୱାଦଶୀ ପାଳନ୍ତି ଯାଇଛି। ପ୍ରୟାଗରାଜର ମହାକୁମ୍ଭ ମେଳା ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ଗଭୀର ଆଧ୍ୟାତ୍ମବାଦ ଏବଂ ସଂଗଠନାତ୍ମକ କ୍ଷମତାର ଏକ ଶାଶ୍ୱତ ପ୍ରତୀକ। ପୌରାଣିକ ଆଧାରରୁ ଆରମ୍ଭ କରି ଆଧୁନିକ ଆୟୋଜନ ପର୍ଯ୍ୟନ୍ତ, ଏହି ଉତ୍ସବ ଏକ ବୈଶ୍ୱିକ ମେଳାର ରୂପ ଧାରଣ କରିସାରିଛି। ବହୁ ଆହ୍ୱାନ ସତ୍ତ୍ୱେ, ଏହା କୋଟି କୋଟି ଶ୍ରଦ୍ଧାଳୁଙ୍କ ମଧ୍ୟରେ ଶ୍ରଦ୍ଧା, ଭକ୍ତି ଏବଂ ଏକତାର ଭାବନାକୁ ପ୍ରେରିତ କରୁଛି। ମହାକୁମ୍ଭ ଭାରତର ଶତାବ୍ଦୀ ପ୍ରାଚୀନ ପରମ୍ପରାର ପ୍ରତୀକ, ଯାହା ଆମକୁ ବିଶ୍ୱାସର ଶକ୍ତି, ସାଂସ୍କୃତିକ ସଂରକ୍ଷଣର ମହତ୍ୱ ମାନବିକତାର ମନ୍ତ୍ର ଶିଖାଇଥାଏ।

ଭାରତର ଧାର୍ମିକ ଐତିହ୍ୟର ପ୍ରତୀକ, ସନାତନ ଧର୍ମର ଆସ୍ଥା ଓ ବିଶ୍ୱାସର ମହାପର୍ବ ମହାକୁମ୍ଭ ମେଳା। ଏହା ଏପରି ଏକ ଆୟୋଜନ ଯାହା ଆସ୍ଥା, ପରମ୍ପରା ଏବଂ ଆଧ୍ୟାତ୍ମିକତାର ପ୍ରତୀକ। ପ୍ରତି ବାର ବର୍ଷରେ ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୟିନୀ ଓ ନାସିକରେ ଆୟୋଜିତ ହୋଇଥାଏ କୁମ୍ଭ ମେଳା। ତେବେ ମହାକୁମ୍ଭ ମେଳା ସ୍ୱତନ୍ତ୍ର, ଅନନ୍ୟ ଏବଂ ଅଦ୍ୱିତୀୟ। କାରଣ ୧୪୪ ବର୍ଷରେ ଥରେ ଆୟୋଜିତ ହୋଇଥାଏ ଏହି ଭବ୍ୟ ମେଳା। ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ତ୍ରିବେଣୀ ସଙ୍ଗମରେ ଆୟୋଜିତ ହେଉଥିବାବେଳେ ଏହାର ଧାର୍ମିକ ଏବଂ ତାତ୍ତ୍ୱିକ ଗୁରୁତ୍ୱ ରହିଛି। ଚଳିତ ବର୍ଷ ପୌଷ ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ।

କୁମ୍ଭ ମେଳା ସହିତ ବେଶ କିଛି ପୌରାଣିକ କାହାଣୀ ଜଡ଼ିତ। ବିଶେଷକରି ସମୁଦ୍ର ମନ୍ଥନ ଏବଂ ନଦୀଗୁଡ଼ିକର ପବିତ୍ରତା ସହିତ ଏହାର ସଂଯୋଗ ରହିଛି। କିନ୍ତୁ ଏହି ମେଳା ସହିତ 'କୁମ୍ଭ' ଶବ୍ଦଟିର ସଂଯୋଗ କିପରି ହେଲା ? ବେଦ ଓ ପୁରାଣ ଭଳି ପ୍ରାଚୀନ ଧର୍ମଗ୍ରନ୍ଥରେ ଏହାର କୌଣସି ଉଲ୍ଲେଖ ଅଛି କି? କୁମ୍ଭ ଶବ୍ଦଟି ବେଦର ବିଭିନ୍ନ ସ୍ଥାନରେ ଉଲ୍ଲେଖ କରାଯାଇଛି ଯାହା ଗୋଟିଏ ପାତ୍ର ବା ଜଳ ପ୍ରବାହର ପ୍ରତୀକ। ବେଦ ଅନୁସାରେ ଅମୃତ ମନ୍ଥନ ବା ହରିଦ୍ୱାର, ପ୍ରୟାଗରାଜ, ଉଜିନୀ ଏବଂ ନାସିକର କୁମ୍ଭ ଉତ୍ସବର କିମ୍ବଦନ୍ତୀ ସହିତ ଏହାର କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ। ଋଗବେଦରେ ଇନ୍ଦ୍ରଦେବଙ୍କ ସଂପର୍କରେ ଗୋଟିଏ ସ୍ତୋତ୍ରରେ କୁମ୍ଭ ଶବ୍ଦଟି ଉଲ୍ଲେଖ କରାଯାଇଛି। ଋଗବେଦର ସେହି ସ୍ତୋତ୍ର ଅନୁସାରେ କୁମ୍ଭ ଏକ କଞ୍ଚା ମାଟିର ପାତ୍ରକୁ ବୁଝାଇଥାଏ ଏବଂ ଇନ୍ଦ୍ରଙ୍କୁ ଶତ୍ରୁ ବିନାଶକାରୀ ଏବଂ ଜଳ ସରବରାହକାରୀ ଭାବରେ ବର୍ଣ୍ଣନା କରାଯାଇଛି। କୁମ୍ଭ ମେଳା ବା ଆଚାରଗତ ସ୍ନାନର କୌଣସି ଉଲ୍ଲେଖ ଋଗ ବେଦରେ ନାହିଁ। ତେବେ ପୂର୍ଣ୍ଣ କୁମ୍ଭ ଶବ୍ଦଟି ପ୍ରଥମେ ଅଥର୍ବବେଦରେ ଉଲ୍ଲେଖ କରାଯାଇଥିଲା, ଯାହା ଋଗବେଦର ପ୍ରାୟ ୬୦୦ ବର୍ଷ ପରେ ଲିଖିତ ହୋଇଥିଲା। ଏହାର ଚତୁର୍ଥ ମଣ୍ଡଳର ୩୪ତମ ସ୍ତୋତ୍ରରେ ଉଲ୍ଲେଖ ଅଛି, ଏହା ସମୟର ଧାରଣାର ପ୍ରତୀକ। ଋଗବେଦର ଦଶମ ମଣ୍ଡଳରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ନଦୀର କଥା ମଧ୍ୟ ଉଲ୍ଲେଖ କରାଯାଇଛି ଯାହା ସେମାନଙ୍କ ଏକତ୍ରିତ ହେବାର ଇଙ୍ଗିତ ଦେଇଥାଏ। ଏହା ବ୍ୟତୀତ ମହାଭାରତ ଏବଂ ପୁରାଣରେ ପ୍ରୟାଗର ଉଲ୍ଲେକ ଅଛି। କିନ୍ତୁ କୁମ୍ଭକୁ ମେଳା ବା ଉତ୍ସବ ଭାବରେ ସ୍ପଷ୍ଟ ଉଲ୍ଲେଖ ନାହିଁ।

କୁମ୍ଭ ମେଳାର ପ୍ରାଥମିକ ଉଲ୍ଲେଖ ଭାରତୀୟ ପୌରାଣିକ କାହାଣୀରେ ଦେଖିବାକୁ ମିଳେ। ବିଶେଷକରି ସମୁଦ୍ର ମନ୍ଥନରୁ ପ୍ରାପ୍ତ ଅମୃତ କୁମ୍ଭ କଳସ କଥା ସହିତ ଏହ ଗଭୀର ଭାବେ ସମ୍ବନ୍ଧିତ। ସେହି କୁମ୍ଭରୁ ଚାରିବୁନ୍ଦା ଅମୃତ ପୃଥିବୀ ପୃଷ୍ଠର ଯେଉଁ ଚାରୋଟି ସ୍ଥାନରେ ଭୂପତିତ ହୋଇଥିଲା ସେହି ସ୍ଥାନରେ ପ୍ରତି ବର୍ଷ ୧୨ ବର୍ଷରେ ପୂର୍ଣ୍ଣ କୁମ୍ଭ ମେଳା ଆୟୋଜିତ ହୋଇଆସୁଛି। ଭାରତର ସବୁଠୁ ପ୍ରାଚୀନ ଗ୍ରନ୍ଥ, ଋଗ ବେଦରେ ନଦୀମାନଙ୍କ ପବିତ୍ରତା ବିଷୟରେ ଉଲ୍ଲେଖ ଥିବାବେଳେ ତିନି ନଦୀର ସଙ୍ଗମ ସ୍ଥଳରେ ସ୍ନାନ କଲେ ପୁଣ୍ୟ ମିଳେ ବୋଲି ଉଲ୍ଲେଖ ଅଛି। ମହାଭାରତରେ ପ୍ରୟାଗରାଜକୁ ଆଧ୍ୟାତ୍ମିକ ସ୍ଥାନ ପାଇଁ ସବୁଠୁ ପବିତ୍ର ସ୍ଥଳ ଭାବେ ଦର୍ଶାଯାଇଛି। ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ତ୍ରିବେଣୀ ସଙ୍ଗମରେ ସ୍ନାନ କରିବାର ପରାମର୍ଶ ଦେଇଥିଲେ।

ପ୍ରସିଦ୍ଧ ଦାର୍ଶନିକ ତଥା ଆଧ୍ୟାତ୍ମିକ ଗୁରୁ ଆଦି ଶଙ୍କରାଚାର୍ଯ୍ୟ ଅଷ୍ଟମ ଶତାବ୍ଦୀରେ ହିନ୍ଦୁ ତୀର୍ଥ ଯାତ୍ରାର ପରମ୍ପରାକୁ ଔପଚାରିକ ରୂପରେ ପ୍ରତିଷ୍ଠା କରିଥିଲେ। ସେ ଏକ ପରମ୍ପରା ଆରମ୍ଭ କରିଥିଲେ ଯେଉଁଥିରେ ସାଧୁ ସଂପ୍ରଦାୟ କୁମ୍ଭ ମେଳାରେ ଏକତ୍ରିତ ହେଉଥିଲେ ଏବଂ ଆଧ୍ୟାତ୍ମିକ ଚର୍ଚ୍ଚା ତଥା ଧାର୍ମିକ କାର୍ଯ୍ୟ କରୁଥିଲେ। ପୁଣି ୧୪୪ ବର୍ଷରେ ଥରେ ସମ୍ପୂର୍ଣ୍ଣ ତିଥି ବାର ନକ୍ଷତ୍ରର ମିଳନ ହୁଏ। ଏହାକୁ ଅମୃତ ମହାକୁମ୍ଭ କୁହାଯାଏ। ଆସ୍ଥା ଓ ବିଶ୍ୱାସର ସଙ୍ଗମ କୁମ୍ଭ। ତୀର୍ଥରାଜ ପ୍ରୟାଗରୁ ଆରମ୍ଭ କରି ଆହ୍ଲାବାଦ ଏବଂ ବର୍ତ୍ତମାନର ପ୍ରୟାଗରାଜ ପର୍ଯ୍ୟନ୍ତ ମହାକୁମ୍ଭ ବିକାଶର ଗାଥା ଅସୀମ, ଅକଳ୍ପନୀୟ। ମହାକୁମ୍ଭ ମେଳା ଭାରତରେ ଏକ ଭବ୍ୟ ଧାର୍ମିକ ଆୟୋଜନ। ଏହି ଉତ୍ସବର ଐତିହାସିକ ଗୁରୁତ୍ୱ ଯେତିକି, ଆଧ୍ୟାତ୍ମିକ ମହତ୍ୱ ବି ସେତିକି। ଏହାର ମୌଳିକତା ପ୍ରାଚୀନ ଭାରତୀୟ ଗ୍ରନ୍ଥରେ ସମାହିତ। କୋଟି କୋଟି ଶ୍ରଦ୍ଧାଳୁଙ୍କ ସମର୍ପିତ ମନୋଭାବରେ ସଙ୍ଗମ ନଗରୀର ମହାକୁମ୍ଭ ଏବେ ବିଶ୍ୱର ସବୁଠୁ ବଡ଼ ଧାର୍ମିକ ମେଳା। ଏହି ଆସ୍ଥା, ଭକ୍ତି, ବିଶ୍ୱାସର କୁମ୍ଭ ହିଁ ସନାତନର ଅମୃତ ଧାରାକୁ ଚିରନ୍ତନ ଭାବେ ଉଜିବିତ ରଖି ଆସୁଥିବ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ

# ନିରବ ମହାମାରୀ ସାଜିଛି ସଡ଼କ ଦୁର୍ଘଟଣା



### ଡକ୍ଟର ତପନ କୁମାର ପାଳ

ସଡ଼କ ସୁରକ୍ଷା ପାଇଁ କଡ଼ା ନିୟମ ରହିଛି, ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର ହେଉଛି। ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ପ୍ରତି ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ପ୍ରତିବର୍ଷ ସଡ଼କ ସୁରକ୍ଷା ମାସ ପାଳନ ଜରିଆରେ ଲୋକଙ୍କୁ ସରକାର ସଚେତନ କରୁଛନ୍ତି। ଆଗକୁ ଆହୁରି ଦକ୍ଷ ଓ ଉନ୍ନତମାନର ଜ୍ଞାନକୌଶଳ ବ୍ୟବହାର କରିବା ପାଇଁ ସରକାର କାମ ଆରମ୍ଭ କଲେଣି। ଏତେ ସବୁ ବିଧି ବ୍ୟବସ୍ଥା ସତ୍ତ୍ୱେ କିନ୍ତୁ ସଡ଼କ ଦୁର୍ଘଟଣଣା ଏବଂ ତଦଜନିତ ମୃତ୍ୟୁ ନିରବ ମହାମାରୀ ଭଳି ମାଡ଼ି ଚାଲିଛି। ପ୍ରତିଦିନ ଦେଶରେ ସଡ଼କ ଦୁର୍ଘଟଣା ୪୦୦ ଜୀବନ ନେଉଥିବା ବେଳେ ଓଡ଼ିଶାରେ ପ୍ରାୟ ୧୫ ଜଣ ପ୍ରାଣ ହରାଉଛନ୍ତି। ଏଭଳି ଆକସ୍ମିକ ବିପତ୍ତି କେବଳ ନିର୍ଦ୍ଦିଷ୍ଟ ପରିବାରକୁ ତଳିତଳାନ୍ତ କରୁନାହିଁ ରାଜ୍ୟ ଓ ଦେଶର ଆର୍ଥିକ ପ୍ରଗତିରେ ମଧ ବାଧା ସୃଷ୍ଟି କରୁଛି। ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ପ୍ରତିବର୍ଷ ହାରାହାରି ୫ ହଜାରରୁ ଅଧିକ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଥିବା ବେଳେ ତିନି ଗୁଣାରୁ ଅଧିକ ଲୋକ ଗୁରୁତର ଆହତ ହେଉଛନ୍ତି। ଓଡ଼ିଶାରେ ସଡ଼କ ଦୁର୍ଘଟଣା ମୃତ୍ୟୁ ଜାତୀୟ ହାରଠାରୁ ବି ଅଧିକ ହୋଇଗଲାଣି। ୨୦୨୩ରେ ୫୭୩୯ ଜଣଙ୍କ ମୃତ୍ୟୁ ହୋଇଛି, ଯାହା କି ଏ ପର୍ଯ୍ୟନ୍ତ ସର୍ବାଧିକ ମୃତ୍ୟୁ। ୨୦୨୩ରେ ଗ୍ରାମାଞ୍ଚଳରେ ସଡ଼କ ଦୁର୍ଘଟଣା ହାର ୬୩.୧% ଥିବାବେଳେ ମୃତ୍ୟୁ ହାର୬୭.୭% ରହିଛି। ଏହି ସମୟରେ ସହରାଞ୍ଚଳରେ ଏହି ହାର ଯଥାକ୍ରମେ ୩୬.୯% ଓ ୩୨.୩% ରହିଥିଲା।

ପରିବହନ ବିଭାଗ ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ, ଓଡ଼ିଶାରେ ପ୍ରତିଦିନ ହାରାହାରି ୧୬ଟି ଗୁରୁତର ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ତାହାର ପ୍ରଭାବ ଢ଼େର ଅଧିକ ରହୁଛି। ଓଡ଼ିଶାରେ ପ୍ରତି ୧୦୦ଟି ଦୁର୍ଘଟଣାରେ ୪୭ ଜଣ ପ୍ରାଣ ହରାଉଥିବା ବେଳେ ଜାତୀୟ ସ୍ତରରେ ଏହି ହାର ୩୭% ରହିଛି। ଗତ ୧୦ ବର୍ଷ ମଧ୍ୟରେ ଜାତୀୟ ସ୍ତରରେ ପ୍ରାଣ ହରାଇଥିବା ଲୋକଙ୍କ ମଧ୍ୟରୁ ଓଡ଼ିଶାରୁ ୩.୨% ରହିଥିଲା। ୨୦୨୨ରେ ଓଡ଼ିଶାରେ ମୃତ୍ୟୁ ହାର ୪୬.୯% ଥିବାବେଳେ ଜାତୀୟ ସ୍ତରରେ ଏହି ହାର ୩୬.୫% ରହିଥିଲା। ୨୦୨୦ରେ ଓଡ଼ିଶାରେ ମୃତ୍ୟୁ ହାର ୪୮.୩% ଓ ଜାତୀୟ ସ୍ତରରେ ୩୬% ଥିଲା। ୨୦୨୧ ଯଥାକ୍ରମେ ୪୬.୩% ଓ ୩୭% ରହିଥିଲା। ୨୦୨୪ରେ ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁ ହାର ରିପୋର୍ଟ ସରକାରଙ୍କ ପକ୍ଷରୁ ଆସିନାହିଁ।

ସଡ଼କ ଦୁର୍ଘଟଣା ଯୋଗୁଁ ଦେଶରେ ବର୍ଷକୁ ୧ଲକ୍ଷ ୭୮ ହଜାର ଲୋକ ପ୍ରାଣ ହରାଉଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ଯୁବ ବର୍ଗ ଏବଂ ୬୦ ପ୍ରତିଶତଙ୍କ ବୟସ ୧୮ରୁ ୩୪ ମଧ୍ୟରେ। ସଡ଼କ ଦୁର୍ଘଟଣା ପାଇଁ ମଦ୍ୟପାନ, ଦ୍ରୁତଗତିରେ ଗାଡ଼ି ଚାଳନା ଏବଂ ଟ୍ରାଫିକ ନିୟମ ଉଲ୍ଲଂଘନ ଆଦିକୁ ମୁଖ୍ୟତଃ ଦାୟୀ କରାଯାଇଥାଏ। ଜାତୀୟ ରାଜପଥ କାମ ନିର୍ଦ୍ଧାରିତ ସମୟ ଭିତରେ ଶେଷ ନ ହେବା ଫଳରେ ଗାଡ଼ି ଚାଳକମାନେ ଏକ ନିରାପଦ ଏବଂ ପରିଚ୍ଛନ୍ନ ରାସ୍ତା ପାଇ ପାରୁନାହାନ୍ତି, ଏଥିପାଇଁ ମଧ ଦୁର୍ଘଟଣା ବଢ଼ୁଛି। ଗାଡ଼ି ମଟର ସଂଖ୍ୟାର ଲଗାମ ଛଡ଼ା ବୃଦ୍ଧି ମଧ ଦୁର୍ଘଟଣାର ଆଉ ଏକ କାରଣ। ଗାଡ଼ି ମଟର ସଂଖ୍ୟାକୁ ଚାହିଁ ରାସ୍ତାର ଓସାର ଯଥେଷ୍ଟ ହେଉନି। କିନ୍ତୁ ଏକଥା ମଧ ସତ ଯେ ରାସ୍ତାର ସଂପ୍ରସାରଣ ବାରମ୍ବାର କରିବା ସମ୍ଭବ ନୁହେଁ। ତେଣୁ ଆମକୁ ହିଁ ଏଥିପ୍ରତି ସଜାଗ ହେବାକୁ ପଡ଼ିବ। ଯେତେ କମ ଗାଡ଼ି ମଟର ବ୍ୟବହାର କରାଯାଇପାରିବ ତା ଉପରେ ଗୁରୁତ୍ୱ ଦେବାକୁ ହେବ। ଦୁର୍ଘଟଣାର ଆଉ ଏକ ମୁଖ୍ୟ କାରଣ ହେଉଛି ଦୁଶ୍ଚିନ୍ତା। ପ୍ରତିଟି କ୍ଷେତ୍ରରେ ମଣିଷର ଦୁଶ୍ଚିନ୍ତା ବଢ଼ିଛି। ପ୍ରତି ମୁହୂର୍ତ୍ତରେ ବିଫଳତାର ସାମ୍ନା କରିବାର ଆଶଙ୍କା ମଣିଷକୁ ଚିନ୍ତାଗ୍ରସ୍ତ କରୁଛି। ଆପଣ ଯେକୌଣସି ଦପ୍ତରକୁ ଯାଆନ୍ତୁ, ବିଶେଷକରି ସରକାରୀ ଦପ୍ତରକୁ ଯାଆନ୍ତୁ କୌଣସି କାମ ପାଇଁ ସେଠି ଯେ ଆପଣଙ୍କ କାମ ଗୋଟିଏ ଦିନରେ ହୋଇଯିବ ଏଭଳି ଆଶା ଆଜିର ଦିନରେ କରିହୁଏନି। (କ୍ରମଶଃ)




## କୁମ୍ଭମେଳା

### ଦୀନବଂଧୁ ବେଜ

କୁମ୍ଭ ମେଳା ପରା ଆମ ସଂସ୍କୃତିର
ଅଦ୍ୱିତୀୟ ଆୟୋଜନ,
ଏହା ହୋଇଥାଏ ହିନ୍ଦୁ ଆସ୍ଥା ପାଇଁ
ଚାରି ଭାଗରେ ଭାଜନ ।
ହରିଦ୍ୱାର, ପ୍ରୟାଗରାଜ, ଉଜ୍ଜୟିନୀ
ପବିତ୍ର ନାସିକ ଠାରେ,
ଫି ବାର ବର୍ଷରେ ଏହି ଆୟୋଜନ
ହୁଏ ମହା ଉଲ୍ଲାସରେ।
ହରିଦ୍ୱାର ଓ ପ୍ରୟାଗରାଜ ଠାରେ
ପ୍ରତି ଛଅ ବର୍ଷକ ମଧ୍ୟରେ,
ଅର୍ଦ୍ଧକୁମ୍ଭ ମେଳା ଆୟୋଜିତ ହୁଏ
ମହା ଆଡ଼ମ୍ବର ଭିତରେ ।
ବାର ବର୍ଷକରେ ପ୍ରୟାଗରାଜ ରେ
ପୂର୍ଣ୍ଣକୁମ୍ଭ ମେଳା ହୁଏ,
ଦିବ୍ୟ ଭବ୍ୟ ଭାବରେ ପାଳନ ହୁଏ
ଜଗତ ଚକିତ ହୁଏ ।
ବାର ପୂର୍ଣ୍ଣକୁମ୍ଭ ମେଳା ହେଲା ପରେ
ମହାକୁମ୍ଭ ମେଳା ହୁଏ ,
ଏକଶହ ଚଉରାଳି ବର୍ଷପରେ ଥରେ
ଏହି ଯୋଗ ହୋଇଥାଏ ।
ପ୍ରୟାଗରାଜର ଏହି ମହାକୁମ୍ଭ ମେଳା
ବିଶ୍ୱକୁ କରେ ଚକିତ,
ଆସ୍ଥାର ଦେବତା ବିଦ୍ୟାମାନ ଏଠି
ମନ ହୋଇଥାଏ ପ୍ରିତ ।
ଏହି ମେଳା ରଖେ ଧର୍ମ ର ମହତ୍ତ୍ୱ
କରେ ଆତ୍ମିକ ଉନ୍ନତି,
ସମର୍ପଣ ଆଉ ଏକତା ଭାବରେ
ହୁଏ ମେଳାର ପ୍ରସସ୍ତି ।

ପ୍ରତିଷ୍ଠାତା ସଂପାଦକ,
ଲକ୍ଷ୍ମଣ ନାୟକ ସାହିତ୍ୟ ସଂସଦ,
ମାଲକାନଗିରି, ଓଡ଼ିଶା
ମୋ: ୭୬୮୩୯୨୦୨୨୧

## ଅଭିନୟ

### ଶ୍ରୀମତୀ ବନଶ୍ରୀ ଦାଶ (ଆଚାର୍ଯ୍ୟା)

କି ଅଭିନୟ କରିବି ମଞ୍ଚରେ ମୁଁ ଯେ
ଥିବେ ସମସ୍ତେ ନିଜର ମୋର
କାହିଁକି ପାରିବିନି ଭାବୁଛି
ନିତିଦିନ ତ ଚାଲେ ମୋର ଅଭିନୟ
କେବେ ମାଡ଼ ଖାଇବାର, କାନ୍ଦିବା ହସିବାର
ପ୍ରେମ ପୁଣି ପ୍ରତାରଣାର ଅଭିନୟ
ଭାବେ ଖୁବ ଭାବେ ମୋର ଡାଇଲଗ ଗୁଡିକୁ
କେତେବେଳେ କଣ ଭୁଲରେ ପାଟିରୁ ବାହାରିନଯାଉ
କେହି ମୋ କଥାରେ ନ ହସନ୍ତୁ
ବିରକ୍ତ ନହୁଅନ୍ତୁ
ବ୍ୟସ୍ତଜୀବନର ନାଟକରେ ସମୟ ପାଏନି ଭାବିବାକୁ
ସମୟ ପାଏ ପରିବା କାଟିବା ବେଳେ
ସେପଟୁ ରଡିଟିଏ ଶୁଭେ
ଦେଖିକି କାଟେ ହାତ କଟିଯିବ
ବେଳେ ବେଳେ ଭାବେ ରୁଟି କରୁଥିବା ବେଳକୁ
ପୁଣି ରଡିଟିଏ ଆସେ ଦେଖିକି କରେ
ରୁଟି ସବୁ ପୋଡି ଯିବ
ଦିନେ ଅଧେ ନୁହଁ ପ୍ରତିଦିନର ଅଭିନୟ
ଲମ୍ବା ସମୟର ଅଭିନୟ
ହାଲିଆ ହୋଇସାରିଛି
କପେ ଚା ଓ ପୁଣି ଭାବନା
ପୁଣି ସେପଟୁ ରଡିଟିଏ ଆସିଲା
ମାଆ ବାସନ କାଢିଦିଅ ରୋଷେଇଘରୁ
ଆଜି ମଞ୍ଚରେ ଅଭିନୟ ମୋର
କହି କହି ହସି ହସି ଢଳିପଡିବି
ତାପରେ ସମସ୍ତେ କାନ୍ଦିବେ
ନିରବରେ ଶୋଇପଡ଼ିବି
ଯେବେ ସତରେ ମରିଯିବି ସମସ୍ତେ ରୁଣ୍ଡ ହେବେ
କାନ୍ଦିବେ ଆତ୍ମୀୟ ବାହୁନି ବାହୁନି
ଭଲ ମନ୍ଦ ର ବିଚାର ହେବ ମୋ ମରଣ ଦିନ
ମଶାଣି ପର୍ଯ୍ୟନ୍ତ ଯିବେ ମୋ ସହ
ମୋତେ ଭଲ ପାଉଥିବା ମଣିଷ
ହଁ ରିଟର୍ନ ଟିକଟ ତ ହୋଇସାରିଛି ସମସ୍ତଙ୍କ ପାଇଁ
ଯିବା ଏତେ ଭାବିବାର କଣ ଅଛିଯେ
ଥାଉ ଏତିକି ବାକି ଅଭିନୟ ଗୁଡିକ ଜୀବନ୍ତ
ସାରିଦିଏ ।

ବେତାରଉଦଘୋଷିକା
ଭବାନୀପାଟଣା, କଳାହାଣ୍ଡି
ମୋ: ୭୯୭୮୯୪୯୫୮୫





# ଗୋଟିଏ ହାତରେ ଡ଼ମ୍ବରୁ ଆର ହାତରେ ତ୍ରୀଶୂଳ: ମହାଦେବ ଲୁକରେ ନଜର ଆସିଲେ ଅଭିନେତା ଅକ୍ଷୟ କୁମାର




ବଲିଉଡର ଖିଲାଡି କୁମାର୍ କୁହାଯାଉଥିବା ଅଭିନେତା ଅକ୍ଷୟ କୁମାର ନିଜ ଫିଲ୍ମ 'ସ୍କାଇ ଫୋର୍ସ' କୁ ନେଇ ଚର୍ଚ୍ଚାରେ ରହିଛନ୍ତି । ତାଙ୍କ ଅଭିନିତ ଏହି ଫିଲ୍ମ ଜାନୁଆରୀ ୨୪ ତାରିଖରେ ପ୍ରେକ୍ଷାଳୟକୁ ଆସିବାକୁ ଯାଉଛି । ଦର୍ଶକ ମଧ୍ୟ ଅକ୍ଷୟଙ୍କ ଫିଲ୍ମ ଦେଖିବା ପାଇଁ ଚାତକ ପରି ଚାହିଁବସିଛନ୍ତି । ଏହାରି ଭିତରେ ଅକ୍ଷୟ ନିଜର ବହୁପ୍ରତିକ୍ଷୀତ ସିନେମା 'କନ୍ନପା' ର ଫାଷ୍ଟ ପୋଷ୍ଟର୍ ସୋସିଆଲ୍ ମିଡ଼ିଆରେ ପୋଷ୍ଟ କରିଛନ୍ତି । ଏହି ପୋଷ୍ଟର୍ ଦେଖିବା ପରେ ଫ୍ୟାନ୍ସଙ୍କ ଅପେକ୍ଷାର ଧର୍ଯ୍ୟ ଭାଙ୍ଗିପଡ଼ିଛି କହିଲେ କିଛି ଭୁଲ୍ ହେବନାହିଁ । ଏହି ପୋଷ୍ଟରରେ ଅଭିନେତା ଭଗବାନ ଶିବଙ୍କ ଅବତାରରେ ନଜର ଆସୁଛନ୍ତି । ତାଙ୍କର ଗୋଟିଏ ହାତରେ ଡ଼ମ୍ବରୁ ଏବଂ ଆର ହାତରେ ତ୍ରୀଶୂଳ ଦେଖିବାକୁ ମିଳୁଛି । ନୀଳକଣ୍ଠ ସାଙ୍ଗକୁ ବେକରେ ରୁଦ୍ରାକ୍ଷ । ଆଃ ସ୍ୱୟଂ ଶିବଙ୍କ ଅବିକଳ ପରି ଦିଶୁଛନ୍ତି ଅଭିନେତା । ଅକ୍ଷୟ କୁମାର ପୋଷ୍ଟର୍ ପୋଷ୍ଟ କରିବା ପରେ କ୍ୟାପ୍ସନରେ ଲେଖିଛନ୍ତି , ଭଗବାନ ଶିବ ଆମକୁ ଏ ଦିବ୍ୟ ଯାତ୍ରାରେ ମାର୍ଗଦର୍ଶନ କରିବାର ସତସାହସ ଦିଅନ୍ତୁ । ଓଁ ନମଃ ଶିବାୟ .. ଅଭିନେତାଙ୍କ ପୋଷ୍ଟ ପରେ ଫ୍ୟାନ୍ସ କମେଣ୍ଟରେ ବାଃ ବାଃର ଯେମିତି ବର୍ଷା କରିଛନ୍ତି । କିଏ ଲେଖୁଛନ୍ତି , ଅସଲି ହିରୋ ଅକ୍ଷୟ କୁମାର ତ ଆଉ କିଏ ଲେଖୁଛନ୍ତି , ମହାଦେବଙ୍କ ଭକ୍ତିରେ ବୁଡ଼ିବ ଏ ସଂସାର , ସମସ୍ତଙ୍କ ଆଶା ହେବ ସାକାର .. ହର ହର ମହାଦେବ । 'କନ୍ନପା' ସିନେମାର ନିର୍ଦ୍ଦେଶନା ମୁକେଶ୍ କୁମାର ସିଂ କରୁଥିବା ବେଳେ ଏହା ଏକ ତେଲୁଗୁ ଭାଷାର ପୌରାଣିକ କଥା । ମହାଦେବଙ୍କ ଭକ୍ତ କନ୍ନପାଙ୍କୁ ନେଇ ସିନେମାର କାହାଣୀ ଗତିଶୀଳ । ସିନେମାରେ ବିଷ୍ଣୁ ମଞ୍ଚୁ , ମୋହନଲାଲ୍ , କାଜଲ୍ ଅଗ୍ରୱାଲ୍ , ମୋହଲ୍ ବାବୁ ଏବଂ ପ୍ରଭାସ ଭଳି ଷ୍ଟାରକାଷ୍ଟ ନଜର ଆସିବେ । ଚଳିତବର୍ଷର ଶେଷଆଡକୁ ସିନେମା ରିଲିଜ୍ ହେଉଥିବା ନେଇ ଖବର ଆସୁଛି ।



# ଲାଇଭ୍ କନସର୍ଟ ସମୟରେ ଅଣନିଃଶ୍ୱାସୀ ହୋଇପଡ଼ିବାରୁ ଡାକ୍ତରଖାନାରେ ଭର୍ତ୍ତି ହେଲେ ମୋନାଲି

ଲାଇଭ୍ କନସର୍ଟ ସମୟରେ ଅଣନିଶ୍ୱାସୀ ହୋଇପଡ଼ିବାରୁ ଡାକ୍ତରଖାନାରେ ଭର୍ତ୍ତି ହେଲେ କଣ୍ଠଶିଳ୍ପୀ ମୋନାଲି ଠାକୁର। ସେ ବର୍ତ୍ତମାନ ପଶ୍ଚିମବଙ୍ଗର କୁଚବେହାରରେ ଥିବା ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନା ମୁତାବକ, ଜାନୁଆରି ୨୧ ତାରିଖ ସନ୍ଧ୍ୟାରେ କୁଚବେହାରସ୍ଥିତ ଦିନହାଟା ମହୋତ୍ସବରେ ମୋନାଲି ଠାକୁର ସଙ୍ଗୀତ ପରିବେଶଣ କରିଥିଲେ। ଫେସବୁକରେ ଭାଇରାଲ ହୋଇଥିବା ଏକ ଭିଡିଓରେ ଦେଖାଯାଇଛି ଯେ, ଗାୟିକା ସଙ୍ଗୀତ ପରିବେଶଣ କରୁଥିବା ବେଳେ ହଠାତ୍ ଅଟକି ଯାଉଛନ୍ତି। ଅସୁସ୍ଥ ଅନୁଭବ କରୁଛି, ଆଗକୁ ଗୀତ ଗାଇପାରିବି ନାହିଁ ବୋଲି କହି ସେ ଆସିଥିବା ଶ୍ରୋତାଙ୍କୁ କ୍ଷମା ପ୍ରାର୍ଥନା କରୁଛନ୍ତି। ଏହା ପରେ ତାଙ୍କୁ ଡାକ୍ତରଖାନା ନିଆଯାଉଛି।

କୁହାଯାଉଛି ଯେ, ମୋନାଲିଙ୍କୁ ପ୍ରଥମେ ଦିନହାଟା ଉପ-ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ତା'ପରେ, ଗାୟିକାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଆଉ ଏକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏବେ ସେଠାରେ ତାଙ୍କର ଚିକିତ୍ସା ଚାଲିଛି। କିଛି ସପ୍ତାହ ପୂର୍ବେ ମଧ ମୋନାଲି ଠାକୁର ଚର୍ଚ୍ଚାରେ ଥିଲେ। ଉପଯୁକ୍ତ ମଞ୍ଚ ବ୍ୟବସ୍ଥାର ଅଭାବ ଏବଂ ପରିଚାଳନାଗତ ତ୍ରୁଟି ଦର୍ଶାଇ ଗାୟିକା ହଠାତ୍ ବାରାଣସୀରେ ତାଙ୍କର କନସର୍ଟ ବନ୍ଦ କରିଦେଇଥିଲେ।

# ଛାଡ଼ପତ୍ର ଚର୍ଚ୍ଚା ମଧ୍ୟରେ ପ୍ରକୃତ ଭଲପାଇବାକୁ ନେଇ ଏଭଳି ପୋଷ୍ଟ କଲେ ଚହଲ

ଅଭିନେତ୍ରୀ ତଥା କୋରିଓଗ୍ରାଫର ଧନଶ୍ରୀ ବର୍ମା ଏବଂ ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ପରସ୍ପରଠାରୁ ଅଲଗା ହେବେ ବୋଲି କିଛି ବର୍ଷ ହେଲାଣି ଚର୍ଚ୍ଚା ହେଉଛି। ଧନଶ୍ରୀ ଓ ଯୁଜି ଇନଷ୍ଟାରେ ପରସ୍ପରକୁ ଅନଫଲୋ କରିବା ସହ ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର, ଧନଶ୍ରୀଙ୍କ ସହିତ ସମସ୍ତ ଫଟୋ ମଧ୍ୟ ଡିଲିଟ୍ କରିଦେଇଛନ୍ତି। ଅନ୍ୟପକ୍ଷରେ ଧନଶ୍ରୀ, ଯୁଜବେନ୍ଦ୍ରଙ୍କୁ ଅନଫଲୋ କରିଛନ୍ତି କିନ୍ତୁ ତାଙ୍କ ସହିତ କୌଣସି ଫଟୋ ଡିଲିଟ୍ କରିନାହାଁନ୍ତି। ଏସବୁ ମଧ୍ୟରେ ଏବେ ଯୁଜି ଇନଷ୍ଟାଗ୍ରାମରେ କରିଥିବା ପୋଷ୍ଟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଇନଷ୍ଟାରେ ଚହଲ ନିଜର କିଛି ଫଟୋ ପୋଷ୍ଟ କରି କ୍ୟାପସନରେ ଲେଖିଛନ୍ତି, 'ପ୍ରକୃତ ଭଲପାଇବା ବିରଳ। ହାଏ...ମୁଁ ହେଉଛି ବିରଳ।' ତାଙ୍କର ଏଭଳି ପୋଷ୍ଟକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି। ୨୦୨୨ରେ ଧନଶ୍ରୀ ନିଜ ନାମରୁ ଚହଲ ଉପନାମ ହଟାଇବା ପରେ ଦୁହିଁଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା ନେଇ ଚର୍ଚ୍ଚା ହୋଇଥିଲା। ଯଦି ଆମେ ଚହଲଙ୍କ ମୋଟ ସମ୍ପତ୍ତି ଦେଖିବା ତେବେ ସେ ମୋଟ ୪୫କୋଟି ଟଙ୍କାର ମାଲିକ ଅଟନ୍ତି। ଆଇପିଏଲ ରୋଜଗାର, ସରକାରୀ ଚାକିରି ଏବଂ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟରୁ ସେ ଟଙ୍କା ଆୟ କରନ୍ତି। ଆଇପିଏଲ ୨୦୨୫ ପାଇଁ ପଞ୍ଜାବ କିଙ୍ଗ୍ସ ତାଙ୍କୁ ୧୮କୋଟିରେ କିଣିଛି। ତାଙ୍କ ଆଇପିଏଲ କ୍ୟାରିୟର ଦେଖିଲେ ୨୦୨୨ ପର୍ଯ୍ୟନ୍ତ ସେ ୧୨ଟି ସିଜିନରେ ଖେଳି ୩୧.୨ କୋଟି ରୋଜଗାର କରିଥିଲେ। ଅନ୍ୟପକ୍ଷରେ ୨୦୧୮ରୁ ସେ ଆୟକର ଅଧିକାରୀ ଭାବରେ କାମ କରୁଛନ୍ତି। ଏଥିପାଇଁ ଚହଲଙ୍କୁ ମାସକୁ ୪୪,୯୦୦ରୁ ୧,୪୨,୪୦୦ଟଙ୍କା ପ୍ରଦାନ କରାଯାଉଛି।

# ସୈଫଙ୍କ ସହିତ ବିତାଇଥିବା ସେହି ୫ମିନିଟ ଥିଲା ଏପରି



ବଲିଉଡ ଅଭିନେତା ସୈଫ ଅଲୀ ଖାନଙ୍କୁ ଛୁରାମାଡ଼ ହେବାପରେ ଗୁରୁତର ଅବସ୍ଥାରେ ତାଙ୍କୁ ଜଣେ ଅଟୋ ଚାଳକ ଠିକ ସମୟରେ ନେଇ ହସ୍ପିଟାଲରେ ପହଞ୍ଚାଇଥିଲେ। ମୁମ୍ବାଇସ୍ଥିତ ଲୀଳାବତୀ ହସ୍ପିଟାଲରେ ସୈଫଙ୍କ ଅସ୍ତ୍ରୋପଚାର ପରେ ତାଙ୍କୁ ଘରକୁ ଛୁଟି ମିଳିଯାଇଛି। ଗତ ମଙ୍ଗଳବାର ଦିନ ଅଭିନେତାଙ୍କୁ ଲୀଳାବତୀ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ଏହା ପୂର୍ବରୁ ସେ ପାଞ୍ଚ ମିନିଟ୍ ପାଇଁ ଛୁରାମାଡ଼ ପରେ ହସ୍ପିଟାଲ ନେବାରେ ସାହାଯ୍ୟ କରିଥିବା ଅଟୋ ଚାଳକ ଭଜନ ସିଂହ ରାଣାଙ୍କୁ ଭେଟିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଭଜନ ହସ୍ପିଟାଲରେ ପହଞ୍ଚିବା ପରେ ସୈଫ୍ ତାଙ୍କୁ ଆଲିଙ୍ଗନ କରି ତାଙ୍କର ଭଲ କାମ ପାଇଁ ଧନ୍ୟବାଦ ଜଣାଇଥିଲେ। ସୈଫଙ୍କ ସହିତ ସାକ୍ଷାତକାରର ସେହି ୫ମିନିଟକୁ ମନେ ପକାଇ ଅଟୋ ଚାଳକ ଭଜନ ସିଂହ ରାଣା କହିଛନ୍ତି, 'ସୈଫ ମୋତେ ଭେଟିବା ପରେ ଧନ୍ୟବାଦ ଜଣାଇଥିଲେ। ଏଥିସହିତ ସେ ତାଙ୍କ ପୁରା ପରିବାର ସହିତ ମୋର ଭେଟ କରାଇଥିଲ। ଏହି ସମୟରେ ମୁଁ ମା' ଶର୍ମିଳାଙ୍କ ପାଦ ସ୍ପର୍ଶ କରିଥିଲି। ସୈଫ ମୋ ଅଟୋରେ ବସିବା ପରେ ମୁଁ ମାତ୍ର ୮ମିନିଟ ଭିତରେ ହସ୍ପିଟାଲ ପହଞ୍ଚାଇ ଥିବାରୁ ଶର୍ମିଳା ମୋତେ ଧନ୍ୟବାଦ ଜଣାଇଥିଲେ।'

# ବଲିଉଡର ଏହି ତିନି କଳାକାରଙ୍କୁ ପାକିସ୍ତାନରୁ ଆସିଲା ଧମକପୂର୍ଣ୍ଣ ଇମେଲ







ମୁମ୍ବାଇର ତିନି ଜଣ ବଡ଼ କଳାକାରଙ୍କୁ ପାକିସ୍ତାନରୁ ଧମକପୂର୍ଣ୍ଣ ମେଲ୍ ମିଳିଛି। ସୂତ୍ର ଅନୁସାରେ ରାଜପାଲ ଯାଦବ, ରେମୋ ଡିସୁଜା ଏବଂ ସୁଗନ୍ଧା ମିଶ୍ର ଏହି ଧମକ ପାଇଛନ୍ତି। ଏ ସମ୍ପର୍କରେ, ରାଜପାଲ ଯାଦବଙ୍କ ଅଭିଯୋଗ କ୍ରମେ ମୁମ୍ବାଇ ପୁଲିସ ଏକ ଏଫଆଇଆର ରୁଜୁ କରିଛି। ଟିଭି ଅଭିନେତ୍ରୀ ସୁଗନ୍ଧା ମିଶ୍ର ଏବଂ କୋରିଓଗ୍ରାଫର ରେମୋଙ୍କଠାରୁ ମଧ ପୁଲିସ ଅଭିଯୋଗ ପାଇଛି। ସୂତ୍ରଗୁଡ଼ିକ ଦାବି କରିଛନ୍ତି ଯେ ଇମେଲ୍ ପଠାଇଥିବା ବ୍ୟକ୍ତି ଇମେଲ୍ ଶେଷରେ 'ବିଷ୍ଣୁ' ଲେଖିଛନ୍ତି। ଦାବି କରାଯାଉଛି ଯେ ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ ଇମେଲ୍ ପଠାଇଥିବା ବ୍ୟକ୍ତି ପାକିସ୍ତାନରୁ ଏହା କରିଥିଲେ। ଏହି ମାମଲାରେ ଅଧିକ ତଦନ୍ତ ଚାଲିଛି। ପାକିସ୍ତାନରୁ ମିଳିଥିବା ଏହି ଇମେଲ୍‌ରେ ରାଜପାଲ ଯାଦବ, ରେମୋ ଡିସୁଜା ଏବଂ ସୁଗନ୍ଧା ମିଶ୍ରଙ୍କ କାର୍ଯ୍ୟକଳାପ ଉପରେ ନଜର ରଖାଯାଇଥିବାର ଦାବି କରାଯାଇଛି। ମେଲରେ ଲେଖାଯାଇଛି- 'ଆମେ ତୁମର ସାମ୍ପ୍ରତିକ କାର୍ଯ୍ୟକଳାପ ଉପରେ ନଜର ରଖୁଛୁ।' ଆମେ ବିଶ୍ୱାସ କରୁ ଯେ ଏକ ସମ୍ବେଦନଶୀଳ ବିଷୟକୁ ଆପଣଙ୍କ ଦୃଷ୍ଟିକୁ ଆଣିବା ଗୁରୁତ୍ୱପୂର୍ଣ୍ଣ। ଏହା କୌଣସି ସାର୍ବଜନୀନ ଷ୍ଟଣ୍ଟ ନୁହେଁ କିମ୍ବା ଆପଣଙ୍କୁ ହଇରାଣ କରିବାର ପ୍ରୟାସ ନୁହେଁ। ଆମେ ଆପଣଙ୍କୁ ଅନୁରୋଧ କରୁଛୁ ଯେ ଆପଣ ଏହି ବାର୍ତ୍ତାକୁ ବହୁତ ଗମ୍ଭୀରତାର ସହ ନିଅନ୍ତୁ ଏବଂ ଗୋପନୀୟତା ବଜାୟ ରଖନ୍ତୁ।' ମେଲରେ ଆହୁରି ଲେଖାଯାଇଛି ଯେ ଯଦି ମେଲରଙ୍କ ଦାବିକୁ ଗ୍ରହଣ କରାନଯାଏ, ତେବେ ରାଜପାଲ ଯାଦବ, ସୁଗନ୍ଧା ମିଶ୍ର ଏବଂ ରେମୋ ଡିସୁଜାଙ୍କୁ ବିପଦପୂର୍ଣ୍ଣ ପରିଣାମ ଭୋଗ କରିବାକୁ ପଡିବ। ମେଲର୍ ମଧ ୮ ଘଣ୍ଟା ମଧ୍ୟରେ ତାରକାମାନଙ୍କଠାରୁ ଉତ୍ତର ମାଗିଛନ୍ତି। ମେଲରେ ଲେଖାଯାଇଛି- 'ଏହା କରିବାରେ ବିଫଳ ହେଲେ ବିପଜ୍ଜନକ ପରିଣାମ ହୋଇପାରେ ଯାହା ଆପଣଙ୍କ ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିପାରେ।' ଆମେ ଆଗାମୀ ୮ ଘଣ୍ଟା ମଧ୍ୟରେ ଆପଣଙ୍କଠାରୁ ଏକ ତୁରନ୍ତ ପ୍ରତିକ୍ରିୟା ଆଶା କରୁଛୁ। ଯଦି ଆମେ ଉତ୍ତର ନପାଇଲୁ, ତେବେ ଆମେ ଧରିନେବୁ ଯେ ଆପଣ ଏହି ବିଷୟକୁ ଗମ୍ଭୀରତାର ସହ ନେଉନାହାଁନ୍ତି ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ବିଷ୍ଣୁ ।

# ଓଡିଶୀ ନୃତ୍ୟ ହିଁ ମୋର ପସନ୍ଦ : ଇନ୍ଦୁ ବନ୍ଦନା ସ୍ୱାଇଁ

ଓଡ଼ିଶାର କଳା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉପଯୁକ୍ତ କର୍ତ୍ତବ୍ୟ କରି ଆଗେଇ ଚାଲିଛନ୍ତି ଇନ୍ଦୁ ବନ୍ଦନା ସ୍ୱାଇଁ । ବାଲେଶ୍ୱର ଜିଲ୍ଲାର ମର୍କୋଣା ନିକଟସ୍ଥ ନୂଆପଲ୍ଲୀ ଗ୍ରାମରେ ୧୯୮୨ ମସିହାରେ ଶ୍ରୀମତୀ ସ୍ୱାଇଁ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତା ସୁରେନ୍ଦ୍ର କୁମାର ସ୍ୱାଇଁ ଓ ମାତା ବାସନ୍ତୀ ଲତା ସ୍ୱାଇଁ। ତାଙ୍କର ସ୍ୱାମୀ ରାଜେନ୍ଦ୍ର କୁମାର ନାୟକ ଓ ଦୁଇଟି କନ୍ୟା ବିଜୟା ନାୟକ ଓ ବିନୟା ନାୟକ। ଇନ୍ଦୁବନ୍ଦନା ମାର୍କୋ ଣା ଉଚ୍ଚ ବାଳିକା ବିଦ୍ୟାଳୟ ରେ ପାଠ ପଢା ଶେଷ କରି ଛନ୍ତି ଓ ଯଦୁନାଥ ମହାବିଦ୍ୟାଳୟ ରସାଳପୁର ରୁ ଗ୍ରାଜୁଏସନ୍ କରିଚନ୍ତି। ଫକିର ମୋହନ କଲେଜ ବାଲେଶ୍ୱର ରୁ ଓଡିଆ ଏମ ଏ ପାସ୍ କରିଛନ୍ତି ଶ୍ରୀମତୀ ସ୍ୱାଇଁ। ସେ ଷଷ୍ଠ ଶ୍ରେଣୀ ରେ ପଢୁଥିବା ବେଳେ ତାଙ୍କର ସାହିତ୍ୟ ପ୍ରତି ରୁଚି ଓ ଆଗ୍ରହ ପ୍ରକାଶ ପାଇଥିଲା। ବର୍ତ୍ତମାନ ଇନ୍ଦୁ ବନ୍ଦନା ସିଲ ଭାଷା କେନ୍ଦ୍ର ଶାସିତ ଅଞ୍ଚଳ ରେ ରହୁଛନ୍ତି ପରିବାର ସହିତ। ସେଠାରେ ସେ ପ୍ରତିଷ୍ଠା କରିଛନ୍ତି ପ୍ରି ଇଂରାଜୀ ମିଡ଼ିଅମ୍ ସ୍କୁଲ। ଅନେକ ଛାତ୍ର ଛାତ୍ରୀ ମାନଙ୍କୁ ସେ ପାଠ ପଢ଼ାଉଛନ୍ତି। ଶ୍ରୀମତୀ ସ୍ୱାଇଁ ଙ୍କୁ ସାହିତ୍ୟ ରଚନା କରିବା କ୍ଷେତ୍ରରେ ପ୍ରେରଣା ଦେଇଛନ୍ତି ଓ ସହଯୋଗ କରିଛନ୍ତି ବିଶିଷ୍ଟ କବି ଓ ସାମ୍ବାଦିକ ଭରତ ଚନ୍ଦ୍ର ଦାଶ , ସାହିତ୍ୟିକ ପୂର୍ଣ୍ଣ ଚନ୍ଦ୍ର ମହାଳିକ, ସାବିତ୍ରୀ କବି, ଅରବିନ୍ଦ ରାଉତ, କବି ସୂର୍ଯ୍ୟମଣି ବୋଇତି, ରାଜେନ୍ଦ୍ର କୁମାର ନାୟକ ଓ ଅନ୍ୟାନ୍ୟ ଭାଇ ଭଉଣୀ। ଶ୍ରୀମତୀ ସ୍ୱାଇଁ ଙ୍କର ଏକ ପୁସ୍ତକ ପ୍ରକାଶ ପାଇଛି ତୁମ ପାର୍ଥିବ ପ୍ରେମ। ଶ୍ରୀମତୀ ସ୍ୱାଇଁ ସୁନ୍ଦର ଚିତ୍ର ଆଙ୍କନ୍ତି ଓ ସୁନ୍ଦର ଗୀତ ଗାଆନ୍ତି। ତାଙ୍କର ଭବିଷ୍ୟତ ଲକ୍ଷ୍ୟ ଶହେ ଖଣ୍ଡ ବହି ସେ ଜୀବନରେ ପ୍ରକାଶ କରିବେ। ସାହିତ୍ୟ ସଭା ରେ ଅଂଶ ଗ୍ରହଣ କରିବା ସହିତ କବିତା ପଢ଼ିବା ଓ ଭ୍ରମଣ କରିବାରେ ତାଙ୍କର ରୁଚି ରହିଛି। ସେ ଅତୀତରେ ମାଆ ଭୂମିକାରେ ନାଟକରେ ଅଭିନୟ କରିଛନ୍ତି। ତାଙ୍କର ପ୍ରିୟ ଭାରତୀୟ ମହାତ୍ମା ଗାନ୍ଧୀ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ଫକୀର ମୋହନ ସେନାପତି। ପ୍ରିୟ ଲେଖକ ଓ ସାହିତ୍ୟିକ ପ୍ରତିଭା ରାୟ ଓ ଚିତ୍ତ ରଞ୍ଜନ ଦାସ। ଇନ୍ଦୁ ବନ୍ଦନା ଙ୍କ ଦୁଃଖ ହେଉଛି ତାଙ୍କର ପ୍ରଥମ ବହି ପ୍ରକାଶ ପାଇବା ସମୟରେ ତାଙ୍କର ବାପା ନ ଥିଲେ। ଓଡ଼ିଶୀ ନୃତ୍ୟ ସମ୍ପର୍କରେ ସେ କୁହନ୍ତି ଯେତେ ନୃତ୍ୟ ଅଛି ସେଥିରୁ ଓଡ଼ିଶୀ ନୃତ୍ୟ ହିଁ ମୋର ପ୍ରଥମ ପସନ୍ଦ। ଖୁବ୍ ହସ ହସ ମୁହଁ ଓ ମିଠା ମିଠା କଥା ରେ ସେ ସମସ୍ତ ଙ୍କୁ ଆପଣାର କରି ନିଅନ୍ତି। ଭାରତୀୟ ନାରୀର ଆଦର୍ଶ କୁ ଶ୍ରୀମତୀ ସ୍ୱାଇଁ ସର୍ବଦା ବୁଝନ୍ତି ଓ ଆଲୋଚନା କରନ୍ତି। ଇଶ୍ୱର ଙ୍କ କୃପାରୁ ଇନ୍ଦୁ ବନ୍ଦନା ଙ୍କ ଭବିଷ୍ୟତର ଚଲାପଥ ରେ ପୁଷ୍ପ ବୃଷ୍ଟି ହେଉ। ଏହା ହିଁ ଆମର କାମନା।



ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

# ଚଳଚ୍ଚିତ୍ର 'ଆଶିକ ଦିୱାନା'ର ଶୁଭ ମହୁରତ




ଭୁବନେଶ୍ୱର, ୨୩/୧ (ନି.ପ୍ର): ମହାଦେବ ପ୍ରଡକ୍ସନ ନିବେଦିତ ତଥା ପ୍ରମୋଦ କୁମାର ସ୍ୱାଇଁଙ୍କ ପ୍ରଯୋଜିତ ନୂଆ ଓଡ଼ିଆ କଥାଚିତ୍ର 'ଆଶିକ ଦିୱାନା' ର ଶୁଭ ମହୁରତ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ଗଟେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ମହୁରତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବରିଷ୍ଠ ପ୍ରଯୋଜକ ଅକ୍ଷୟ କୁମାର ପରିଜା ମହୁରତ କ୍ଲାପ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରମୋଦ ଅର୍କିଡ଼ ରିଟ୍ରିଟର ନିର୍ଦ୍ଦେଶକ ବନ୍ଦନ ମହାନ୍ତି, ପ୍ରଯୋଜକ ସଚ୍ଚିକାନ୍ତ ଜେନା, ପ୍ରକାଶ ଫିଲ୍ମସର ନିର୍ଦ୍ଦେଶକ ପ୍ରଶାନ୍ତ ବେହେରା, ଅଭିନେତା ପପୁ ପମ ପମ,ଆମ ଟିଭି ନିର୍ଦ୍ଦେଶକ ପ୍ରଣୟ ଜେଠୀ, ପ୍ରଯୋଜକ ଅମୂଲ୍ୟ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। 'ତୁ ମୋ ଆଖିର ତାରା', 'ଦେ ମା ଶକ୍ତି ଦେ ', 'ତୁ ମୋ ଗାର୍ଲଫ୍ରେଣ୍ଡ', 'ଦିୱାନା ଦିୱାନୀ' ଓ 'ଆଶିକ' ପରି ଛଟି ସଫଳ ଚଳଚ୍ଚିତ୍ର ଭେଟି ଦେଇଥିବା ନିର୍ମାତା ପ୍ରମୋଦ କୁମାର ସ୍ୱାଇଁ ଦୀର୍ଘ ବର୍ଷ ପରେ ପୁଣି ଥରେ ପ୍ରଯୋଜନା କ୍ଷେତ୍ରକୁ ଫେରିଛନ୍ତି। ତାଙ୍କ ସହିତ ଅନ୍ୟତମ ପ୍ରଯୋଜକ ଅଛନ୍ତି ସଂଜୀବ ବିଶ୍ୱାଳ। ଏଥର ନିର୍ଦ୍ଦେଶନାର ଭାର ତୁଲାଉଛନ୍ତି ଓଲିଉଡ଼ର ଅନ୍ୟତମ ସଫଳ ନିର୍ଦ୍ଦେଶକ ଏସ. ଦିଲୀପ ପଣ୍ଡା। ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ସଙ୍ଗୀତ ଦେଇଛନ୍ତି ଜେ. ଏନ ପଦ୍ମ। ଅନେକ ଗୁଡିଏ ସଫଳ ଆଲବମର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ପଦ୍ମ ପ୍ରଥମ ଥର ପାଇଁ ଚଳଚ୍ଚିତ୍ର ଜଗତରେ ପାଦ ରଖିଛନ୍ତି । ଗୀତରଚନା କରିଛନ୍ତି ଡ. ନିର୍ମଳ ନାୟକ, ଅରୁଣ ମନ୍ତ୍ରୀ ଓ ମନୋଜ କୁମାର ପଣ୍ଡା। ଗୀତ ଗୁଡିକରେ ଓଲିଉଡ଼ର ସମସ୍ତ ଆଗଧାଡିର କଣ୍ଠଶିଳ୍ପୀମାନେ କଣ୍ଠଦାନ କରିଛନ୍ତି। ସେମାନେ ହେଲେ ହ୍ୟୁମାନ ସାଗର, ଅସୀମା ପଣ୍ଡା, ଦିପ୍ତୀରେଖା ପାଢ଼ୀ, କୁଳଦୀପ, ସତ୍ୟଜିତ, ସ୍ୱୟଂ ପାଢ଼ୀ, ଆନ୍ତରା ଚକ୍ରବର୍ତ୍ତୀ ଓ ଅନନ୍ୟା ଶ୍ରୀତମ ନନ୍ଦ। 'ଆଶିକ ଦିୱାନା' ର ମୁଖ୍ୟ ଭୂମିକାରେ ଦୀପକ ଓ ରିୟା ନଜର ଆସିବେ। ଅନ୍ୟାନ୍ୟ ଚରିତ୍ରରେ ପ୍ରିୟଙ୍କା ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ, ବବି ମିଶ୍ର, ଜୀବନ ପଣ୍ଡା, ଅମର ମହାପାତ୍ର, ଇଲିଆନା ପଣ୍ଡା ଓ ଡିସ୍କୋ ରେଡ୍ଡୀ ପ୍ରମୁଖ ଙ୍କୁ ଦେଖିବାକୁ ମିଳିବ। କ୍ରିଏଟିଭ ପ୍ରଡକ୍ସନ ଡିଜାଇନର ଦାୟିତ୍ୱ ସମ୍ଭାଳିବେ ଅମର ମହାପାତ୍ର। ପ୍ରଚାର ପ୍ରସାର ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି ହରପ୍ରସାଦ ମହାପାତ୍ର । ଶୀର୍ଷକରୁ ଏହା ସ୍ପଷ୍ଟ ଜଣା ପଡୁଛି ଯେ ଚଳଚ୍ଚିତ୍ରର କାହାଣୀ ପ୍ରେମ ଉପରେ ପର୍ଯ୍ୟାବସିତ। ତା ସହିତ ଏଥିରେ ଆକ୍ସନ, ଇମୋସନ, ଫାମିଲି ଡ୍ରାମା, କମେଡି, ସବୁକିଛି ଭରି ରହିଛି । ଏହି ସମ୍ପୂର୍ଣ୍ଣ ମନୋରଞ୍ଜନ ଧର୍ମୀ କାହାଣୀଟି ଦର୍ଶକଙ୍କୁ ବେଶ ପସନ୍ଦ ଆସିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛନ୍ତି। ଚଳଚ୍ଚିତ୍ରଟି ଆଗାମୀ ସପ୍ତାହରେ ଫ୍ଲୋରକୁ ଆସିବ।

## ରକ୍ତଦାନ ଶିବିର: ୩୦ ୟୁନିଟ ରକ୍ତ ସଂଗ୍ରହ

ବଲାଙ୍ଗୀର, ୨୩/୧ (ନି.ପ୍ର): ସଡକ ସୁରକ୍ଷା ମାସ ପାଳନ ଉପଲକ୍ଷେ ସ୍ଥାନୀୟ ନୂତନ ବସ ଟର୍ମିନାଲ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ରକ୍ତଦାନ ଶିବିରକୁ ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଏବଂ ସମ୍ମାନିତ ଅତିଥି ଭାବେ ଆରଟିଓ ମାନସ ରଂଜନ ମିଶ୍ର ଏବଂ ଜିଲ୍ଲା ଘରୋଇ ବସ୍ ମାଲିକ ସଂଘର ସଭାପତି ଦୁର୍ଗାଚରଣ ବେହେରା ଅନୁଷ୍ଠିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ରକ୍ତଦାନ ଶିବିରରେ ୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାତାଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟ ଅତିଥି ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଏବଂ ଆରଟିଓ ମାନସ ରଂଜନ ମିଶ୍ର ମଧ୍ୟ ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବସ୍ ମାଲିକ ସଂଘର ଉପସଭାପତି ପଂଚାନନ ଆଚାର୍ଯ୍ୟ, କୋଷାଧକ୍ଷ ଶିବ ଶଙ୍କର ପଟେଲ, ସହ-ସଂପାଦକ ଶଙ୍କର କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ।

# ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା



ଭଦ୍ରକ , ୨୩/୧ (ନି.ପ୍ର): ଭଦ୍ରକ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅନୁଭାଗ ଜରିଆରେ +୩ ଶ୍ରେଣୀର ପିଲାମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ସ୍ତରୀୟ ଓଡ଼ିଆ ଭାଷାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ସାହିତ୍ୟିକା ଶକୁନ୍ତଳା ନାୟକ, ସାହିତ୍ୟିକ ରଜନୀ କାନ୍ତ ମହାନ୍ତି ପ୍ରମୁଖ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ। "ଗଣତନ୍ତ୍ରରେ ନେତା ଓ ଜନତା" ଶୀର୍ଷକ ବିଷୟ ଉପରେ ପ୍ରତିଯୋଗୀମାନଙ୍କର ପରିବେଷଣ ଖୁବ୍ ଉଚ୍ଚକୋଟୀର ଥିଲା। ସାମ୍ପ୍ରତିକ ସମୟରେ ନେତା ବାଛିବା ପାଇଁ ନିର୍ବାଚନ ସମୟରେ କିପରି ୫୦୦ ଟଙ୍କାରେ ଜଣେ ବିକ୍ରୟ ହୋଇଯାଉଛି। ନିର୍ବାଚନ ପରେ ନେତା କିପରି କୋଟି କୋଟି ଟଙ୍କାରେ ନିଜର ସ୍ୱାର୍ଥ ପାଇଁ ଦଳ ଡିଆଁ ମାରୁଛନ୍ତି ଏବଂ ଏହା କିପରି ଗଣତନ୍ତ୍ର ପାଇଁ ବିପଦ ସାଜୁଛି, ସୁଦୃଢ଼ ଗଣତନ୍ତ୍ର ପାଇଁ ଉଭୟ ନେତା ଓ ଜନତା କିପରି ସଚେତନ ହେବା ଉଚିତ୍, ଉଭୟ ମଧ୍ୟରେ ସ୍ୱଚ୍ଛତାର ସମ୍ପର୍କ ରହିଲେ ଯାଇ ଗଣତନ୍ତ୍ରର ଭବିଷ୍ୟତ ଉଜ୍ଜ୍ୱଳ ହେବ ଏବଂ ଯୁବ ଶକ୍ତି ହିଁ ତାକୁ ସଫଳ କରାଇପାରିବ ବୋଲି ପିଲାମାନଙ୍କର ଚିତ୍ରଣ ବେଶ୍ ମର୍ମସ୍ପର୍ଶୀ ଥିଲା। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ସଫଳ କରାଇବାରେ ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧ୍ୟାପିକ ଅଭାମୟୀ ମହାପାତ୍ର, ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଶୁଭେନ୍ଦୁ କୁମାର ବରାଳ, ଅବସରପ୍ରାପ୍ତ ଅଧ୍ୟାପକ ସଂଗ୍ରାମକିଶୋର ମହାନ୍ତି ପ୍ରମୁଖ ଆନୁସଙ୍ଗିକ ସହଯୋଗ କରିଥିଲେ। ଭଦ୍ରକ ମହାବିଦ୍ୟାଳୟର ସୁଭାଶିଷ ପଣ୍ଡା ୧ମ, ଆକାଂକ୍ଷା ଦେବରଞ୍ଜିତା ଦାସ ୩ୟ ଓ ମତୋ କଲେଜ, ଋନ୍ଦବାଲି ଜ୍ୟୋତିର୍ମୟୀ ବେହେରା୨ୟ ସ୍ଥାୟ ଅଧିକାର କରିଥିଲେ।

## କୁଇଜ୍ ପ୍ରତିଯୋଗିତା ଆୟୋଜିତ

ବାରିପଦା, ୨୩/୧ (ନି.ପ୍ର): ଦେଶର ୭୪ତମ ସାଧାରଣତନ୍ତ୍ର ଦିବସ ପାଳନ ଶୁଭାବସର ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ସ୍ଥାନୀୟ ଏମ୍.ପି.କେ. ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଜାନୁଆରୀ ୧୯ ତାରିଖ ଅପରାହ୍ଣରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟ ମୟୂରଭଞ୍ଜ ସାହିତ୍ୟ ପରିଷଦ ଦ୍ୱାରା 'ମୟୂରଭଞ୍ଜ କୁଇଜ୍' ପ୍ରତିଯୋଗିତା ଆୟୋଜିତ ହୋଇ ଯାଇଅଛି। ଏହି ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାରିପଦାର ୯ମ ଶ୍ରେଣୀ ଛାତ୍ର ପାର୍ଥସାରଥୀ ମହାନ୍ତ ପ୍ରଥମ, ରାଣୀଭୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ର ଦିବ୍ୟାଂଶୁ ଚହ୍ୱାନ ଦ୍ୱିତୀୟ ଏବଂ ଯୁଗ୍ମଭାବେ ଏମ୍.ପି.କେ. ବାଳିକା ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ହେମାଙ୍ଗିନୀ ପଣ୍ଡା ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀ ଚଉରା ୮ମ ଶ୍ରେଣୀର ଛାତ୍ର ଆନନ୍ଦରାଜ ପାଣିଗ୍ରାହୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମୟୂରଭଞ୍ଜ ସାହିତ୍ୟ ପରିଷଦର ବରିଷ୍ଠ ସଦସ୍ୟ କୈବଲ୍ୟ ପ୍ରସାଦ ମହାପାତ୍ର, ପ୍ରାକ୍ତନ ଉପସଭାପତି ସୁଶ୍ରୀ ବୀଣାପାଣି ପଣ୍ଡା, ଅନୁଷ୍ଠାନର ସଭାପତି ପଦ୍ମନାଭ ସାହୁ ତଥା କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର କୁମାର ବଶାଙ୍କ ତତ୍ତ୍ୱାବଧାନରେ କୁଇଜ୍ ପ୍ରତିଯୋଗିତା ପରିଚାଳିତ ହୋଇଥିବା ବେଳେ ଚଳିତ ସାଧାରଣତନ୍ତ୍ର ଦିବସ ସମାରୋହରେ କୃତୀ ଛାତ୍ରଛାତ୍ରୀଙ୍କୁ ମୟୂରଭଞ୍ଜ ଜିଲ୍ଲା କର୍ତ୍ତୃପକ୍ଷଙ୍କ ତରଫରୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ସଭାପତି ସାହୁ ପ୍ରକାଶ କରିଛନ୍ତି।

# ସମ୍ବଲପୁର ସ୍ଥିତ ଗୁରୁ ନାନକ ପବ୍ଲିକ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ଖେତରାଜପୁର/ସମ୍ବଲପୁର, ୨୩/୧ (ନି.ପ୍ର): ପୂଜ୍ୟ ଗୁରୁ ନାନକ ଦେବଙ୍କ ସମେତ ଶିଖ୍ ସମ୍ପ୍ରଦାୟର ଧର୍ମଗୁରୁ ଏବଂ ବୀର ସୁରେନ୍ଦ୍ର ସାଏ ଓ ବାଜି ରାଉତଙ୍କ ପରି ଅନେକ ସଂଗ୍ରାମୀମାନେ ଦେଶ ପାଇଁ ଅନେକ ତ୍ୟାଗ ଓ ବଳିଦାନ ଦେଇଛନ୍ତି । ସେହି ଗୁରୁ ଓ ସଂଗ୍ରାମୀମାନଙ୍କ ଧର୍ମ, ଆଦର୍ଶ, ସଂସ୍କାର ତଥା ପ୍ରେରଣାଦାୟୀ ବାର୍ତ୍ତାରୁ ଅନୁପ୍ରାଣିତ ହୋଇ ଆମର ଯୁବପିଢିମାନେ ବିଶ୍ୱକୁ ନୂଆ ମାର୍ଗ ଦେଖାଇବା ଦିଗରେ ଆଗଭର ହୁଅନ୍ତୁ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ବୁଧବାର ସମ୍ବଲପୁର ଜିଲ୍ଲା ଖେତରାଜପୁର ସ୍ଥିତ ଗୁରୁ ନାନକ ପବ୍ଲିକ ସ୍କୁଲ ସମ୍ବଲପୁରର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ପୂଜ୍ୟ ଗୁରୁ ନାନକ ଦେବଙ୍କ ନାମରେ ନାମିତ ଏହି ସ୍କୁଲ ଦୀର୍ଘ ୫୦ ବର୍ଷରେ ପଦାର୍ପଣ କରିବା ଏକ ଗୌରବମୟ ଉପଲବ୍ଧି । ଗୁରୁ ନାନକଙ୍କ ଯେଉଁଭଳି ଆଦର୍ଶ, ବିଚାର, ସିଦ୍ଧାନ୍ତ ଏବଂ ସେବା ମନୋଭାବର ସମର୍ପଣ ଥିଲା, ତାଙ୍କ ସଂସ୍କାର ଆଧାରରେ ସ୍କୁଲଟି ପରିଚାଳିତ ହେବା ଆନନ୍ଦର ବିଷୟ । ଯେତେବେଳେ ଭାରତୀୟ ସଂସ୍କୃତିକୁ ନଷ୍ଟ କରିବା ପାଇଁ ଉଦ୍ୟମ ହେଉଥିଲା, ସେହି ସମୟରେ ଗୁରୁ ନାନକ ସମାଜକୁ ଏକାଠି କରି ଭାରତର ସଂସ୍କୃତିର ସୁରକ୍ଷା ପାଇଁ ଦାୟିତ୍ୱ ନେଇଥିଲେ । ସେ ସମାଜରେ ସମାନତା, ଭାଇଚାରା ଓ ଏକତାର ଶିକ୍ଷା ଦେଇଥିଲେ । ବିଭିନ୍ନ ସାମାଜିକ କଳୁଷତାକୁ ଦୂର କରିବା ଲାଗି ସଂଘର୍ଷ କରିଥିଲେ।

ଶିଖ ପରମ୍ପରାରେ ଗୁରୁ ପରମ୍ପରାର ଆଦର୍ଶ ଓ ବଳିଦାନକୁ ଭୁଲି ହେବ ନାହିଁ । ଭାରତୀୟ ପରମ୍ପରାରେ ଶିଖ ସମୁଦାୟର ଧର୍ମଗୁରୁଙ୍କ ଅବଦାନ ଅତୁଳନୀୟ । ଶିଖ ବନ୍ଧୁ ମାନେ ସମ୍ବଲପୁର ସମେତ ପାର୍ଶ୍ୱବର୍ତ୍ତୀ ଜିଲ୍ଲାରେ ରହି ଅଞ୍ଚଳର ବିକାଶ ପାଇଁ ଯେଉଁ କାମ କରୁଛନ୍ତି, ତାହା ପ୍ରଶଂସନୀୟ। ସେଇ ପରମ୍ପରାର ଅଂଶ ଭାବରେ ଏହି ସ୍କୁଲ ଗଢି ଉଠିଛି । ଏହାବ୍ୟତୀତ ଆମ ଶିଖ ସମାଜ ସହ ଓଡ଼ିଶାର ଅନନ୍ୟ ସମ୍ପର୍କ ରହିଛି ।

ଶ୍ରୀ ପ୍ରଧାନ କହିଛନ୍ତି ଶିଖ୍ ସମ୍ପ୍ରଦାୟର ଅନେକ ଗୁରୁଙ୍କ ସହିତ ଅବିଭକ୍ତ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ, ଧ୍ରୁବ ସାଏ, ଉଜ୍ଜଳ ସାଏ, ଛବିଲ ସାଏ, ଯାଜଲ ସାଏ, ମେଦିନୀ ସାଏ, କରୁଣାକର ସିଂହ ନାଏକ, ମାଧୋ ସିଂହ, କୁଞ୍ଜଲ ସିଂହ, ଐରୀ ସିଂହ, ବୈରୀ ସିଂହ, ହଟେ ସିଂହ, ଶହୀଦ ମଧୁ ଗଡତିଆ ଦେଶ ପାଇଁ ବଳିଦାନ ଦେଇଥିଲେ।

ଆଜି ଦେଶ ଯେତେବେଳେ ନୂଆ ଉଚ୍ଚତାକୁ ଯାଉଛି, ସେହି ସମୟରେ ମାତୃଭୂମି ପାଇଁ ସମସ୍ତ ନାଗରିକ ବିଶେଷ ଭାବରେ ଯୁବପିଢିଙ୍କ ଦାୟିତ୍ୱ ଅଧିକ । ଯୁବଶକ୍ତିମାନେ ଟେକ୍ନୋଲୋଜି ଜରିଆରେ ବିଶ୍ୱକୁ ଅନ୍ୱେଷଣ କରିବା ଦରକାର । ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ । ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ପୂରଣ କରିବ । ଏହି ସମୟରେ ଆମକୁ ଦେଶ ପାଇଁ ବଞ୍ଚିବାକୁ ପଡ଼ିବ, ବିକଶିତ ରାଷ୍ଟ୍ର ଗଢ଼ିବାକୁ ପଡ଼ିବ। ଏଥିପାଇଁ ଆଜିର ପିଢ଼ି ଆଗକୁ ଆସିବା ଦରକାର । ନିଜ ପାଇଁ ନୁହେଁ ବରଂ ସମୂହଙ୍କ ପାଇଁ ଦାୟିତ୍ୱ ନେବା ଦରକାର ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

## ରତାଇ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ ସଭା

ବାଲିଆପାଳ, ୨୩/୧ (ନି.ପ୍ର): ବାଲିଆପାଳ ବ୍ଲକ ରତାଇ ପଞ୍ଚାୟତ ସ୍ଥିତ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ ବଡକୈର୍ଦ୍ଧା ର ବାର୍ଷିକୀ ଉତ୍ସବ ଏବଂ ପୁରସ୍କାର ବିତରଣ ସଭା ବୁଧବାର ବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶୁକଦେବ ମହାନ୍ତି ଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ଜେନା ଯୋଗଦେଇ ପିଲାମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ପାଠ ସହିତ ଅନ୍ୟ ଅନ୍ତର୍ନିହିତ ଗୁଣ ଗୁଡ଼ିକ ବିକଶିତ ହେବା ର ଆବଶ୍ୟକତା ରହିଛି। ଉଜ୍ଜଳ ଭବିଷ୍ୟତ ଗଠନରେ ଶିକ୍ଷା, ଶୃଙ୍ଖଳା ଏବଂ କଠିନ ପରିଶ୍ରମର ଗୁରୁତ୍ୱ ଦେଲେ ଭଲ ମଣିଷଟିଏ ହୋଇପାରିବ ବୋଲି ଛାତ୍ରଛାତ୍ରୀ କରିଥିଲେ । ମୁଖ୍ୟ ବକ୍ତା ବିଶିଷ୍ଟ କବି ପ୍ରଶାନ୍ତ କୁମାର ଦାସ, ସମ୍ମାନିତ ଅତିଥି ସୁଧାଂଶୁ ଶେଖର ପଣ୍ଡା, ପରେଶ କୁମାର ବିଶ୍ୱାଳ,ସୁପ୍ରଭା ପାଢ଼ୀ, ହୃଦାନନ୍ଦ ପ୍ରଧାନ,ବିଜୟ କୁମାର ପାତ୍ର ଯୋଗଦେଇ ଥିଲେ। ମଞ୍ଚ ପରିଚାଳନା ଏବଂ ବାର୍ଷିକ ବିବରଣୀ ସୋରଜ କୁମାର ପରିଡ଼ା କରିଥିବା ବେଳେ ଶ୍ୱେତପଦ୍ମା ଦାସ ଓ ଶୁରଭି ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିଲ୍ଲିପ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କଦ୍ୱାରା ନାଟକ ,ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଚିତ୍ତରଞ୍ଜନ ପାତ୍ର,ତୁରିଆ କିସ୍କୁ,ଶର୍ମୀଷ୍ଠା ନାୟକ, ତ୍ରିଲୋଚନ ଖଣ୍ଡା, ଅଜୟ କାମିଳା, ପଙ୍କଜ କୁମାର ମୂର୍ମୁ,ତାରେଖ ଜେନା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସେଲ ଆରଏସପିର ସହରାଞ୍ଚଳରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ନିମନ୍ତେ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଆୟୋଜିତ




ରାଉରକେଲା, ୨୩/୧ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା ସ୍ଥିତ ଟାଉନ ଇଞ୍ଜିନିୟରିଂ ବିଭାଗର ସମ୍ମିଳନୀ କକ୍ଷରେ ଜାନୁଆରୀ ୧୭ ତାରିଖ ଦିନ ଆୟୋଜିତ ହୋଇଥିବା ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ରେ ଟାଉନ ଇଞ୍ଜିନିୟରିଂ , ଟାଉନ ସାର୍ଭିସେସ , ଉଦ୍ୟାନ କୃଷି ବିଭାଗ , ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ନିୟୋଜିତ ପ୍ରାୟ ୩୦୦ ଜଣ ଠିକା ଶ୍ରମିକ ଉପକୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମ ମାନବ ସମ୍ବଳ ଠିକା ଶ୍ରମିକ ସେଲ ଦ୍ୱାରା କର୍ମଚାରୀ ଓ ରାଜ୍ୟ ବୀମା କର୍ପୋରେସନ ମଡେଲ ହସ୍ପିଟାଲ ସହଭାଗିତାରେ ଅନୁଷ୍ଠିତ ହୋଇଥିଲା। ଇଏସଆଇ ମଡେଲ ହସ୍ପିଟାଲର ଡାକ୍ତର ଓ ଟେକନିସିଆନ ଏଇ ସ୍ୱାସ୍ଥ୍ୟପରୀକ୍ଷା ସମ୍ପାଦନ କରିଥିଲେ। ଏହି ଶିବିର ରେ ଠିକାଶ୍ରମିକମାନଙ୍କର ଉଚ୍ଚତା, ଓଜନ, ବଡି ମାସ ଇଣ୍ଡେକ୍ସ, ଚକ୍ଷୁ ପରୀକ୍ଷା, ରକ୍ତ ଚାପ, ରକ୍ତ ଶର୍କରା, ବ୍ଲଡ଼ ଗୃପିଙ୍ଗ, ହେପାଟିଟିସ ବି ଏବଂ ଶ୍ରବଣ ଓ ପଲ୍ସ ହାର ଭଳି ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା ସମ୍ପନ୍ନ କରାଯାଇଥିଲା। ଠିକା ଶ୍ରମିକ ମାନଙ୍କୁ ସର୍ବେକ୍ଷଣ ଫର୍ମ ମଧ୍ୟ ଦିଆ ଯିବା ସହିତ ସର୍ବେକ୍ଷଣ ରେ ଚିହ୍ନଟ ରୋଗୀ ମାନଙ୍କୁ ଅଧିକ ସ୍ୱାସ୍ଥ୍ୟ ପରୀକ୍ଷଣ ଓ ଚିକିତ୍ସା ପାଇଁ ଇଏସଆଇ ହସପିଟାଲକୁ ରେଫର୍ କରାଯାଇଥିଲା। ଆରଏସପି ମାନବ ସମ୍ବଳ ଠିକା ଶ୍ରମିକ ସେଲର ସିନିୟର ମ୍ୟାନେଜର, ସୁଶ୍ରୀ ସଂଗୀତା ମାରିୟା ସିନ୍ଧୁର ଓ ବିଭାଗୀୟ ଦଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରରେ ବେଟି ବଚାଓ ବେଟି ପଢ଼ାଓ ଉତ୍ସବ ପାଳନ




ଭଦ୍ରକ , ୨୩/୧ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ଓ ଜିଲ୍ଲା ପ୍ରଶାସନ, ଭଦ୍ରକ ପକ୍ଷରୁ ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବେଟି ବଋଓ ବେଟି ପଢ଼ାଓ କାର୍ଯ୍ୟକ୍ରମର ଶୁଭାରମ୍ଭ ଜିଲ୍ଲାପାଳ, ଭଦ୍ରକ ଦିଲୀପ ରାଉତରାଏଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଛି। ଏହି ମର୍ମରେ ପ୍ରାରମ୍ଭରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ଆୟୋଜିତ ହୋଇଥିଲା। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ମଞ୍ଚ ପରିଋଳନାରେ ଜିଲ୍ଲାପାଳଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସରୋଜ ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧାଂଶୁ ଶେଖର ବଳ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଶିଶୁ ମଂଗଳ କମିଟିର ଅଧକ୍ଷ ଡା. ଦେବରାଜ ପାଣିଗ୍ରାହୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାସୁଦେବ ସ୍ୱାଇଁ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ସମାଜମଂଗଳ ଅଧିକାରିଣୀ ପୁଷ୍ପଲତା ପାତ୍ର, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗଦାନ କରି ଲିଂଗଗତ ପକ୍ଷପାତିତା, କନ୍ୟାସନ୍ତାନ ମାନଙ୍କର ସୁରକ୍ଷା, ସେମାନଙ୍କ ବଂଚିବା ଶିକ୍ଷା, ଆଦର, ସମ୍ମାନ ପ୍ରଦର୍ଶନ ପ୍ରତି ସମଭାବାପନ୍ନ ହେବାପାଇଁ ସଂକଳ୍ପବଦ୍ଧ ନିମନ୍ତେ ପ୍ରଋର ପ୍ରସାର କରି ପ୍ରତିଜ୍ଞାବଦ୍ଧ ହେବାପାଇଁ ସମବେତ ଭାବେ ଉପସ୍ଥିତ ସମସ୍ତେ ଶପଥପାଠ କରିଥିଲେ। ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ପ୍ରମୁଖ କନ୍ୟାସନ୍ତାନ ମାନଙ୍କର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭିକ କାର୍ଯ୍ୟକ୍ରମରେ ସମାଜମଙ୍ଗଳ ଅଧିକାରିଣୀଙ୍କ ଧନ୍ୟବାଦ ପର୍ବପରେ ଏକ ପଦଯାତ୍ରା ବିଭିନ୍ନ ବିଦ୍ୟାଳୟର ଛାତ୍ରୀ, ଅଂଗନବାଡ଼ି କର୍ମୀ, ମହିଳାଗୋଷ୍ଠି, ପୋଲିସବାହିନୀ, ସାମାଜିକ ସଂଗଠନ, ପଞ୍ଚାୟତ ପ୍ରତିନିଧି, ଶିଶୁ ଅନୁଷ୍ଠାନର କର୍ମକର୍ତ୍ତା, ଶିଶୁ ସୁରକ୍ଷାୟୁନିଟ୍, ଋଇଲ୍ଡ ହେଲ୍ପଲାଇନର କର୍ମକର୍ତ୍ତାଙ୍କ ଦ୍ୱାରା ନୂତନ ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ବାହାରି ଟାଉନହଲ ପର୍ଯ୍ୟନ୍ତ କନ୍ୟାରତ୍ନ-କରଯତ୍ନ, କନ୍ୟାଶିକ୍ଷା-ମହାଦୀକ୍ଷା ଇତ୍ୟାଦି ନାରାରେ ପ୍ରକମ୍ପିତ ହୋଇଥିଲେ। ଏହି କାର୍ଯ୍ୟକ୍ରମ ଆହୁରି ବ୍ୟାପକ ହେବ, କନ୍ୟା ଶିଶୁ ମନାଙ୍କୁ ଉତ୍ସାହିତ କରିବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶମତେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶିଶୁସୁରକ୍ଷା ଅଧିକାରୀ ଶ୍ରୀ ମହାନ୍ତି ସୂଚନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପରିଋଳନା ନିମନ୍ତେ ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନପ୍ରେବେସନ ଅଧିକାରୀ ସୁବ୍ରତ ଦାସଙ୍କ ସମେତ ବାଲ୍ୟବିବାହ ସଂଯୋଜକ ପ୍ରଦ୍ୟୁତରଂଜନ ରାଉତ, ଆସିୟାନାର ରିୟାଜ ଅହମ୍ମଦ, ଋଇଲ୍ଡ ଲାଇନର କର୍ମୀ ଚନ୍ଦ୍ରକାନ୍ତ ଗୋଚ୍ଛାୟତ, ଦିଗ୍‌ବିଜୟ ମହାନ୍ତି, ଲକ୍ଷ୍ମୀକାନ୍ତ ସେଠୀ, ଲକ୍ଷ୍ମଣ କୁମାର ଜେନା, ସସ୍ମିତା ନାୟକ, ମନୋଜ ନାୟକ, ଶିଶୁ ସୁରକ୍ଷାର ସ୍ୱାଗତିକା ବାରିକ, ବିଶ୍ୱନାରାୟଣ ପାତ୍ର, ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ, ଧୀରଜ ବାରିକ, ଜ୍ୟୋତିପ୍ରକାଶ ପତି, ଧନଞ୍ଜୟ ଜେନା, ତଥାଗତ ଜେନା, ସତ୍ୟଦେବ ପାତ୍ର, ଦିଗନ୍ତ ବେହେରା, ଅଶୋକ ଦାଶ, ଯୋଗମାୟା ଋନ୍ଦ, ପ୍ରଭାତ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ସେଲ୍ ରାଉରକେଲା ଇସ୍ପାତ କାରଖାନାର ବରସୁଆ ଲୌହ ଖଣିରେ ସିନର୍ଜି ଲୋକସାଂସ୍କୃତିକ ମହୋତ୍ସବ ଆୟୋଜିତ

ରାଉରକେଲା, ୨୩/୧ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନାର ବରସୁଆ ଲୌହ ଖଣି (ବିଆଇଏମ) ର ଇସ୍ପାତ ହାଇସ୍କୁଲ ଖେଳ ପଡିଆରେ ଜାନୁଆରୀ ୧୬ ତାରିଖରେ ସିନର୍ଜି ଲୋକସାଂସ୍କୃତିକ ମହୋତ୍ସବ ୨୦୨୪-୨୫ ଆୟୋଜିତ ହୋଇଥିଲା। ଏହାର ଉଦଯାପନୀ ଉତ୍ସବରେ ମାନବ ସମ୍ବଳ ବିଭାଗର ଜିଏମ ଶ୍ରୀ ଏନ ସି ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଜେତା ଦଳଗୁଡ଼ିକୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର ?ୟକ୍ରମରେ ବରସୁଆ ଲୌହ ଖଣି ଓ ତାଳଡ଼ିହି ଲୌହଖଣିର ବିଭିନ୍ନ ପାର୍ଶ୍ୱବର୍ତ୍ତୀ ଗ୍ରାମରୁ ମୋଟ ୧୦ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ବରସୁଆର ବିର୍ସା ମୁଣ୍ଡା ଦଳ ବିଜେତା ଭାବରେ ଉଭା ହୋଇ ପ୍ରଥମ ପୁରସ୍କାର ଟ୍ରଫି ଏବଂ ୭୦୦୦ ଟଙ୍କା ପୁରସ୍କାର ରାଶି ଲାଭ କରିଥିଲା। କାଲଟା ଦଳ ଦ୍ୱିତୀୟ ପୁରସ୍କାର ଭାବରେ ଟ୍ରଫି ଏବଂ ୬୦୦୦ ଟଙ୍କା ପୁରସ୍କାର ରାଶି ଲାଭ କରିଥିଲା । ସେହିଭଳି ଟେନ୍ସାର ଆରସି ଚର୍ଚ୍ଚ ଦଳ ତୃତୀୟ ପୁରସ୍କାର ରୂପେ ଏକ ଟ୍ରଫି ଏବଂ ୫୦୦୦ ଟଙ୍କା ପୁରସ୍କାର ରାଶି ଲାଭ କରିଥିଲା । ଅନ୍ୟ ସମସ୍ତ ଅଂଶଗ୍ରହଣକାରୀ ଦଳକୁ ସାନ୍ତ୍ୱନାମୂଳକ ପୁରସ୍କାର ସହିତ ସମ୍ମାନିତ କରାଯାଇଥିଲା, ଯେଉଁଥିରେ ଏକ ଟ୍ରଫି ଏବଂ ପ୍ରତ୍ୟେକଙ୍କୁ ୨୦୦୦ ଟଙ୍କା ଅର୍ଥ ରାଶି ଅନ୍ତର୍ଭୁକ୍ତ ଥିଲା।

# ୫୭ ତମ ଜନ୍ମ ଦିବସରେ ସମାଜସେବୀ ରଂଜିତ ସାହୁଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୩/୧ (ନି.ପ୍ର): କେନ୍ଦ୍ରାପଡାର ସମାଜସେବୀ ରଂଜିତ କୁମାର ସାହୁଙ୍କୁ ୫୭ତମ ଜନ୍ମ ଦିବସରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିବା ଜଣାପଡିଛି । ଶ୍ରୀ ସାହୁ ବିଜେଡି ରାଜ୍ୟ ସହ ସଂପାଦକ ହବା ସହ କେନ୍ଦ୍ରାପଡାର ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ରଖିଛନ୍ତି। ତାଙ୍କ ପତ୍ନୀ ସରିତା ସାହୁ କେନ୍ଦ୍ରାପଡା ପୌରସଂସ୍ଥାର ଅଧକ୍ଷା ଅଛନ୍ତି। ଆଜି ଶ୍ରୀ ସାହୁଙ୍କ ଜନ୍ମ ଦିବସରେ ପୌରସଂସ୍ଥାର ସମସ୍ତ କାଉନସିଲର, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ମହିଳା ଗୋଷ୍ଠୀ ପକ୍ଷରୁ ତାଙ୍କ ବାସ ଭବନରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇ ଥିବା ଜଣାପଡିଛି ।

# ବଟେଶ୍ୱର ୟୁଥ୍ କ୍ଲବ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ



ବାଲିଆପାଳ, ୨୩/୧ (ନି.ପ୍ର): ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତ ଅଧିନସ୍ଥ ତାହାଳିଆ ଗ୍ରାମର ବଟେଶ୍ୱର ୟୁଥ୍ କ୍ଲବ ପକ୍ଷରୁ ଗୁରୁବାର ଭାରତ ମାତାଙ୍କ ସୁଯୋଗ୍ୟ ସନ୍ତାନ, ଓଡ଼ିଶା ମାଟିର ବରପୁତ୍ର, ମହାନ ସ୍ୱାଧୀନତା ସଂଗ୍ରାମୀ ପରାକ୍ରମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । କ୍ଲବ ପରିସରରେ ବଟେଶ୍ୱର ୟୁଥ୍ କ୍ଲବର ସଂପାଦକ ଦୀପକ ଗିରି, ଉପ ସଭାପତି ଚନ୍ଦନ ଗିରି, କୋଷାଧ୍ୟକ୍ଷ ଗୌରୀଶଙ୍କର ପାତ୍ର, ସଦସ୍ୟ ଜୟନ୍ତ ଦଳାଇ, ସରୋଜ ପାତ୍ର, ରାଧାକୃଷ୍ଣ ସାହୁ, ରତନ ଜେନା ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ହୋଇ ପରାକ୍ରମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ବଟେଶ୍ୱର ୟୁଥ୍ କ୍ଲବର ସଦସ୍ୟ ସଦସ୍ୟାମାନଙ୍କ ଦ୍ୱାରା ନିକଟସ୍ଥ ମହାଦେବ ମନ୍ଦିର ପ୍ରାଙ୍ଗଣ ସଫେଇ କରାଯାଇଥିଲା ।

# ମିତ୍ରସଂଘ ଓ ହପିନେସ୍ ଫାଉଣ୍ଡେସନ ତରଫରୁ ରକ୍ତଦାନ ଶିବିର

ପୁରୀ, ୨୩/୧ (ନି.ପ୍ର): ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଙ୍କ ଜୟନ୍ତୀ ଅବସରରେ ପୁରୀ ନବକଳେବର ରୋଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମିତ୍ର ସଂଘ ଓ ହାପିନେସ୍ ଫାଉଣ୍ଡେସନ୍ ମିଳିତ ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଭାବେ ପୁରୀ ର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ରୀଷ୍ଣା ମହାପାତ୍ର ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ପ୍ରଧାନ ଶିକ୍ଷୟତ୍ରୀ ମମତା ମହାନ୍ତି ପ୍ରମୁଖ ଉଦ୍‌ଘାଟନ ପର୍ବରେ ଯୋଗ ଦେଇଥିଲେ। ରକ୍ତଦାନ ଶିବିରରେ ମୋଟ ୫୧ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ମିତ୍ର ସଂଘର ପ୍ରତିଷ୍ଠାତା ଅନନ୍ତ କୁମାର ଶତପଥୀ ଓ ହାପିନେସ୍ ଫାଉଣ୍ଡେସନ ର ପ୍ରତିଷ୍ଠାତା ଇଂ. ପ୍ରଦୀପ୍ତ କୁମାର ପ୍ରଧାନ ଙ୍କ ନେତୃତ୍ୱରେ ମିତ୍ରସଂଘ ର ସଭାପତି ସୁବାଷିନୀ ଶତପଥୀ, କୋଷାଧ୍ୟକ୍ଷ ଆଲୋକ ମହାନ୍ତି, ସଦସ୍ୟ ଜଗଜିତ୍ ବିଶୋଇ, ବିଷ୍ଣୁପ୍ରିୟା ସାହୁ, ରୋଜାଲିନ ସାହୁ ପ୍ରମୁଖ ରକ୍ତଦାନ ଶିବିରକୁ ପରିଚାଳନା କରିଥିଲେ।

## ନିରବ ମହାମାରୀ ସାଜିଛି ସଡ଼କ....

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ସବୁ ପ୍ରକାର କାଗଜପତ୍ର ଠିକ ଥାଇ ମଧ ଆପଣଙ୍କୁ ବାରମ୍ବାର ଦଉଡିବାକୁ ପଡ଼ିବା ଏଭଳି ଏକ ସମ୍ଭାବନା ମଣିଷକୁ ଚିନ୍ତାଗ୍ରସ୍ତ କରୁଛି। ଅନେକ ସମୟରେ ଆପଣଙ୍କର କୌଣସି ତ୍ରୁଟି ନଥାଇ ମଧ ଆପଣଙ୍କ ସମସ୍ୟାରେ ପଡ଼ିପାରନ୍ତି। ଓଡ଼ିଶାର ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ସଡ଼କ ଦୁର୍ଘଟଣା ସ୍ଥିତି ଉଦବେଗଜନକ ରହିଛି। ୨୧% ଘାତକ ଦୁର୍ଘଟଣାରେ ଭାରି ଯାନର ସମ୍ପୃକ୍ତି ରହୁଛି। ୫-ଇ ଏଜୁକେସନ ଏନକରେଜମେଣ୍ଟ, ଇଞ୍ଜିନିୟରିଂ ଏନଫୋର୍ସମେଣ୍ଟ ଏବଂ ଇଭାଲ୍ୟୁସନ ନୀତି ଆଧାରରେ ସଡ଼କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ଦେଇଥିବା ନିର୍ଦ୍ଦେଶ ଅନୁସାରେ ରାଜ୍ୟ ସରକାର କାମ କରୁଛନ୍ତି। ଦୁର୍ଘଟଣା ପ୍ରବଣ କ୍ଷେତ୍ର ବ୍ଲାକସ୍ପଟର ମରାମତି, ସୂଚନାଫଳକ ଲଗାଇବା ଠାରୁ ଆରମ୍ଭ କରି ଜାତୀୟ ଓ ରାଜ୍ୟ ରାଜପଥର ସ୍ମାର୍ଟ କ୍ୟାମେରା ଲାଗିଛି। ଇଣ୍ଟେଲିଜେଣ୍ଟ ଏନଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ କାର୍ଯ୍ୟକାରୀ ହୋଇଛି। ସଡ଼କ ଦୁର୍ଘଟଣାର ସବିଶେଷ ବିବରଣୀ ଅପଲୋଡ଼ ପାଇଁ ଇଣ୍ଟିଗ୍ରେଟେଡେ ରୋଡ଼ ଆକ୍ସିଡାଣ୍ଟ ଡାଟାବେସ ଭଳି ଅତ୍ୟାଧୁନିକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଚଳିତ ବର୍ଷ ଆଇଆଇଟି ମାଡ୍ରାସ ଦ୍ୱାରା ପ୍ରସ୍ତୁତ ହୋଇଥିବା ଆଲାର୍ମ ସିଷ୍ଟମ ବାଣିଜ୍ୟିକ ଗାଡ଼ିରେ ବ୍ୟବହାର କରାଯିବ। ଟ୍ରାଫିକ ନିୟମ ଉଲ୍ଲଂଘନ ଅଭିଯୋଗରେ ଗତ ତିନି ବର୍ଷ ମଧ୍ୟର ୬୦ ଲକ୍ଷରୁ ଅଧିକ ଇ-ଚାଲାଣ କଟାଯାଇଛି। ସମୟ ସମୟରେ ପୁଲିସ ଓ ପରିବହନ ବିଭାଗ ଯାନ ବାହାନ ଯାଞ୍ଚ କରୁଛନ୍ତି। କିନ୍ତୁ ଏହା ସତ୍ତ୍ୱେ ସଡ଼କ ଦୁର୍ଘଟଣା ଏବଂ ତଦଜନିତ ମୃତ୍ୟୁରେ ରୋକ ଲାଗିପାରୁନାହିଁ।

+ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ,
ଦେଉଳ ସାହି, ତୁଳସୀପୁର, କଟକ

# ଶିବସେନା ପ୍ରତିଷ୍ଠାତା ବାଲାସାହେବ୍ ଠାକରେଜୀଙ୍କ ୯୯ ତମ ଜନ୍ମ ଜୟନ୍ତୀ

ବାଲେଶ୍ୱର , ୨୩/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ନୂଆ ବଜାର ନିକଟସ୍ଥ ସାରଥୀ ସଂଘ୍ ନିକଟରେ ଶିବସେନା ଅଫିସରେ ସଭାପତି ପଦ୍ମ ଲୋଚନ ପତିଙ୍କ ଅଧ୍ୟକ୍ଷତାରେ ଶିବସେନା ପ୍ରତିଷ୍ଠାତା ବାଲାସାହେବ୍ ଠାକରେଜୀଙ୍କ ୯୯ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ବକ୍ତା ପୂର୍ଣ୍ଣଚନ୍ଦ୍ର ବେହେରା ବାଲାସାହେବ୍ ଠାକରେଜୀ ଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ପ୍ରମୁଖ ହିନ୍ଦୁ ଯୁବ ସମାଜକୁ ନିଶା ସେବନ ରୁ ଦୂରେଇ ରହିବାକୁ ପରାମର୍ଶ ଦେବା ସହ ଏକତ୍ରିତ ରହିବା ଜରୁରୀ ବୋଲି କହିଥିଲେ। ସମ୍ମାନୀୟ ଅତିଥି ଭାବେ ଶୁଶାନ୍ତ ସ୍ୱାଇଁ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବାଲାସାହେବ୍ ଠାକରେଜୀ ଙ୍କ ଏପରି ଏକ ବ୍ୟକ୍ତିତ୍ୱ ଯେ କି ଅନ୍ୟାୟ ସହ କଦାପି ସାଲିସ କରିନଥିଲେ । ସମ୍ମାନୀୟ ଅତିଥି ରଞ୍ଜନ କୁମାର ବାରିକ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ବାଲାସାହେବ୍ ଠାକରେଜୀ ଜଣେ ଅସାଧାରଣ ବ୍ୟକ୍ତିତ୍ୱ ତାଙ୍କର ନୀତି ନିର୍ଦ୍ଧାରଣ ଅନୁସରଣ କରିବା ପାଇଁ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ। ଶେଷରେ ଭଗବାନ ଚନ୍ଦ୍ର ଦାସ ସଭାପତି ପଦ୍ମ ଲୋଚନ ପତି ଏଭଳି କାର୍ଯ୍ୟକ୍ରମ ଦୀର୍ଘ ଦିନ ଚାଲୁ ରଖିଥିବାରୁ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମରେ ଯୋଗଦେଇ ଥିବାରୁ ଧନ୍ୟବାଦ୍ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମନୋରଞ୍ଜନ ପରିଡା , ପୁନା ମହାପାତ୍ର , ଗଙ୍ଗାଧର ବିନ୍ଧାଣି , ସୁରେଶ ଚନ୍ଦ୍ର ରଣା , ରତନ ପାତ୍ର , କମଳା କାନ୍ତ ସ, ଯୋଗେନ୍ ଦାସ , ସୁରେଶ ମହାରାଜ , ସନ୍ତୋଷ ସିଂ , ସୀତା ରାଣୀ ଜେନା , ପୂଜା ସିଂ , ସମୀର ସେନ, ଅରବିନ୍ଦ ଆଚାର୍ଯ୍ୟ , ଉମେଶ ଚନ୍ଦ୍ର କମିଳା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ମନେପଡ଼େ ପିଲାଦିନ କାର୍ଯ୍ୟକ୍ରମ



ବଡ଼ସାହି , ୨୩/୧ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ବିହାର ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଓ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଆନୁକୂଲ୍ୟରେ ମନେପଡ଼େ ପିଲା ଦିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଅନୁଷ୍ଠାନର ଅଧକ୍ଷ ଡକ୍ଟର କୁମାର ବାବୁଲି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ପ୍ରଧାନ ଆଚାର୍ଯ୍ୟା ପୁହାଣ ସୂର୍ଯ୍ୟକାନ୍ତି ରାଉତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପୁରୁଣା ଜିନିଷ ଓ ପୁରୁଣା ସଂସ୍କୃତିକୁ ଆମେ ଭୁଲିବାକୁ ବସିଥିବା ବେଳେ ଆଜିର ପିଲାମାନେ ଏଥିପ୍ରତି ପୂରା ଅଜ୍ଞ ଅଛନ୍ତି। ସେହି ପିଲାମାନଙ୍କୁ ଏ ସଂପର୍କରେ ବ୍ୟାପକ ଭାବେ ଜାଣିବା ପାଇଁ ପୋଷ୍ଟକାର୍ଡ଼, ଇନଲ୍ୟାଣ୍ଡ୍ ଲେଟର, ଲଫାପା, ବ୍ୟାଟେରି ଟର୍ଚ୍ଚ, ପେଟ୍ରୋମାକ୍ସ ଲାଇଟ, ଚୁଙ୍ଗି, ଚିମିନି, ଲଣ୍ଠନ, କଳାଧଳା ଟିଭି, ରେଡ଼ିଓ, କାଳିକଲମ, କାଠ ହଳଲଙ୍ଗଳ , ଗହୁଣୀ, କଠା, ଶଗଡ଼ ଗାଡ଼ି, ଆଦିବାସୀ ଅଳକାର, ଶିଙ୍ଗ ପାନିଆ ଇତ୍ୟାଦି ବହୁ ଜିନିଷ ଓ ତାର ବ୍ୟବହାର ସଂପର୍କରେ ଦୀପକ କୁମାର ଦାସ, ରଣଜିତ ମହାନ୍ତି, ମଳୟ ମଞ୍ଜରୀ ରଥ, ବୀଣାପାଣି ବାରିକ, ବେଣୁଧର ବେହେରା, ରିନା ଷଡଙ୍ଗୀ, ଅତୁଲ୍ୟ ସୁନ୍ଦର ଭଞ୍ଜବାବୁ, ସୋନାକ୍ଷୀ ଦଣ୍ଡପାଟ, ମଧୁସ୍ମିତା ବାରିକ, ଶୁଭଜିତ ଶୁଭଙ୍କର ରାଉତ, ସୁମନ ବେହେରା, ବୃନ୍ଦାବତୀ ନାଏକ, ସୌଭାଗ୍ୟବତୀ ରାଉତ ଓ କବିତା ପତି ବୁଝାଇଥିଲେ। ପ୍ରଥମେ ନମ୍ରତା ବାରିକ, ସବିତା ମହାନ୍ତି, ପ୍ରତିଭା ପାତ୍ର, ଶ୍ୱେତଲିନା ମିଶ୍ର, ନିହାରୀକା ପାତ୍ରଙ୍କ ଦ୍ୱାରା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଫଟୋ ଚିତ୍ରରେ ପୂଜା ଅର୍ଚ୍ଚନା ଓ ମାଲ୍ୟାର୍ପଣ କରାଯାଇ ଥିଲା। 'ରାଷ୍ଟ୍ରର କଲ୍ୟାଣ ପାଇଁ ଦୁଇ ମହାତ୍ମାଙ୍କ ଭୂମିକା' ଶୀର୍ଷକ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ କବି କାର୍ତ୍ତିକ ସେଠୀ ପରିଚାଳନା କରିଥିଲେ। ଏଥିରେ ସତ୍ୟଜିତ୍ ପଣ୍ଡା ପ୍ରଥମ, ଜଗଦୀଶ୍ ଉପାଧ୍ୟାୟ ଦ୍ୱିତୀୟ ଓ ପ୍ରିୟଦର୍ଶନୀ ଭଞ୍ଜବାବୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ ପୂଜା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବାବୁ ବାବୁଙ୍କ ନିର୍ଦ୍ଦେଶନାରେ ରିଲିଜ୍ ହେଲା କାଳିଆର ଦୁଇଟି ଭଜନ 'ତୋ ବଡ଼ ପଣକୁ ଧିକ୍' ଓ 'ରାଗିଛ କି କୁହ କାଳିଆ ଧନ'



ଭୁବନେଶ୍ୱର, ୨୩/୧ (ନି.ପ୍ର): ବୁଲନ ଭାଇ ସେବା ସଦନରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ମୁକ୍ତିଲାଭ କରିଛି ଦୁଇଟି ଭଜନ ଯାହାକୁ ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ବାବୁ ବାବୁ । ଏହି ମୁକ୍ତିଲାଭ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ପ୍ରଯୋଜକ ସଚ୍ଚିକାନ୍ତ ଜେନା, ପ୍ରଣୟ ଜେଠୀ, ଡଃ ରଞ୍ଜନ କୁମାର ମହାପାତ୍ର ଏବଂ ସମାଜସେବୀ ବୁଲନ ଭାଇ ଉପସ୍ଥିତ ରହି ଦୁଇଟି ଭଜନ ଭିଡିଓର ସିଡ଼ି ଉନ୍ମୋଚନ କରିଥିଲେ । 'ତୋ ବଡ଼ ପଣକୁ ଧିକ୍' ଭଜନ ଅଡିଓ ୪ ମିଲିୟନରୁ ଅଧିକ ଭିୟୁଜ୍ ସଂଗ୍ରହ ହେଇସାରିଥିବା ବେଳେ ଅଭିନେତା ଅଶ୍ୱିନ ତ୍ରିପାଠୀ ଏବଂ ଅଭିନେତ୍ରୀ ରଶ୍ମିତାଙ୍କ ଅଭିନୀତ ଏହି ଭଜନ ଭିଡିଓ ନିଶ୍ଚିତ ଭାବେ ଢେର ବେଶୀ ଲୋକାଦୃତ ହେବ ଏଥିରେ ସନ୍ଦେହ ନାହିଁ । ସୌମ୍ୟରଞ୍ଜନ ବଳ ଙ୍କ ରଚିତ ଭଜନକୁ ଦିବ୍ୟ ଚନ୍ଦନ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଏବଂ ଦିପ୍ତିମୟୀ ଦାସ କଣ୍ଠଦାନ କରିଛନ୍ତି । ପ୍ରଯୋଜନା କରିଛନ୍ତି ରାଘବ ସ୍ୱାଇଁ ଯାହା ଓଡିଶା ମ୍ୟୁଜିକ୍ ବ୍ୟାନରରେ ମୁକ୍ତିଲାଭ କରିବ । ଠିକ ସେହିପରି ଆଉ ଏକ ଭଜନ 'ରାଗିଛ କି କୁହ କାଳିଆ ଧନ' ଗୀତକୁ ସୁବ୍ରତ ଜେନା ରଚନା କରିଥିବା ବେଳେ ଅମ୍ଳାନ ଜ୍ୟୋତି ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଏବଂ କଣ୍ଠଦାନ କରିଛନ୍ତି ଜ୍ୟୋତିର୍ମୟୀ ନାୟକ । ଅଭିନେତ୍ରୀ ଦେବସ୍ମିତା ଏବଂ ରଶ୍ମିତା ଏହି ଭଜନ ଭିଡ଼ିଓରେ ଅଭିନୟ କରିଛନ୍ତି । ଶ୍ରଦ୍ଧା ମ୍ୟୁଜିକ୍ ବ୍ୟାନରରେ ପ୍ରସ୍ତୁତ ହୋଇଥିବା ଏହି ଭଜନକୁ ପ୍ରଯୋଜନା କରିଛନ୍ତି ରଞ୍ଜିତ ନାଥ । ତେବେ ପୂର୍ବରୁ ପ୍ରଯୋଜକମାନେ ଆଧୁନିକ ଗୀତ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ ଏବେ ଭଜନକୁ ମଧ୍ୟ ଅଧିକ ପ୍ରାଧାନ୍ୟ ଦେଇ ଭଲ ବଜେଟରେ ଭଲ ଭଲ ନିର୍ଦ୍ଦେଶକ ଙ୍କୁ ନେଇ ନିର୍ମାଣ କରୁଛନ୍ତି । ନିର୍ଦ୍ଦେଶକ ବାବୁ ବାବୁ ଜଣେ ଆଗଧାଡିର ନିର୍ଦ୍ଦେଶକ ଭାବେ ବେଶ ଜଣାଶୁଣା । ୨୦୨୫ ବର୍ଷ ଆରମ୍ଭରେ ତାଙ୍କର ନିର୍ଦ୍ଦେଶିତ ୧୦ଟି ମ୍ୟୁଜିକ୍ ଭିଡ଼ିଓ ଏକା ସାଙ୍ଗରେ ଗୋଟିଏ ଦିନରେ ମୁକ୍ତିଲାଭ କରିଥିଲା । ଭଲ କଂସେପ୍ଟ ସହିତ କ୍ୱାଲିଟିକୁ ଗୁରୁତ୍ୱ ଦେଲେ ଦର୍ଶକାଦୃତ ହେବ ବୋଲି ଉପସ୍ଥିତ ଅତିଥି ବୃନ୍ଦ ପ୍ରକାଶ କରିଥିଲେ ।

# ଖରିଦା ପ୍ରିମିୟର ଲିଗ୍ ଉଦ୍ଘାଟିତ



ଜଳେଶ୍ୱର, ୨୩/୧ (ନି.ପ୍ର): ଜଳେଶ୍ୱର ବ୍ଲକ ବର୍ଦ୍ଧନା ପଞ୍ଚାୟତ ଖରିଦା ଗ୍ରାମର ଆଜି ଦିନ ୧୦ ଘଟିକା ସମୟରେ ପ୍ରୀମୀୟର ଲିଗର ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଆଇଆଇସି ରଞ୍ଜନ କୁମାର ସେଠୀ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଯୁବକ ମାନଙ୍କ ମଧ୍ୟରେ ପ୍ରତିଶ୍ରୁତିବଦ୍ଧତାକୁ ଆଣିବା ପାଇଁ କ୍ରିକେଟ ଖେଳ ଏକ ମାଧ୍ୟମ ତଥା ଭାଇ ଚାରା ସୃଷ୍ଟି କରିବା, ପରସ୍ପର ମଧ୍ୟରେ ସମ୍ପର୍କ ସ୍ଥାପନ କରିବା ହେଉଛି ଏକ ମାଧ୍ୟମ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ସମିତି ସଭ୍ୟ ତ୍ରିଲୋଚନ ଦାସ, ସମାଜ ସେବୀ ତଥା ସାମ୍ବାଦିକ ମନୋଜ କୁମାର ଭୂୟାଁ, ପ୍ରାକ୍ତନ ଶିକ୍ଷକ ସରୋଜ ଗିରି, ଶଶିକାନ୍ତ ପ୍ରଧାନ, ନୀଳକଣ୍ଠ ଦଳାଇ, ମନ୍ମଥ ଜେନା, ରବିନ୍ଦ୍ର ମହାଳିକ, ସତ୍ୟବ୍ରତ ମହାଳିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଖରିଦା ପ୍ରୀମୀୟର ଲିଗରେ ଆର କେ ଇଲେଭେନ୍ ଷ୍ଟାର, ସୁପରୀୟର ଏକ୍ସ ଆଇ, ଦେବୀ ୱାରୀୟସ୍ ଓ ରାମ ରୟାଲ୍ ଏହି ଚାରୋଟି ଦଳ ଭାଗ ନେଇଥିଲେ। କ୍ଲବର ସଭାପତି ଜଗଦିଶ ମହାଳିକ, ସମ୍ପାଦକ ତପନ ଜେନା, କାଳୀଚରଣ ଜେନା, ରବିନ୍ଦ୍ର ଦଳାଇ, ପ୍ରଫୁଲ୍ଲ ଗିରି, ଭରତ ପାଲ, ଶଶିକାନ୍ତ ଗାଣ, କମଳଲୋଚନ ମହାଳିକ, ତପନ ଜେନା, ଗୟାରମ ଜେନା, ସନ୍ତୋଷ ମହାଳିକ, ଦେବବ୍ରତ ଦଳାଇ, ଶଶାଙ୍କ ଦଳାଇ, ଇତିଶ୍ରୀ ମହାଳିକ, ପ୍ରିୟଙ୍କା ମହାଳିକ, ରୁବି ଜେନା, ସଂଘମିତ୍ରା ଜେନା, ପ୍ରିୟଙ୍କା ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ନେତାଜୀ ଯୁବକ ସଂଘ ପକ୍ଷରୁ ୧୨୮ ତମ ନେତାଜୀ ଜୟନ୍ତୀ



ବାସୁଦେବପୁର, ୨୩/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଖରିଦା ବିନାୟକପୁର ଗ୍ରାମ ପଞ୍ଚାୟତ ର ବେଲ ସାଉଁଳିଆ ଗ୍ରାମରେ ନେତାଜୀ ଯୁବକ ସଂଘ ପକ୍ଷରୁ ୧୨୮ ତମ ନେତାଜୀ ଜୟନ୍ତୀ ପାଳିତ ହୋଇ ଯାଇଛି। ଏହି ସଭାରେ ସୁରେନ୍ଦ୍ର ବାରିକ୍ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଶିକ୍ଷାବିତ୍ ଗଜେନ୍ଦ୍ର ପ୍ରସାଦ ମିଶ୍ର। ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ କବି ଓ ଶିକ୍ଷାବିତ୍ ଭଗବାନ ଚନ୍ଦ୍ର ମିଶ୍ର ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଲକ୍ଷ୍ମୀକାନ୍ତ ପଣ୍ଡା। ସମସ୍ତ ଅତିଥି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦେଶ ପ୍ରେମ ଓ ଜାତୀୟତା ବୋଧ ଓ ତାଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ପୀତାମ୍ବର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପ୍ରଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ନେତାଜୀ ଯୁବକ ସଂଘ ର ସମ୍ପାଦକ ଦୀନବନ୍ଧୁ ନାୟକ, ସଭାପତି ଶିବ ପ୍ରସାଦ ସାମଲ, ସଦସ୍ୟ କୈଳାସ ବେହେରା, ଉପେନ୍ଦ୍ର ପ୍ରଧାନ, ଗୌରାଙ୍ଗ ପ୍ରଧାନ, ଦୁଃଶାସନ ସାମଲ, ମାନସ ସାମଲ, ପ୍ରଫୁଲ୍ଲ ବାରିକ୍, ସୁବ୍ରତ ନାୟକ, ଗୟାଧର ପ୍ରଧାନ, ଲିପୁ ମଲ୍ଲିକ, ଶୁଭାଶିଷ ମିଶ୍ର, ତପନ ସେଠି, ସନ୍ତୋଷ ନାୟକ, ଅମିୟ ନାୟକ, ମହେଶ୍ୱର ସାମଲ, ମହେନ୍ଦ୍ର ନାୟକ ପ୍ରମୁଖ ଏହି କାର୍ଯ୍ୟ କ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। ସମସ୍ତେ ନେତାଜୀ ଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ପ୍ରତି ବ୍ଲକରେ ୨୦୦ରୁ ୩୦୦ ଅଯୋଗ୍ୟ ହିତାଧିକାରୀ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୨୩/୧ (ନି.ପ୍ର): ପ୍ରତି ବ୍ଲକରେ ଅଛନ୍ତି ୨୦୦ ରୁ ୩୦୦ ଅଧିକ ଅଯୋଗ୍ୟ ହିତାଧିକାରୀ । ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଦେଲେ ସାଙ୍ଘାତିକ ତଥ୍ୟ । ସରକାରୀ ଚାକିରୀ କରି ହାତେଇଛନ୍ତି ରାସନ କାର୍ଡ । ଆୟକର ଦେଇ ବି ରାସନ ନେଉଛନ୍ତି । ସରେଣ୍ଡର ପାଇଁ ପୁଣି ଥରେ ଅପିଲ କଲେ ଯୋଗାଣ ମନ୍ତ୍ରୀ । ସରେଣ୍ଡର କଲେ କୌଣସି କାର୍ଯ୍ୟନୁଷ୍ଠାନ ହେବନି । ଜାନୁଆରୀ ୩୧ କ୍ୱୋଇସି ଶେଷ ହେବ । ତା ପୂର୍ବରୁ ସରେଣ୍ଡର କରନ୍ତୁ । ବୋଧେ ଭୟରେ କେୱାଇସି ପାଇଁ ଆସୁ ନାହାନ୍ତି । କିନ୍ତୁ ଶୀଘ୍ର ସରେଣ୍ଡର କଲେ ଭଲ ବୋଲି ମନ୍ତ୍ରୀ କହିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ନେତାଜୀଙ୍କ ସଶସ୍ତ୍ର...

ନେତାଜୀଙ୍କ ଜୀବନାଦର୍ଶ, ପରାକାଷ୍ଠା ଏବଂ ସମାଜର ମଙ୍ଗଳ ପାଇଁ ତାଙ୍କର ଦୃଷ୍ଟିକୋଣ ଇତ୍ୟାଦିକୁ ବିଚାରକୁ ନେଇ ବିଶେଷକରି ଆମ ଯୁବଶକ୍ତିକୁ ଏକ ସମୃଦ୍ଧ ଦେଶ ନିର୍ମାଣ ପାଇଁ ଆଗକୁ ବଢିବାକୁ ପଡ଼ିବ। ଯାହାକି 'ବିକଶିତ ଭାରତ' ନିର୍ମାଣ ସହ ବିଶ୍ୱ ଦରବାରରେ ଭାରତର ଶକ୍ତି, ସାମର୍ଥ୍ୟ ଏବଂ ପରାକାଷ୍ଠାକୁ ସୁଦୃଢ କରିବାରେ ସହାୟକ ହେବ। ଯାହାକି ହେବ ନେତାଜୀଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ତମ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉତ୍କଳ ମାଟିର ବରପୁତ୍ରଙ୍କ ଶୌର୍ଯ୍ୟ, ତ୍ୟାଗ ଏବଂ ସାମର୍ଥ୍ୟକୁ ସମ୍ମାନ ଜଣାଇ ତାଙ୍କର ଜନ୍ମ ସହର କଟକରେ ତାଙ୍କର ଜୟନ୍ତୀ ପାଳନ କରିବା ଆମ ପାଇଁ ଏକ ସୌଭାଗ୍ୟର ଅବସର। ଏଥିପାଇଁ ଆମେ ସମସ୍ତେ ଗର୍ବିତ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଦିବସଟି ପ୍ରତ୍ୟେକ ଭାରତୀୟ ବିଶେଷ କରି ଓଡ଼ିଆଙ୍କ ପାଇଁ ଗର୍ବ ଏବଂ ଗୌରବର ଦିନ। ଏହି ଦିନରେ ହିଁ ବିପ୍ଳବୀ ଜନନାୟକ, ମହାନ ଦେଶଭକ୍ତ, ନିର୍ଭୀକ ଯୋଦ୍ଧା ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଟକରେ ଜନ୍ମ ଗ୍ରହଣ କରିଥିଲେ। ଆଜି ତାଙ୍କ ଜନ୍ମ ସହର ଭାବେ କଟକ ସାରା ବିଶ୍ୱରେ ଗର୍ବିତ। ଏଭଳି ଜଣେ ଜନନାୟକଙ୍କ ଜନ୍ମଦିବସକୁ 'ପରାକ୍ରମ ଦିବସ' ଭାବେ ପାଳନ କରିବା ପାଇଁ ଜାନୁଆରି ୧୯, ୨୦୨୧ ମସିହାରେ ନିଷ୍ପତ୍ତି ନେଇଥିଲେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ।

## ବିଶୃଙ୍ଖଳିତ ବିଧାୟକଙ୍କୁ ...

ବିଶୃଙ୍ଖଳିତ ବିଧାୟକଙ୍କୁ ବାଚସ୍ପତିଙ୍କ ଚେତାବନୀ । ଏଥର ଆଉ ବରଦାସ୍ତ କରାଯିବନି ବିଶୃଙ୍ଖଳା ! ବିରୋଧୀ ଦଳ ବିଧାୟକ ବିଶୃଙ୍ଖଳିତ ଆଚରଣ କଲେ ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠାନ । ଆସନ୍ତା ଫେବ୍ରୁଆରୀ ୧୩ରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭାର ବଜେଟ୍ ଅଧିବେଶନ । ଆଉ ଅଧିବେଶନ ପୂର୍ବରୁ ବିରୋଧୀ ଦଳର ବିଧାୟକମାନଙ୍କୁ ଏଭଳି ରୋକ୍ ଠୋକ୍ ବାଣୀ ଶୁଣାଇ ସତର୍କ କରିଛନ୍ତି ବାଚସ୍ପତି । ୨୪ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ଏବେ ବିରୋଧୀ ଭୂମିକାରେ ଅଛି । ନୂଆ ସରକାରକୁ ଟାର୍ଗେଟ କରିବା ଲାଗି କିଛି ବିରୋଧୀ ବିଧାୟକ ବାରମ୍ବାର ଗୃହରେ ବିଶୃଙ୍ଖଳିତ ଆଚରଣ କରୁଥିବା ଦେଖିବାକୁ ମିଳୁଥିବାରୁ ବାଚସ୍ପତି ଏଭଳି କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । କେତେବେଳେ ବିରୋଧୀ, ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢି ଯାଉଛନ୍ତି ତ ଆଉ କେତେବେଳେ ଗୃହ ମଧ ଭାଗରେ ଫାଇଲ୍ ଫିଙ୍ଗୁଛନ୍ତି। ଫଳରେ ଗୃହ ବାରମ୍ବାର ଅଚଳ ହେଉଛି। ବିଧାନସଭା ଅଧିବେଶନ ପୂର୍ବରୁ ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ସମସ୍ତଙ୍କ ସହଯୋଗ ଲୋଡିଥାନ୍ତି । ଏହାସତ୍ତ୍ୱେ ବି ବିରୋଧୀ ଗୃହରେ ବାରମ୍ବାର ବିଶୃଙ୍ଖଳିତ ଆଚରଣ କରି ଅଚଳାବସ୍ଥା ସୃଷ୍ଟି କରୁଛନ୍ତି । ନୂଆ ସରକାର ଆସିବା ପରେ ବିଧାନସଭାର ପ୍ରଥମ ଅଧିବେଶନରେ ବିଶୃଙ୍ଖଳିତ ଆଚରଣ ପାଇଁ ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ମାଧବ ଧଡାଙ୍କ ବିରୁଦ୍ଧରେ ୨୪ ଅଗଷ୍ଟ ୨୦୨୪ରେ ନିନ୍ଦା ପ୍ରସ୍ତାବ ଆଣିଥିଲା ସରକାରୀ ଦଳ । ସେହିପରି ଗତ ଅଧିବେଶନରେ ବି ଗୃହରେ ଆଚରଣ ଠିକ୍ ନରହିବାରୁ କଂଗ୍ରେସ ବିଧାୟକ ତାରା ବାହିନୀପତି ଓ ବିଜେଡିର ଦୁଇ ବିଧାୟକ ବ୍ରଜ ପ୍ରଧାନ ଏବଂ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନାଁରେ ନିନ୍ଦା ପ୍ରସ୍ତାବ ଆସିଥିଲା । ତେବେ ଗୃହ କାର୍ଯ୍ୟ ଶୃଙ୍ଖଳିତ କରିବାକୁ ବାଚସ୍ପତିଙ୍କ ତାଗିଦ ପରେ ବିଜେଡି ଓ କଂଗ୍ରେସରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ନାଲି ଆଖି ଦେଖାଇ ଡରାଇ ପାରିବେ ନାହିଁ । ସେମାନେ ବିରୋଧୀରେ ଥିବାବେଳେ ଯାହା କରିଥିଲେ ଆମ ତାହା କରିବାକୁ ବାଧ କରନ୍ତୁନି । କଂଗ୍ରେସ କହିଛି ଚେତାବନୀକୁ ଖାତିର ନକରି ଲଢେଇ କରିବୁ ।

## ନବ ଦାସ ହତ୍ୟାକାଣ୍ଡ...

ସାମ୍ନାକୁ ଆସିବା ପରେ ରାଜ୍ୟ ରାଜନୀତି ସରଗରମ ହୋଇଥିଲା। ଏହାକୁ ନେଇ ବିଭିନ୍ନ ପ୍ରଶ୍ନ ମଧ ଉଠିଥିଲା। ଏକ ସଂଗୀନ ହତ୍ୟା ମାମଲାରେ ସାର୍ଟ ପୋଡ଼ିବାକୁ କିଏ ଦେଲା ଅନୁମତି ? ଜଣେ ମନ୍ତ୍ରୀଙ୍କୁ ହତ୍ୟା କରାଯାଇଥିବା ବେଳେ ରକ୍ତଭିଜା ସାର୍ଟ ପୋଡ଼ାହେଲା କେମିତି ? ସାର୍ଟ ପୋଡ଼ିବାକୁ କ୍ରାଇମବ୍ରାଞ୍ଚ ଅନୁମତି ଦେଇଥିଲା କି ? ନା ପୁଲିସକୁ ସୂଚନା ନଦେଇ ସାର୍ଟ ପୋଡ଼ି ଦିଆଗଲା। ନା ପ୍ରମାଣକୁ ପୋଡ଼ି ଦେବାକୁ ବିଧିବଦ୍ଧ ଭାବେ ଯୋଜନା ହୋଇଥିଲା ? ତାକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ, ୨୦୨୩ ଜାନୁଆରୀ ୨୯ ତାରିଖରେ ରାଜ୍ୟର ତତକାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ଜଣେ ପୁଲିସ ଏଏସଆଇ ନିଜ ସର୍ଭିସ ରିଭଲଭରରୁ କ୍ଲୋଜ୍ ରେଞ୍ଜରୁ ଫାୟାରିଂ କରି ହତ୍ୟା କରିଥିଲେ। ଏହି ପ୍ରଭାବଶାଳୀ ମନ୍ତ୍ରୀଙ୍କ ହତ୍ୟାର ତଦନ୍ତଭାର ତତକାଳୀନ ବିଜେଡି ସରକାର ଦ୍ୱାରା କ୍ରାଇମବ୍ରାଞ୍ଚକୁ ଦିଆଯାଇଥିଲା। ୨୦୨୩ ମେ' ମାସରେ କ୍ରାଇମବ୍ରାଂଚ ୫୪୩ ପୃଷ୍ଠାର ଚାର୍ଜସିଟ୍ ମଧ ଝାରସୁଗୁଡ଼ା ଜେଏମଏଫସି କୋର୍ଟରେ ଦାଖଲ କଲା। କିନ୍ତୁ ନବ ଦାସଙ୍କୁ କେଉଁ କାରଣରୁ ହତ୍ୟା କରାଗଲା ତାହା ଏବେବି ରହସ୍ୟମୟ ହୋଇ ରହିଛି।

## ଡିଇଓଙ୍କ ଘରୁ ବାହାରୁଛି...

ମେସିନ୍ ମଧ ମଗାଯାଇଛି । କିଛି ଦିନ ପୂର୍ବରୁ ବିହାରର ଶିକ୍ଷା ବିଭାଗରେ ଅନିୟମିତତା ନେଇ ଖବର ଆସିଥିଲା । କିଛି ଡିଇଓ ଏବଂ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା । ଶିକ୍ଷା ବିଭାଗର ମୁଖ୍ୟ ସଚିବ ଏମ୍ ସିଦ୍ଧାର୍ଥ କିଶାନଗଞ୍ଜ ଜିଲ୍ଲା ଏବଂ ପୂର୍ବ ଚମ୍ପାରଣ ଜିଲ୍ଲାରେ ମଧ ଡିଇଓ ଏବଂ ଅନ୍ୟ ଅଧିକାରୀଙ୍କ ବିରୋଧରେ ସ୍କୁଲର ଟେବୁଲ୍ ଏବଂ ବେଞ୍ଚ କିଣାରେ ଅନିୟମିତତା ନେଇ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଥିଲେ । ବେତିହା ଜିଲ୍ଲା ଶିକ୍ଷା ଅଧିକାରୀ ରଜନୀକାନ୍ତ ପ୍ରବୀଣ ୨୦୦୫ରୁ ଏବେ ସୁଦ୍ଧା ୧,୮୭,୨୩,୬୨୫ ଟଙ୍କାର ଆୟବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ସୂଚନା ରହିଛି ।

## ଦିଲ୍ଲୀ ନିର୍ବାଚନ : କେଜ୍ରିୱାଲଙ୍କୁ ...

ଦୁର୍ନୀତି ମୁକ୍ତ ନାରା ଦେଇ ଦିଲ୍ଲୀରେ ଦୁଇଦୁଇ ଥର ସରକାର କରିଥିଲେ କେଜ୍ରିୱାଲ । ହେଲେ ତୃତୀୟ ଥର ସେ ଚାଲ ଆଉ ଚଳିବ ନାହିଁ । କାରଣ ଦିଲ୍ଲୀରେ ମଦ ଦୁର୍ନୀତିରେ କୋଟି କୋଟି ଟଙ୍କା ରାଜସ୍ୱ ହାନୀ ହୋଇଛି । ଇଏ ତ ଗଲା ମଦ ଦୁର୍ନୀତିର କଥା । ଏବେ ପୁଣି ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ଆଣିଛି ସ୍ୱାସ୍ଥ୍ୟ ଦୁର୍ନୀତିର ଅଭିଯୋଗ । ଅବକାରୀ ବିଭାଗ ପରି ସ୍ୱାସ୍ଥ୍ୟ ବିଭାଗରେ ବି କୋଟି କୋଟି ଟଙ୍କାର ଦୁର୍ନୀତି ହୋଇଥିବା ଜଣାପଡ଼ିଛି । ଯାହାକୁ ନେଇ ଆପ ଉପରେ ଖୁବ ବର୍ଷିଛି କଂଗ୍ରେସ । ଏହାସହ ଦଳ କହିଛି, ସିଏଜି ରିପୋର୍ଟ ଅନୁସାରେ କେଜ୍ରିୱାଲଙ୍କ ବିରୋଧରେ ୩୮୨ କୋଟି ଟଙ୍କାର ଦୁର୍ନୀତି ରହିଛି । ତେଣୁ ଏଥର ଦିଲ୍ଲୀବାସୀ କେଜ୍ରିୱାଲଙ୍କୁ ଆଉ ବିଶ୍ୱାସକୁ ନେବେ ନାହିଁ । ଦିଲ୍ଲୀ ନିର୍ବାଚନ ଲାଗି ଏବେ ରାଜଧାନୀର ରାଜନୈତିକ ପାଣିପାଗ ବେଶ ଉଷ୍ମ ହୋଇଛି । ବିଜେପି ପକ୍ଷରୁ ପ୍ରଚାର ମଙ୍ଗ ଧରିଛନ୍ତି ମୋଦି । ରାଲିରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦୁର୍ନୀତି କହିଲେ ଆପକୁ ବୁଝାଏ । ନିଜେ ମୁଖ୍ୟମନ୍ତ୍ରୀ ଥିବା ବେଳେ ବାସଭବନରେ ଦୁର୍ନୀତିର ଗନ୍ଧ ଆସୁଛି । ସାଧାରଣ ଲୋକଙ୍କୁ ମୌଳିକ ସୁବିଧା ଦେବାକୁ ବି ଆପ୍ ଚେଷ୍ଟା କରୁନି । ନିର୍ବାଚନ ଆସୁଥିବାରୁ ନିଇତି ନୂଆନୂଆ ଯୋଜନା ଘୋଷଣା କରୁଛି ଆପ । ବିଭିନ୍ନ ପ୍ରକାର ପ୍ରତିଶ୍ରୁତି ବି ଦେଉଛି ଦଳ । ହେଲେ ସେମାନେ ଭୁଲି ଯାଉଛନ୍ତି କି, ଜନତା ମୁର୍ଖ ନୁହନ୍ତି । ଯୋଜନା କରିବାରେ ଆପ୍ ବହୁତ ଡେରି କରିଦେଇଛି ବୋଲି ମୋଦି କହିଛନ୍ତି । ସେ ଆହୁରି ମଧ କହିଛନ୍ତି, ୧୦ ବର୍ଷ କ୍ଷମତାରେ ରହିବା ପରେ ବି ଯୋଜନା କରିବାରେ ସଫଳ ହେଲେନାହିଁ ଯେ ଏବେ ପୁଣି ଯୋଜନା କରୁଛନ୍ତି । ବିଜେପି ଯେଉଁପରି ଭାବରେ କେଜ୍ରିୱାଲଙ୍କ ଉପରେ ବର୍ଷିଛି । ଠିକ୍ ସେମିତି କଂଗ୍ରେସ ବି ଆଟାକ୍ କରିଛି କେଜ୍ରିୱାଲଙ୍କ ଉପରେ । ଦଳ କହିଛି, ଦୁର୍ନୀତି କରିବାରେ ମାଷ୍ଟର ହେଉଛି ଆପ୍ ସରକାର । ଲୋକଙ୍କ ଟିକସ ପଇସାରେ ସରକାର ଯେଉଁଭଳି ଦୁର୍ନୀତି କରିଛନ୍ତି ତାହାକୁ କେବେ ବି ଗ୍ରହଣ କରିବ ନାହିଁ ଦିଲ୍ଲୀ । ଏଥର ଆପ୍ ସରକାର କରିବାରେ କେବେ ସଫଳ ହେବ ନାହିଁ ବୋଲି ଦଳ କହିଛି । ମୋଟ୍ ଉପରେ ଦିଲ୍ଲୀର ଜଙ୍ଗ ଜିତିବାକୁ ଏବେ ତିନି ପ୍ରମୁଖ ଦଳ ଗ୍ରାଉଣ୍ଡରେ ଡେରା ପକାଇଛନ୍ତି । ନିଇତି ସଭା କରିବା ସହିତ ନୂଆନୂଆ ଯୋଜନା କରି ଲୋକଙ୍କ ଭୋଟ ନେବାକୁ ଚାହୁଁଛନ୍ତି । ତେଣୁ ଏମିତି ଆରୋପ-ପ୍ରତ୍ୟାରୋପ ରାଜନୀତିରେ କେମିତି କେଜ୍ରିୱାଲ ଭୋଟ୍ ବ୍ୟାଙ୍କ ଯୋଗାଡ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ୭୨ ଗ୍ରାମ୍ ବ୍ରାଉନସୁଗାର ...

ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱସ୍ଥ ବାରମାଇଲ ଭାରତ ପେଟ୍ରୋଲ ପମ୍ପ ନିକଟରେ ଚଢାଉ କରାଯାଇଥିଲା।ଚଢ଼ାଉ ପରେ ଯାଞ୍ଚ କରାଯିବାରୁ ଦିବାକର ନିକଟରୁ ୭୨ ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରାଯାଇଛି। ଏନେଇ ସେଟ୍ ଲାଇଟ୍ ଥାନାରେ ୨୦୨/୨୦୨୪-୨୫ ନମ୍ବରର ଏକ ମାମଲା ରୁଜୁ ହୋଇଛି। ସେଟଲାଇଟ୍ ୟୁନିଟ୍ ଇନ୍ସପେକ୍ଟର ଲକ୍ଷ୍ୟ ସାଧବ ପ୍ରଧାନ ଙ୍କ ନେତୃତ୍ୱରେ ଏହି ଚଢାଉରେ ଏଏସଆଇ ସଞ୍ଜୀବ କୁମାର ମୁଣ୍ଡା, ସାଲାଇ ହେମ୍ବ୍ରମ, କନେଷ୍ଟବଳ ଜଗବନ୍ଧୁ ବାରିକ ଓ ମଧୁସ୍ମିତା ମହାନ୍ତ ପ୍ରମୁଖ ସାମିଲ ଥିଲେ।

ଧ୍ୱନି ପ୍ରତିଧ୍ୱନି



# ବିଦ୍ୟାଳୟରେ ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

ବସ୍ତା୨୩/୦୧/(ନିପ୍ର) : ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଶା ଦ୍ୱାରା ପରିଚାଳିତ ଲକ୍ଷ୍ମୀ ବାସନ୍ତୀ ସ୍ୱତନ୍ତ୍ର ମୂକ ଓ ବଧିର ଆବାସିକ ବିଦ୍ୟାଳୟ, ଏଲିନା ଏଲିଶା ମାନସିକ ଅନଗ୍ରସର ବିଦ୍ୟାଳୟ ଏବଂ ଆଶା ଫିଜିଓଥେରାପିୟୁଟିକ ସେଣ୍ଟର ରେ ନେତାଜୀ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଆଶା ର ପ୍ରତିଷ୍ଠାତା ଓ ସମ୍ପାଦକ ଯୁବ ସମାଜସେବୀ ଶ୍ରୀଯୁକ୍ତ ଅମର କୁମାର ପାଲ ପୌରହିତ୍ୟ କରିବାସହିତ ସହ ପୂର୍ବତନ ସମ୍ପାଦିକା ଶ୍ରୀମତୀ ମଞ୍ଜୁବତୀ ବିଶ୍ୱାଳ ମଧ ଉପସ୍ଥିତ ଥିଲେ । ଶ୍ରୀଯୁକ୍ତ ପାଲ ନେତାଜୀ ଏବଂ ସାଏଙ୍କ ଜୀବନୀ ସମ୍ପର୍କରେ ସଂକ୍ଷିପ୍ତ ଭାବରେ ଆଲୋଚନା କରିଥିଲେ । ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ ଯଥା ଶ୍ରୀମତୀ ସ୍ମିତାରାଣୀ ମହାପାତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସାହସ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ବୀରତ୍ୱର କାହାଣୀ ଉପସ୍ଥାପନ କରିଥିଲେ । ଶ୍ରୀଯୁକ୍ତ ଅରୁଣ କୁମାର ଦାସ ଏବଂ ଶ୍ରୀ ପ୍ରଦୀପ କୁମାର ସାହୁ ଏହି ଦୁଇ ବରପୁତ୍ର ଙ୍କ ତ୍ୟାଗ ଓ ତାଙ୍କ ଠାରୁ ପାଇଥିବା ପ୍ରେରଣା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶ୍ରୀ ଭକ୍ତରଞ୍ଜନ ସାହୁ, ଜୟଶ୍ରୀ ସ୍ୱାଇଁ, ଅଶୋକ କୁମାର ବିଶ୍ୱାଳ, ହର୍ଷବର୍ଦ୍ଧନ ଧଳ, ଗୋପାଳ ଆଇଚ, ଅପର୍ଣ୍ଣା ରାଉତ, ହେମାଙ୍ଗିନୀ ମହାର୍ଣ୍ଣା, ଅଜୟ ଦଳାଇ, ଶ୍ରୀମତୀ ଅଞ୍ଜୁରାଣୀ ଦାସ, ଶ୍ରୀମତୀ ଦୀପ୍ତି ଦେଓ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ଏବଂ



ଶେଷରେ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଅପରାଜିତା ସେନାପତିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇ ସଭା ସାଙ୍ଗ କରାଯାଇଥିଲା ।

# ଦୁଇବର୍ଷ ତଳେ ନବନିର୍ମିତ ପୋଲକୁ ହୋଇପାରୁନି ରାସ୍ତା ସଂଯୋଗ: ଅର୍ଥାଭାବରୁ ସଂଯୋଗ ହୋଇପାରୁନଥିବା ବିଭାଗୀୟ ଅଧିକାରୀଙ୍କ ସୂଚନା

ନୀଳଗିରି, ୨୩/୧ (ନି.ପ୍ର): ନୀଳଗିରି ବ୍ଲକ ଅଧୀନ କେସିପୁର ପଞ୍ଚାୟତ ଭେଜିଗୁଠ ଗ୍ରାମ ନିକଟରେ ଗ୍ରାମ୍ୟଉନ୍ନୟନ ବିଭାଗପକ୍ଷରୁ ଛତ୍ରପୁର - ବାରାଖେଦା ଓ ଭେଜିଗୁଠକୁ ସଂଯୋଗ କରୁଥିବା ରାସ୍ତାର ଦୁଇବର୍ଷ ତଳେ ନୂତନଭାବେ ନିର୍ମାଣ କରାଯାଇଥିବା ପୋଲଟି ମୁଖ୍ୟରାସ୍ତା ସହିତ ସଂଯୋଗ ହୋଇନପରିବା ଫଳରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ଅଧିବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମୁଖ୍ୟତଃ ବର୍ଷାଦିନରେ ପାହାଡ, ଜଙ୍ଗଲ ପାଣି ପ୍ରବାହିତ ହେଉଥିବାରୁ ଯାତାୟତରେ ଘୋର ଅସୁବିଧା ହୋଇଥାଏ । ପୁରୁଣା ଚଟାଣରେ ସଠିକ୍ ଭାବରେ ପାଣି ନିଷ୍କାସନ ହୋଇପାରୁନଥିବାରୁ ଚଟାଣ ଉପରେ ୫ଫୁଟ ଉପରେ ପାଣି ପ୍ରବାହିତ ହୋଇଥାଏ । ଫଳରେ



ଉକ୍ତଅଞ୍ଚଳର ୧୫ ଟି ପାଖାପାଖି ଗାଁର ଲୋକମାନେ ଉକ୍ତ ଚଟାଣ ଦେଇ ଯାଇପାରୁନଥିବାରୁ ୭ କି.ମି. ବୁଲି ଯିବାକୁ ପଡିଥାଏ । ଏନେଇ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦୀର୍ଘଦିନଧରି ଦାବୀ କରିବାପରେ ଗ୍ରାମ୍ୟଉନ୍ନୟନ ବିଭାଗ ତରଫରୁ ପୁରୁଣାଚଟାଣ ନିକଟରେ ୪୦ଲକ୍ଷ ଟଙ୍କା ବ୍ୟୟରେ ନୂତନଭାବେ ପୋଲ ନିର୍ମାଣ କରିବାକୁ ବ୍ୟୟବରାଦ ହୋଇଥିଲା । ଉକ୍ତ କାର୍ଯ୍ୟକୁ ଠିକାଦାର ୨ବର୍ଷ ତଳେ ନିର୍ମାଣକାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ ମଧ ଏପର୍ଯ୍ୟନ୍ତ ମୁଖ୍ୟରାସ୍ତାକୁ ସଂଯୋଗ ହୋଇପାରି ନାହିଁ । ଏନେଇ ବିଭାଗୀୟ ଅଧିକାରୀ ପୋଲରୁ ରାସ୍ତାକୁ ସଂଯୋଗ କରିବା ପାଇଁ ଅର୍ଥନଥିବା କାରଣ ଦର୍ଶାଇ ଏଭଳି ସମସ୍ୟା ଉପୁଜିଥିବା କହିଛନ୍ତି । ସୁତରାଂ ପୁରୁଣା ଜରାଜୀର୍ଣ୍ଣ ଚଟାଣଟି ବିପଦସଂକୁଳ ଅବସ୍ଥାରେ ଥିବାରୁ ନୂତନ ପୋଲକୁ ସଂଯୋଗ କରିବ ଜରୁରୀ ହୋଇପଡ଼ିଛି । ବାରମ୍ବାର ଅଭିଯୋଗ ପରେ ଅଭିଯୋଗ ହୋଇଚାଲିଥିଲେ ମଧ ପ୍ରଶାସନର ନିଦ ଭାଙ୍ଗୁନାହିଁ । ଏଥିପ୍ରତି ଦୃଷ୍ଟି ଦେବାଲାଗି ସ୍ଥାନୀୟ ବାସିନ୍ଦା ଦାବି କରିବା ସହିତ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେବେ ଅର୍ଥାଭାବ ପ୍ରକୃତ କାରଣ ନା ଅନ୍ୟ କୌଣସି କାରଣ ରହିଛି ତାହା ଭିଜିଲାନ୍ସ ତଦନ୍ତ ହେଲେ ଜଣାପଡିବ ବୋଲି ଅଞ୍ଚଳବାସୀ ଦାବୀ କରିଛନ୍ତି ।

# ରେମୁଣାରେ ପରାକ୍ରମ ଦିବସ ଅବସରରେ ଏକ ବିଶାଳ ସାଇକେଲ ରାଲି ଅନୁଷ୍ଠିତ

ବାଲେଶ୍ୱର, ୨୩/୧ (ନି.ପ୍ର): ଓଡ଼ିଶାର ବରପୁତ୍ର ,ମହାନ୍ ସ୍ୱାଧୀନତା ସଂଗ୍ରାମୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମଜୟନ୍ତୀ ତଥା ପରାକ୍ରମ ଦିବସ ଅବସରରେ ବାଲିଆ ରାମେଶ୍ୱର ମନ୍ଦିର ନିକଟରୁ ରେମୁଣା ମନ୍ଦିର ଛକ ପର୍ଯ୍ୟନ୍ତ ଏକ ବିଶାଳ ସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା । ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଶ୍ରୀ ଦାସ ,ବିଧାୟକ ସଦର ମାନସ ଦତ୍ତ, ବିଧାୟକ ନିଳଗିରି ସନ୍ତୋଷ କୁମାର ଖଟୁଆ, ଡିଆଇଜି ବାଲେଶ୍ୱର ସତ୍ୟଜିତ ନଇକ ଜିଲ୍ଲାପାଳ ବାଲେଶ୍ୱର ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ.ପି. ବାଲେଶ୍ୱର ରାଜ ପ୍ରସାଦ, ଉପଜିଲ୍ଲାପାଳ ବାଲେଶ୍ୱର ପ୍ରଥମେସ ରାଜଶ୍ରୀକେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ , ସମିତି ସଭ୍ୟ, ସାଂସଦ ପ୍ରତିନିଧି ରେମୁଣା ଉମାକାନ୍ତ ପଣ୍ଡା, ନାରୀନେତ୍ରୀ ଶୋଭନା ମହାନ୍ତି, ମଣ୍ଡଳ ସଭାପତି ମାନସ ମହାନ୍ତି, ରଘୁନାଥ ପରିଡ଼ା, ପ୍ରଫୁଲ୍ଲ ଦ୍ୱିବେଦୀ, ବିବେକ ବିକାଶ ରାଉତ, ମାୟାଧର ପ୍ରଧାନ, ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା, ମଳୟ କୁମାର ବିଶ୍ୱାଳ, କାହ୍ନୁ ଚରଣ ବେହେରା, ଅଜୟ ଭାଇ, ମହେଶ୍ୱର ପ୍ରଧାନ, ନିତୁନ କୁମାର ସାହା ଇତ୍ୟାଦି ଯୋଗ ଦେଇଥିଲେ । ପାଖାପାଖି ୮୦୦ ରୁ ଉର୍ଦ୍ଧ ସ୍ଥାନୀୟ ସ୍କୁଲ ଛାତ୍ର ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପିଲାମାନଙ୍କ ସହ ଅତିଥି ମାନେ ମଧ ସାଇକେଲ ଚଳାଇ ରାମେଶ୍ୱର ମନ୍ଦିର ଠାରୁ ରେମୁଣା ମନ୍ଦିର ଛକ ପର୍ଯ୍ୟନ୍ତ ଯାଇଥିଲେ । ଆୟୋଜକ ମାନଙ୍କ ତରଫରୁ ରେମୁଣା ଗୋଲେଇରେ ପିଲାମାନଙ୍କ ଉପରକୁ ପୁଷ୍ପ ବର୍ଷା କରାଯାଇଥିଲା । ମନ୍ଦିର ଛକ ନିକଟରେ ରେମୁଣା ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରୀଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ପରେ ଅତିଥିମାନେ ନିଜ ନିଜ ଅଭିଭାଷଣ ମାଧମରେ ସୁବାଷ ଚନ୍ଦ୍ର ବୋଷଙ୍କ ଦେଶ ପ୍ରତି ଅବଦାନ, ତାଙ୍କ ଦେଶ ପ୍ରେମ ଏବଂ ଜୀବନୀ ବିଷୟରେ ଉପସ୍ଥିତ ପିଲାମାନଙ୍କୁ କହିଥିଲେ । ମାରାଥନରେ ଭାଗ ନେଇଥିବା ସମସ୍ତ ସ୍କୁଲମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ବାଲେଶ୍ୱର ବିଜେପି ଯୁବମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ଓ ସୁରକ୍ଷା ନିମନ୍ତେ ପ୍ରଶିକ୍ଷଣ

କପ୍ତିପଦା, ୨୩/୧ (ନି.ପ୍ର): କପ୍ତିପଦା ବନାଞ୍ଚଳ ପରିସରରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ଓ ଏହାର ସୁରକ୍ଷା ନିମନ୍ତେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସ ଓ ଫାୟାର ଷ୍ଟେସନ ଅଧିକାରୀ ନରେନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସହିତ ନିଜେ ସୁରକ୍ଷିତ ରହିବା, ଜଙ୍ଗଲରେ ନିଆଁ ଲାଗିଥିଲେ ବ୍ଲୋୟର ମେସିନ୍ ଦ୍ୱାରା ଲାଇନିଂ କରିବା ଦିଗରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏଥିରେ କପ୍ତିପଦା ବନପାଳ ଲକ୍ଷ୍ମୀକାନ୍ତ ବେହେରା, ପୋଡାଡିହା ବନପାଳ ହିଂମାଂଶୁ ମହାନ୍ତ, ନଟୋ ବନପାଳ ଶିରିଶ ଦଳେଇ,ଶରତ ବନପାଳଙ୍କ ସହିତ ଫାୟାର ସ୍ୱାଡ୍ ଓ ପ୍ରୋଟେକସନ୍ ସ୍ୱାଡ୍ ପ୍ରମୁଖ ଯୋଗଦେଇଥିଲେ ।

# ଜାନୁଆରୀ ୩୧ରେ ଶେଷ ହେବ ଇ - କେୱାଇସି

ଭୁବନେଶ୍ୱର, ୨୩/୧ (ନି.ପ୍ର): ଜାନୁଆରୀ ୩୧ରେ ଶେଷ ହେବ ଇ-କେୱାଇସି । ତା ପୂର୍ବରୁ ଅଯୋଗ୍ୟ ହିତାଧିକାରୀ କାର୍ଡ ସରେଣ୍ଡର କରିବାକୁ ପୁଣି ଥରେ ଅପିଲ କରିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ବୋଧେ ଭୟରେ ଇ - କେୱାଇସି ପାଇଁ ଆସୁ ନାହାନ୍ତି । କିନ୍ତୁ ଶୀଘ୍ର ସରେଣ୍ଡର କଲେ ଭଲ । ବ୍ଲକରେ ୨୦୦ ରୁ ୩୦୦ ଅଧିକ ଅଯୋଗ୍ୟ ହିତାଧିକାରୀ ଅଛନ୍ତି । ସରକାରୀ ଚାକିରୀ କରି ହାତେଇଛନ୍ତି ରାସନ କାର୍ଡ । ସରେଣ୍ଡର କଲେ ଭଲ ବୋଲି ମନ୍ତ୍ରୀ କହିଛନ୍ତି ।

# ବିଭିନ୍ନ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ ପାଳିତ

କପ୍ତିପଦା, ୨୩/୧ (ନି.ପ୍ର): କପ୍ତିପଦା ବ୍ଲକ୍‌ର ବିଭିନ୍ନ ଶିକ୍ଷାନୁଷ୍ଠାନ, ସଂଗଠନ ଓ ସରକାରୀ ଅନୁଷ୍ଠାନରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସୋଲଗଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ନେତାଜୀ ସୁବାସ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ତାଜକିଶୋର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଦୁଇ ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ଫଟୋଚିତ୍ରରେ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଧୂପ, ଦୀପ ଓ ମାଲ୍ୟାର୍ପଣ ଅର୍ପଣ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉକ୍ତ



ଦୁଇ ମହାନ ସ୍ୱାଧୀନତା ସଂଗ୍ରାମୀ ସୁବାସ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୩୫ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଶିକ୍ଷକ ସଂଗ୍ରାମକେଶରୀ ଶତପଥୀ, ବାବୁରାମ ସେଠୀ, ଶିକ୍ଷୟତ୍ରୀ କମଳା ଦାସ, ତୁଳସୀ, ସାମଲ, ସିପ୍ରା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ନଛିପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ନେତାଜୀ ସୁଭାସ ଚନ୍ଦ୍ର ବୋଷଙ୍କ ୧୨୮ତମ ଜନ୍ମଜୟନ୍ତୀ ଓ ଉତ୍କଳ ଶିକ୍ଷା ପରିଷଦର ପ୍ରାଣ ପ୍ରତିଷ୍ଠାତା ସଦାନନ୍ଦ ଜୀଙ୍କ ପୁଣ୍ୟ ଜନ୍ମତିଥିରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ବିଦ୍ୟାଳୟର କୁନି କୁନି ଶିଶୁ ଶିକ୍ଷାର୍ଥୀମାନଙ୍କ ସହିତ ମୁଖ୍ୟଅତିଥି ରଘୁନାଥ ସିଂ, ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସେଠୀ, ପ୍ରଧାନ ଆଚାର୍ଯ୍ୟ ଯୋଗେଶ୍ୱର ସାହୁ ଓ ଗୁରୁଜୀ ଅଭିମନ୍ୟୁ ନାଏକ ପ୍ରମୁଖ ନେତାଜୀ ଓ ସଦାନନ୍ଦ ଜୀଙ୍କ ଫଟୋଚିତ୍ରକୁ ପୂଜାର୍ଚ୍ଚନା କରି ମାଲ୍ୟାର୍ପଣ କରିଥିଲେ । ଏଥିରେ ଗୁରୁମା ଲିପିକା ସାହୁ, ପୁଷ୍ପାଞ୍ଜଳୀ ଦାସବାବୁ ଓ ଗାୟତ୍ରୀ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ଅଲିପୁର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ



ଖଇରା, ୨୩/୧ (ନି.ପ୍ର): ଭାରତର ସଂସ୍କୃତି ଅନ୍ୟ ଦେଶ ମାନଙ୍କ ଠାରୁ ଭିନ୍ନ । ପୁରାଣ କାଳରୁ ମୁନିଋଷିଙ୍କ ସମୟରୁ ଭାରତ ନିଜର ମହାନ ସଂସ୍କୃତି ପାଇଁ ସ୍ୱତନ୍ତ୍ରତା ଲାଭ କରିବା ସହ ଏହି ସଂସ୍କୃତି ପାଇଁ ଭାରତ ବଞ୍ଚିଛି ଏବଂ ଶିଶୁ ମନ୍ଦିର ଭଳି ଅନୁଷ୍ଠାନ ଏହାକୁ ବଞ୍ଚାଇ ରଖିଛନ୍ତି ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ସରସ୍ୱତୀ ମନ୍ଦିରର ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥି ମାନେ ଆଲୋକପାତ କରିଛନ୍ତି । ଗୁରୁବାର ସଂଧ୍ୟାରେ ପରିଚାଳନା କମିଟିର ସଭାପତି ନିରଞ୍ଜନ ସାମଲଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ଗଦାଧର ଦାସ ମୁଖ୍ୟ ଅତିଥି,ଭୁବନେଶ୍ୱର ନିଳାଦ୍ରୀବିହାର ଶିଶୁଜ୍ଞାନ ମନ୍ଦିର ର ପ୍ରାକ୍ତନ ସମ୍ପାଦକ ଇନ୍ଦ୍ରମଣି ସେଣ୍ଠ ମୁଖ୍ୟବକ୍ତା,ସରପଞ୍ଚ ପ୍ରଣତୀବାଳା ମାଝୀ,ସିଆରସିସି ଲମ୍ବୋଦର ନନ୍ଦ ଓ କମିଟିର ପୂର୍ବତନ ସଭାପତି ସୁରେନ୍ଦ୍ର ପ୍ରସାଦ ରାଉତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ପାଦକ ଦିଲ୍ଲିପ କୁମାର ତ୍ରୀପାଠି ବିବରଣୀ ପାଠ,ପ୍ରଧାନାଚାର୍ଯ୍ୟ ଜୟନ୍ତ କୁମାର ମାଝୀ ଅତିଥି ପରିଚୟ ଓ ଆଲୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ପିଲାମାନେ ନୃତ୍ୟଗୀତର ଯାଦୁ ଦେଖାଇଥିଲେ । ଗୁରୁଜୀ ନାରାୟଣ ମାଝୀ,ଗୁରୁମା ଭାନୁମତୀ ବେହେରା, ବାସନ୍ତୀ ଲେଙ୍କା,ପ୍ରମିଳ ଜେନା, ଭାଗ୍ୟଦେବୀ ମାଝୀ, ମମତାମୟୀ ଉପାଧ୍ୟାୟ ଓ ସସ୍ମିତା ସାହୁ , ସେବିକା ଶାନ୍ତିଲତା ପାତ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ବାଲିଆପାଳ, ୨୩/୧ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଲିଆପାଳ ବିଜ୍ଞାପିତ ଅଞ୍ଚଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଆଜି ଅପରାହ୍ନରେ ବାଲିଆପାଳ ବ୍ଲକ ଛକ ନିକଟସ୍ଥ ଶୁଭମ ଗେଷ୍ଟ ହାଉସ ପରିସରରେ ବିଦ୍ୟାଳୟ ପରିଚାଳନା କମିଟିର ସ୍ଥାୟୀ ସଭାପତି ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ. ବିଜୟ କୁମାର



ଦେ, ମୁଖ୍ୟ ବକ୍ତା ଭାବରେ ଶିକ୍ଷା ବିକାଶ ସମିତିର ବାଲେଶ୍ୱର ଜିଲ୍ଲା ସହ ପ୍ରମୁଖ ଶ୍ରୀନିବାସ ପ୍ରଧାନ, ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସଞ୍ଜୁଲତା ପାତ୍ର ବାର୍ଷିକ ବିବରଣୀ ପାଠ ଏବଂ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଆଚାର୍ଯ୍ୟ ମନୋଜ ବାରିକ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଆଚାର୍ଯ୍ୟ ସୁମିତା ମଣ୍ଡଳ, ମନୀତା ରାଜ, ସସ୍ମିତା ସାହୁ, ନିବେଦିତା ସାହୁ, ଅହଲ୍ୟା ପାତ୍ର, ଆଚାର୍ଯ୍ୟ ତପନ ନାୟକ ପରିଚାଳନା କମିଟିର ସମ୍ପାଦକ ଶୁଭ୍ରାଂଶୁ ବିଶ୍ୱାଳ,ସହ ସମ୍ପାଦକ ଅମିତ କୁମାର ସାହୁ, ତଥା ସମସ୍ତ ସଦସ୍ୟ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପରିଚାଳନା କମିଟିର ଉପସଭାପତି ମନୋଜ କୁମାର ସୀ ଧନ୍ୟବାଦ ଦେଇଥିଲେ ।

# ସାମାଜିକ ସୁରକ୍ଷାରୁ ବଂଚିତ ବିଧବା ମହିଳା 'ଅନୁ'



ଉଦଳା , ୨୩/୧ (ନି.ପ୍ର): ୟେ ହେଉଛି ଉଦଳା ବ୍ଲକ ଅନ୍ତର୍ଗତ ବହୁବନ୍ଧ ପଂଚାୟତର ବହୁବନ୍ଧ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସହଦେବ ପାତ୍ରଙ୍କର ଦେହାନ୍ତ ହୋଇଯିବା ଫଳରେ ଆଜକୁ ପାଖାପାଖି ଗୋଟିଏ ବର୍ଷ ହେବ ତାଙ୍କର ସହ ଧର୍ମିଣୀ 'ଅନୁ' ବିଧବା ଜୀବନ ବିତାଉଛନ୍ତି । ସାମାଜିକ ସୁରକ୍ଷା ଯୋଜନାରେ ବିଧବା ମାନଙ୍କୁ ସରକାର ଯୋଗାଇ ଦେଉଥିବା ଭତା 'ଅନୁ' ଏ ପର୍ଯ୍ୟନ୍ତ ପାଇପାରିନଥିବାର ଜଣାଇଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ବାରମ୍ବାର ହୋଇ ମଧ କୌଣସି ସୁଫଳ ମିଳିନଥିବାର 'ଅନୁ' କହିଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାରେ କାର୍ଯ୍ୟରତ ଏକ ଲୋକ ସଂଗଠନର ସଦସ୍ୟ ମାନେ ଦାବି ଜଣାଇଛନ୍ତି ।

# ସହାୟକ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ



ବାଲେଶ୍ୱର, ୨୩/୧ (ନି.ପ୍ର): ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଆଜି ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ' ପକ୍ଷରୁ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ଗୃହରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବ୍ଲଡ୍ ବ୍ୟାଙ୍କ୍ ଅଧିକାରୀ ଡ. ବସନ୍ତ କୁମାର ଉପାଧାୟ ଓ 'ସହାୟକ'ର ସଭାପତି ଡ. କ୍ଷିତୀଶ୍ୱର ଦାଶ, ପୂର୍ବତନ ସଭାପତି ସୁରେନ୍ଦ୍ରନାଥ ଦାସ, ସାଧାରଣ ସଂପାଦକ ଇଂ. ଡ. ହୃଷିକେଶ ସାହୁ, ଉପଦେଷ୍ଟା ଇଂ. ବନମାଳୀ ନାୟକଙ୍କ ସହଯୋଗରେ ଏହି ଶିବିରକୁ ଉଦ୍‌ଘାଟନ କରାଯାଇଥିଲା । ଉକ୍ତ ରକ୍ତ ସଂଗ୍ରହ କାର୍ଯ୍ୟରେ ବ୍ଲଡ୍‌ବ୍ୟାଙ୍କ୍‌ର ବରିଷ୍ଠ କର୍ମଚାରୀ ସୁଚିସ୍ମିତା ଦାସ ଓ ସହକର୍ମୀ ମୋନାଳି ମଲ୍ଲିକ୍, ସତ୍ୟପ୍ରକାଶ ଦାଶ, ବିଦ୍ୟାଧର ସାହୁ, ପଦ୍ମଲୋଚନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ସଂଗଠନର ଅକ୍ଷୟ କୁମାର ତ୍ରିପାଠୀ, ପ୍ରଫୁଲ୍ଲ କୁମାର ଦାସ, ଶ୍ୟାମସୁନ୍ଦର ଜେନା, ରମେଶ ଚନ୍ଦ୍ର ଜେନା, ଅମିତା ଦାଶ, ସାବିତ୍ରୀ ଦାସ, ଗୁଣାକର ଦେ, ଇଂ. ଶ୍ରୀରାମ ପ୍ରସାଦ ଦାଶ, ଇଂ. କେଶବ ଚନ୍ଦ୍ର ମହାନ୍ତି, ବୀରେନ୍ଦ୍ର କୁମାର ପ୍ରହରାଜ, ଯୋଗେଶ ଚନ୍ଦ୍ର ପ୍ରଧାନ, ଯଶୋଦା ନନ୍ଦନ ଆଶ୍, ଭବେଶ ଚନ୍ଦ୍ର ପଣ୍ଡା, ଡା. ତାରାକାନ୍ତ ନନ୍ଦ, ବସନ୍ତ କୁମାର ନାୟକ, କଲ୍ୟାଣୀ ନନ୍ଦ, ବେଣୁଧର ପାଳ, ଦାମୋଦର ନାୟକ, ଜ୍ଞାନେନ୍ଦ୍ର ସାହୁ, ସୁରେନ୍ଦ୍ର ପ୍ରସାଦ ଧଳ, ପଦ୍ମଲୋଚନ ଦତ୍ତ, ରବୀନ୍ଦ୍ରନାଥ ଗିରି, ପୁରଷ୍ତମ ବେହେରା, ବରିଷ୍ଠ ଆଇନ୍‌ଜୀବୀ ନିରଞ୍ଜନ ପରିଡ଼ା ଓ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ୪୦ୟୁନିଟ୍ ରକ୍ତ ଏହି ଶିବିରରେ ସଂଗ୍ରହ କରାଯାଇଥିଲା ।

# ଉଦଳା ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ ଜୁବୁଲି: ପାଳନ ପାଇଁ ମାର୍ଚ୍ଚ ୮ ଓ ୯ ତାରିଖ ଦିନ ହେଲା ଧାର୍ଯ୍ୟ

ଉଦଳା , ୨୩/୧ (ନି.ପ୍ର): ଉଦଳା ଉଚ୍ଚ ବିଦ୍ୟାଳୟର ୭୫ ବର୍ଷ ପୁର୍ତି ପ୍ଲାଟିନମ ଜୁବୁଲି ପାଳନ ପାଇଁ ପୁର୍ବ ନିର୍ଦ୍ଧାରିତ ଘୋଷଣା ଅନୁସାରେ ଆଜି ଜାନୁଆରୀ ୨୩ ତାରିଖ ଗୁରୁବାର ଦିନ ଶିକ୍ଷାକେନ୍ଦ୍ର ପରିସରରେ ବୈଠକ ବସିଥିଲା । ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ଡ଼. ଦିଲିପ କୁମାର ଦୀକ୍ଷିତ ଉକ୍ତ ବୈଠକରେ ଅଧକ୍ଷତା କରି, ଏଥିପାଇଁ ବାରମ୍ବାର ପୁର୍ବରୁ ବୈଠକ ବସିଛି ତେବେ ଏହାର ଅଗ୍ରଗତି ସମ୍ପର୍କରେ ଜଣାଇବା ପାଇଁ ଆବାହକ ଅଶୋକ କୁମାର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପ୍ଲାଟିନମ୍ ଜୁବୁଲି ପାଇଁ ବର୍ତମାନ ସୁଦ୍ଧା ଦେଢ଼ଲକ୍ଷ ଟଙ୍କା ସଂଗୃହିତ ହୋଇ ସାରିଥିବାର ଶ୍ରୀଯୁକ୍ତ ମହାନ୍ତି ତାଙ୍କର ବକ୍ତବ୍ୟରେ କହିବା ସହ ପ୍ରସ୍ତୁତି ପର୍ବର ରୂପରେଖ ଓ ଏହାର ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପ୍ରହ୍ଲାଦ ଦାସ, ଶରତ ଚନ୍ଦ୍ର ଦାସ, ପ୍ରଭାତ ପରିଡ଼ା, ବସନ୍ତ କୁମାର ପରିଡ଼ା, ଡ଼ା. ଶଚ୍ଚିଦାନନ୍ଦ ପରିଡ଼ା, କ୍ଷୀରୋଦ ମହାନ୍ତି , ହିମାଦ୍ରୀ ଶେଖର ପାଲ, କଲ୍ଲୋଳ ସିଂ ପ୍ରମୁଖ ନିଜ ନିଜର ମତାମତ ଉପସ୍ଥାପନ କରି ଫେବୃଆରୀ



ମାସ ମାଟ୍ରିକ ପରୀକ୍ଷା ରହୁଥିବାରୁ ଏହାକୁ ମାର୍ଚ୍ଚ ମାସକୁ ଘୁଂଚାଇବାକୁ ପରାମର୍ଶ ଦେଇଥିଲେ । ଶେଷରେ ମାର୍ଚ୍ଚମାସ ୮ ଓ ୯ ତାରିଖକୁ ଦିନ ଧାର୍ଯ୍ୟ ହେଲା ବୋଲି ଘୋଷଣା କରାଯିବା ସହ ଅର୍ଥକୁ ଦେଖି ଏହାକୁ ଆଉ ଗୋଟିଏଦିନ ବଢ଼ାଯାଇପାରେ ବୋଲି ନିଷ୍ପତି ନିଆଗଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo